


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-210 ♦SUNDAY ♦25 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୧୦ ♦ରବିବାର ♦୨୫ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


## ବିବାହ ଉତ୍ସବରେ ଆତ୍ମଘାତୀ ବିସ୍ଫୋରଣ; ୭ ମୃତ

■ ଡେରା ଇସ୍ମାଇଲ ଖାନ୍, ୨୪।୧ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସମାଇଲ ଖାନ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲେ। ଏଥିରେ ଅତିକମ୍‌ରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ଶାନ୍ତି କମିଟି ସଦସ୍ୟ ନୁର ଆଲମ ମେହସୁଦଙ୍କ ବାସଭବନରେ ଏକ ବିବାହ ଉତ୍ସବ ସମୟରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପୀଡିତଙ୍କ ଉଦ୍ଧାର କର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିବାହ ଶୋଭାଯାତ୍ରାରେ ଲୋକମାନେ ନାଚୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଖାଇବର ପଖତୁନଖ୍ୱାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମୀଙ୍କ ମୁଖପାତ୍ର ବିଲାଲ ଅହମ୍ମଦ ଫୈଜଙ୍କ ଅନୁଯାୟୀ, ମୃତକଙ୍କ ମୃତଦେହ ଓ ଆହତଙ୍କୁ ▶ପୃଷ୍ଠା-୭



## ପାକିସ୍ତାନରେ ହିମସ୍ଖଳନ; ଗୋଟିଏ ପରିବାରର ୯ ମୃତ

■ ପେଶାୱାର, ୨୪।୧ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱା ରାଜ୍ୟର ଏକ ପାର୍ବତମୟ ଜିଲ୍ଲାରେ ଶୁକ୍ରବାର ଏକ ଘର ଉପରେ ଅଚାନକ ହିମସ୍ଖଳନ ଘଟିଥିଲା। ଏଥିରେ ଅତିକମ୍‌ରେ ଗୋଟିଏ ପରିବାରର ୯ ଜଣ ମୃତ୍ୟୁବରଣ କରିଛନ୍ତି। ଜଣେ ଆହତ ହୋଇଥିବା ଶିଶୁକୁ ଉଦ୍ଧାର କରାଯାଇଛି। ନିମ୍ନ ଚିତ୍ରାଲ ଜିଲ୍ଲାର ଆରଣ୍ଡୁ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକଙ୍କ ମୃତଦେହଗୁଡିକୁ ମଧ୍ୟ ଉଦ୍ଧାର କରାଯାଇଛି ଓ ଏଗୁଡ଼ିକୁ ଦ୍ରୋଶକୁ କବର ଦେବା ପାଇଁ ନିଆଯାଇଛି। ଆହତ ଶିଶୁକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡେପୁଟି କମିଶନରଙ୍କ କାର୍ଯ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ପ୍ରବଳ ଥଣ୍ଡା ଓ ତୁଷାରପାତ ଯୋଗୁଁ ଜରୁରୀକାଳୀନ ପରିସ୍ଥିତ ଉପୁଜିଛି। ତୁଷାରପାତ ଓ ହିମସ୍ଖଳନ କାରଣରୁ ଖାଇବର ପଖଜୁନଖ୍ୱା, ବେଲୁଚିସ୍ତାନ, ଗିଲିକିଟ-ବାଲ୍ଟିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ▶ପୃଷ୍ଠା-୭



# ଜଳ ସଙ୍କଟରେ ଅଧାବିଶ୍ୱ

## ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁରେ ଜଳାଭାବ ■ ମରୁଡ଼ିର ଦ୍ୱାରଦେଶରେ ଚେନ୍ନଇ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଆର୍ଥାତ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟ ରହିଛନ୍ତି। ଜାତିସଙ୍ଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦ୍‌ବେଗଜନକ ତଥ୍ୟ ଦିଆଯାଇଛି। କେବେଳ ସେତିକି ନୁହେଁ; ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଓ ରିଓ ଭଳି ସହର ଅନ୍ତର୍ଭୁକ୍ତ।

ରିପୋର୍ଟ ଅନୁଯାୟୀ, ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବଇ ଦ୍ୱାଦଶ, ବେଙ୍ଗାଲୁରୁ ୨୪ତମ ଓ ଚେନ୍ନଇ ୨୯ତମ ସ୍ଥାନରେ ରହିଛି। ହାଇଦରାବାଦ, ଅହମଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।



ଆଫଗାନିସ୍ତାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି।

ରିପୋର୍ଟ ଅନୁଯାୟୀ, ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖିଯାଉଛି। ଜମି କମିଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମିର ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମ୍‌ରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମୁରୁଡ଼ିର ସମ୍ମୁଖୀନ ହେଉଛି ଓ 'ଡେ ଜିରୋ' ଅର୍ଥାତ 'ଶୂନ୍ୟ ଦିନ'ର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ୍ ଟାଉନ ଓ ଚେନ୍ନଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଙ୍ଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କାଭେ ମଦାନୀ କହିଛନ୍ତି ଯେ, ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦର ▶ପୃଷ୍ଠା-୭

### ଟି-୨୦ ବିଶ୍ୱକପ୍ ପୂର୍ବରୁ ବଢ଼ିଲା ବିତର୍କ

## ବାଂଲାଦେଶ ବିଦା; ଓହରିବ ପାକିସ୍ତାନ




■ କରାଚି, ୨୪।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଶେଷ ମୁହୂର୍ତ୍ତରେ ମନା କରିବାରୁ ବାଂଲାଦେଶକୁ ବାଦ୍ ଦିଆଯାଇଛି। ଭାରତରେ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲଦେଶ କ୍ରିକେଟ ବୋର୍ଡ ଯେଉଁ ସମୟରେ ଭେନ୍ୟୁ ପରିବର୍ତ୍ତନ କରିବାକୁ ଦାବି କରିଥିଲା ତାହା ଆଇସିସି ଦ୍ୱାରା ଗ୍ରହଣୀୟ ହୋଇନାହିଁ। ଯାହା ଫଳରେ ଆଇସିସିର ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ ବୋର୍ଡ ବାଂଲାଦେଶ ସ୍ଥାନରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ଭାଗନେବାକୁ ଆମନ୍ତ୍ରଣ କରିଛନ୍ତି। ଆଇସିସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ବାଂଲାଦେଶର ଦାବିକୁ ଶେଷ ମୁହୂର୍ତ୍ତରେ ସମର୍ଥନ ଜଣାଇଥିବା ପାକିସ୍ତାନ ଆଇସିସିର ଏହି ନିଷ୍ପତ୍ତି ପରେ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି। ପାକିସ୍ତାନର ଗୃହମନ୍ତ୍ରୀ ଥିବା ମୋହସିନ ନକ୍‌ଭୀ ଏବେ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ଅଛନ୍ତି। ବାଂଲାଦେଶକୁ ଆଇସିସି ବିଦା କରିବା ଘଟଣା ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ନକ୍‌ଭୀ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପରେ ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବ କି ନାହିଁ ତାହାର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି। ସରିଫ ଏବେ ଦେଶ ବାହାରେ ଅଛନ୍ତି। ସେ ସ୍ୱଦେଶ ଫେରିବା ପରେ ସରକାର ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆମେ ମାନିନେବୁ ବୋଲି ନକ୍‌ଭୀ କହିଛନ୍ତି। ପୂର୍ବରୁ ବାଂଲାଦେଶକୁ ସମର୍ଥନ କରିବ, କିନ୍ତୁ ବିଶ୍ୱକପ୍‌ରୁ ଓହରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ କହିଥିଲା। ଏବେ କିନ୍ତୁ ▶ପୃଷ୍ଠା-୭


**ଟୁର୍ଣ୍ଣାମେଣ୍ଟରେ ସ୍କଟ୍‌ଲାଣ୍ଡକୁ ସାମିଲ୍ କଲା ଆଇସିସି**

### କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ନେଇ ତୀବ୍ର ପ୍ରତିକ୍ରିୟା

## ଖାଇବା ସ୍ଥିର କରିବେ କି ଜିଲ୍ଲାପାଳ !

■ ଭୁବନେଶ୍ୱର, ୨୪।୧ (ସମିସ): ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୋରାପୁଟ ଜିଲ୍ଲାପାଳଙ୍କ ଏକ ନିର୍ଦ୍ଦେଶନାମାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିଦିନ ଜିଲ୍ଲାବ୍ୟାପୀ ମାଂସ, ଚିକେନ, ମାଛ, ଅଣ୍ଡା ସହ ଅନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ହୋଇପାରିବ ନାହିଁ। ଏପରି ଖାଦ୍ୟ ଦ୍ରବ୍ୟ ବିକ୍ରି ଆସନ୍ତା ୨୬ ତାରିଖରେ ବନ୍ଦ ରଖିବାକୁ ଜିଲ୍ଲାପାଳ ସମସ୍ତ ତହସିଲଦାର, ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମାକୁ ଲୋକେ ପାଗଳାମୀ ବୋଲି କହୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ବୁଦ୍ଧିଜୀବୀ ମହଲ ପକ୍ଷରୁ ଏହାର କଡ଼ା ସମାଲୋଚନା କରାଯାଇଛି। କିଏ କେଉଁ ଦିନ କ'ଣ ଖାଇବ, ତାହା ସ୍ଥିର କରିବାର କ୍ଷମତା ଜିଲ୍ଲାପାଳଙ୍କୁ କିଏ ଦେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପାଳ ତୁରନ୍ତ ଏହି ବିବାଦୀୟ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବାକୁ ଦାବି ଜୋର୍ ଧରିଛି।

**ସାଧାରଣତନ୍ତ୍ର ଦିବସରେ ଆମିଷ ବିକ୍ରି ନିଷେଧ**


COLLECTORATE, KORAPUT
(General & Miscellaneous Section)

To,
All Tahsildars of Koraput District.
All Block Development Officers of Koraput District.
All Executive Officers of Koraput District.

Sub:- Prohibition on selling of Meat, Chicken, Fish, egg, etc and non-vegetarian food on the occasion of 77th Republic Day Celebration thereof.

Madam/Sir,

With reference to the subject cited above, you are hereby requested to issue an official notification in your jurisdiction prohibiting sale of Meat, Chicken, Fish, egg, etc and other non-vegetarian items on 26th January 2026 for the occasion of 77th Republic Day Celebration in Koraput District.

I am looking forward to your prompt action on this matter.

Yours faithfully,

Collector & DM Koraput

କୋରାପୁଟ ଜିଲ୍ଲା ପ୍ରଶାସନର ଏପରି ନିର୍ଦ୍ଦେଶନାମା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଏନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶବ୍ୟାପୀ କୌଣସି ରାଜ୍ୟରେ ସାଧାରଣତନ୍ତ୍ର ଦିବସରେ ଏପରି ନିର୍ଦ୍ଦେଶନାମା ଜାରି କରିବାର ନଜିର୍ ନାହିଁ। ଆଇନରେ ମଧ୍ୟ ଏନେଇ କୌଣସି ପ୍ରାବଧାନ ନାହିଁ। ଏପଟେ ରାଜ୍ୟ ସରକାର ମଧ୍ୟ ଜିଲ୍ଲାପାଳମାନଙ୍କ ଉଦ୍ଦେଶ୍ୟରେ ଏପରି କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ତାହେଲେ କେଉଁ କ୍ଷମତା ବଳରେ, କାହା କଥାରେ କୋରାପୁଟ ଜିଲ୍ଲାପାଳ ଉପରୋକ୍ତ ନିଷ୍ପତ୍ତି ନେଲେ ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛନ୍ତି। ସୁରକ୍ଷା, ଭିଡ଼ ଦୃଷ୍ଟିରୁ ଜିଲ୍ଲାସ୍ତରୀୟ ପରେଡ୍ ଅଞ୍ଚଳରେ ସାମୟିକ ସମୟ ପାଇଁ ଜିଲ୍ଲାପାଳ ଯଦି ଏପରି କଟକଣା ଜାରି କରିଥା'ନ୍ତେ, ତା'ହେଲେ ହୁଏତ ଏନେଇ ଏତେଟା ▶ପୃଷ୍ଠା-୭

### ୨୮ରେ ବଜେଟ ଅଧିବେଶନ

## ୨୭ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୮ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସୁରୁଖୁରୁରେ ଗୃହ ଚଳାଇବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବଜେଟ ଦିନକ ପୂର୍ବରୁ ୨୭ ତାରିଖରେ ସରକାର ସର୍ବଦଳୀୟ ବୈଠକ ଡକାଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଡକାଇଥିବା ଏହି ବୈଠକ ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନର ଆନେକ୍ସି ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ବିରୋଧୀ ଏବଂ ସରକାର ଅଧିବେଶନର ଏଜେଣ୍ଡା ଉପରେ ନିଜ ନିଜ ରାୟ ରଖିବେ। ସଂସଦର କାର୍ଯ୍ୟସୂଚୀ ଏବଂ ଅଧିବେଶନର ଉତ୍ଥାପନ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଚର୍ଚ୍ଚା କରାଯିବ। ସବୁ ଦଳର ରାୟ ଜାଣିବା ଏବଂ ହଙ୍ଗାମା ବିନା ଗୃହ ଚଳାଇବା ଏହି ବୈଠକର ଉଦ୍ଦେଶ୍ୟ।



ମନରେଗା ବଦଳରେ ସରକାର ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ (ଭିବି ଜି-ରାମ-ଜି)କୁ ନେଇ ବିରୋଧୀ କଂଗ୍ରେସ ସାରା ଦେଶରେ ଅଭିଯାନ ଚଳାଉଥିବା ବେଳେ ଏହି ▶ପୃଷ୍ଠା-୭

### ନୂଆ ବଜେଟ ପାଇଁ ପାଗ ଭିଡୁଛନ୍ତି ସରକାର

## ଆର୍ଥିକ ପରିଚାଳନା ଚିନ୍ତାଜନକ, ପୁଞ୍ଜି ବ୍ୟୟ ହ୍ରାସ

■ ଭୁବନେଶ୍ୱର, ୨୪।୧ (ସମିସ): ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ଏହିକ୍ରମରେ ଆସନ୍ତା ୨୧ ତାରିଖ ଯାଏଁ ଅର୍ଥ ବିଭାଗ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ଅର୍ଥ ବିଭାଗ ମତାମତ ଲୋଡ଼ିଛି। ତେବେ ସମାବେଶୀ ବିକାଶ ଲକ୍ଷ୍ୟ ପୂରଣ କରିବା ଉଦ୍ଦେଶ୍ୟରେ ଆସନ୍ତା ଆର୍ଥିକ ବର୍ଷର ବଜେଟ ଅଟକଳ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡୁଥିବା ବେଳେ ରାଜ୍ୟରେ ଆର୍ଥିକ ପରିଚାଳନା ଓ ପୁଞ୍ଜି ବ୍ୟୟକୁ ନେଇ ବିଶେଷଜ୍ଞ ମହଲ ଚିନ୍ତା ପ୍ରକଟ କରିଛନ୍ତି।

ରାଜ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଅନୁଦାନ ଖର୍ଚ୍ଚ ଆଖିଦୃଶିଆ ହୋଇପାରି ନାହିଁ। କେବଳ ସାମଗ୍ରିକ ବଜେଟ ଅର୍ଥ ବ୍ୟୟ ନୁହେଁ; ପୁଞ୍ଜି ବ୍ୟୟ ମଧ୍ୟ ଗତବର୍ଷ ତୁଳନାରେ ୧୫ ପ୍ରତିଶତ କମ୍ ହୋଇଥିବା ଜଣାପଡ଼ିଛି। ଗତ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୪୯ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୪୨ ହଜାର ୨୨୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ମୋଟ ବଜେଟ ବ୍ୟୟ ସାଙ୍ଗକୁ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ଆର୍ଥିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୃଣମୂଳସ୍ତରରେ ଉନ୍ନୟନମୂଳକ କାମ୍ ସଠିକ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ନ ହେବା, ବିଳମ୍ବରେ ଅନୁମୋଦନ ଲାଭ କରିବା ଏହାର ପ୍ରମୁଖ କାରଣ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସମାନ ଅବଧି ସମୟରେ ରାଜ୍ୟ ସରକାର ମୋଟ ବଜେଟର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିଲେ। ପୂର୍ବରୁ ଗତ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ ▶ପୃଷ୍ଠା-୭

**ଗତବର୍ଷ ତୁଳନାରେ ଡିସେମ୍ବର ସୁଦ୍ଧା ୧୫ ପ୍ରତିଶତ କମ୍ ଅର୍ଥ ଖର୍ଚ୍ଚ**

**ମୋଟ ବଜେଟ ବ୍ୟୟ ଅଟକଳର ୬୦ ପ୍ରତିଶତ ବି ଖର୍ଚ୍ଚ ହୋଇନି**

**ତୃଣମୂଳସ୍ତରରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦାୟୀ କଲେ ବିଶେଷଜ୍ଞ**

### ସପ୍ତାହକୁ ୫ ଦିନିଆ କାର୍ଯ୍ୟ ଦିବସ ଦାବି

## ୨୭ରୁ ବ୍ୟାଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୭ ତାରିଖରୁ ପୁଣି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ହେବାକୁ ଯାଉଛି। ଦୀର୍ଘ ଦିନର ଦାବି ପୂରଣ ପାଇଁ ବ୍ୟାଙ୍କ କର୍ମଚାରୀ ସଂଘ ଏହି ନିଷ୍ପତ୍ତି ନେଇଛି। ସେମାନେ ସପ୍ତାହକୁ ୫ ଦିନିଆ କାର୍ଯ୍ୟ ଦିବସ ନିୟମ କରିବାକୁ ଦାବି କରିଛନ୍ତି। ଶନିବାର ଏବଂ ରବିବାର ବ୍ୟାଙ୍କ ବନ୍ଦ ରହୁ ବୋଲି କର୍ମଚାରୀ ଚାହୁଁଛନ୍ତି। ଯଦି ଏହି ଧର୍ମଘଟ ହୁଏ ତେବେ ସାରା ଦେଶରେ ବ୍ୟାଙ୍କ ପରିଚାଳନା ଠପ ହୋଇଯିବ। ୨୫ ଏବଂ ୨୬ ତାରିଖରେ ଛୁଟି ପଡୁଥିବାରୁ ୨୭ ତାରିଖରେ ବ୍ୟାଙ୍କ ବନ୍ଦ ରହିଲେ ଲୋକଙ୍କ ଜରୁରୀ କାର୍ଯ୍ୟ ହୋଇପାରିବନି। ଏ ବିଷୟରେ ସରକାରୀ ବ୍ୟାଙ୍କ ଗୁଡ଼ିକ ନିଜ ଗ୍ରାହକଙ୍କୁ ଜଣାଇ ସାରିଲେଣି। ଯଦି ଧର୍ମଘଟ ହୁଏ ତେବେ ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି କହିଛନ୍ତି। ୟୁଏଫବିୟୁ ଦ୍ୱାରା ପ୍ରଦାନ କରାଯାଇଥିବା ଧର୍ମଘଟ ନୋଟିସର ▶ପୃଷ୍ଠା-୭

## ବାଘ ସହ ୧୦ ମିନିଟ୍ ଲଢ଼େଇ

### ଆଖି ବୁଜିଲା ବାଘ; ଗୁରୁତର ଯୁବକ ଏସ୍‌ସିବିରେ ଭର୍ତ୍ତି



■ ନରସିଂହପୁର, ୨୪।୧ (ସମିସ): ବାଘକୁ ସାମ୍ନାରେ ଦେଖିଲେ ମଣିଷର ଅଧାରକ୍ତ ଶୁଖିଯାଏ। ମୁକାବିଲା କରିବା ତ ଦୂରର କଥା, ଜୀବନ ବିକଳରେ ଠାକୁରଙ୍କୁ ପ୍ରାର୍ଥନା କରି ଜୀବନ ଭିକ୍ଷା କରିଥାଏ। କିନ୍ତୁ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଜଣେ ଯୁବକ ଏହି ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ବାଘ ସହ ପାଖାପାଖି ୧୦ ମିନିଟ୍ ଧରି ସାହସିକତାର ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଛନ୍ତି। ସେ ହେଲେ, ଜୟପୁର ଗ୍ରାମର ଶୁଭ୍ରାଂଶୁ ଭୋଳ (୨୬)। ଏହି ଲଢ଼େଇରେ ବାଘକୁ ନିଜ ଜୀବନ ହାରିବାକୁ ପଡ଼ିଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବାଘ ଆକ୍ରମଣରେ ଗୁରୁତର ଶୁଭ୍ରାଂଶୁଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଶୁଭ୍ରାଂଶୁଙ୍କୁ ସେଠାରେ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ଏହାସହ ଡାକ୍ତରଙ୍କ ସହ ତାଙ୍କ ଚିକିତ୍ସା ବାବଦରେ ଆଲୋଚନା କରିଥିଲେ।

ସୂଚନାନୁଯାୟୀ, ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ▶ପୃଷ୍ଠା-୭




# ଆକ୍ରମଣ ଭୀଷଣ ହେବ: ଟ୍ରମ୍ପ



ଦ୍ରୁତଗତିରେ ଇରାନ ଆଡ଼କୁ ମାଡ଼ି ଆସୁଛି ଯୁଦ୍ଧ ଜାହାଜ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ଓ ଇରାନ୍ ମଧ୍ୟରେ କ୍ରମାଗତ ଭାବେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ସାମାରିକ କାର୍ଯ୍ୟାନୁଷ୍ଠାନ ବିକଳ୍ପ ବିଷୟରେ ବିଚାର କରୁଛନ୍ତି ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ତା'ର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରିଛି। ଟ୍ରମ୍ପ ଏଭଳି ଏକ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି, ଯାହା ନିର୍ଣ୍ଣାୟକ ହେବ ଓ ଇରାନ ଏହାକୁ ସବୁଦିନେ ମନେ ରଖିବ ବୋଲି କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ଓ ହ୍ୱାଇଟ୍ ହାଉସ୍ ଏ ନେଇ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଇରାନରେ ଶାସନାଧୀନ ସରକାରଙ୍କୁ ମୂଳୋତ୍ପାଟନ କରିବା ଲକ୍ଷ୍ୟ ରହିଛି। ଇତିମଧ୍ୟରେ ଆମେରିକୀୟ ଯୁଦ୍ଧଜାହାଜ ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ଶନିବାର ସୁଦ୍ଧା ମଧ୍ୟପ୍ରାଚ୍ୟ ପହଞ୍ଚିବାର ସମ୍ଭାବନା ରହିଛି। ଫଳରେ ଇରାନ ଉପରେ ଆମେରିକା ଅତର୍କିତ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଆକ୍ରମଣ ଭୀଷଣ ହେବ ବୋଲି ଟ୍ରମ୍ପ ଧମକ ମଧ୍ୟ ଦେଇଛନ୍ତି।

ଇରାନ ମଧ୍ୟ ଆମେରିକା ଆକ୍ରମଣ କଡ଼ା ଜବାବ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି ବୋଲି କହିଛି। ଇରାନ ସୁପ୍ରିମକୋର୍ଟ ପରିଷଦର ଜାଭଦ ଆକବରୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ସାମିରିକ ଘାଟି ଇରାନ ଟାର୍ଗେଟରେ ରହିଛି। ପାଲଟା ଆକ୍ରମଣ କରିବାକୁ ଆମ କ୍ଷେପଣାସ୍ତ୍ର ପସ୍ତୁତ ରହିଛି। ଅନ୍ୟପଟେ ଇରାନର ଏକାଧିକ ସହର ୟୁଏସ୍ଏସ୍ ଆବ୍ରହାମ ଲିଙ୍କନ ଆକ୍ରମଣର ପରିସରରେ ଅଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଜାହାଜ ଆରବ ସାଗରରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସିଇଏନ୍ସିଓଏମ୍) ଜୋନରେ ପ୍ରବେଶ କରିଛି। ଏଥିସହ ଏକ ଆମେରିକୀୟ ସି-୩୭ବି ବିମାନ ମଧ୍ୟ ଇରାନର ଉତ୍ତରରେ ତୁର୍କମେନିସ୍ତାନର ଆଶଗାବାତ ଘାଟିରେ ପହଞ୍ଚିଛି। ଏହି ଜାହାଜ ପୂର୍ବରୁ ଦକ୍ଷିଣ ଚୀନ ସାଗରରେ ନିୟୋଜିତ ଥିଲା। ଜାନୁଆରୀ ୧୮ରେ, ଏହା ମଲାକ୍କା ପ୍ରଣାଳୀ ପାର କରି ଭାରତ ମହାସାଗରରେ ପ୍ରବେଶ କରିଥିଲା। ଏବେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି।

## ଆମେରିକାରେ ପତ୍ନୀ ସମେତ ୪ଜଣ ସମ୍ପର୍କୀୟଙ୍କୁ ହତ୍ୟା କଲେ ଭାରତୀୟ ବଂଶୋଦ୍ଭବ

ଆଟଲାଣ୍ଟା, ୨୪ ।୧(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଏକ ସାମାନ୍ୟ ଝଗଡ଼ା ପରେ ସେ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୁଲିସ କହିଛି ଯେ, ଘରୋଇ ବିବାଦରୁ ଏହି ଘଟଣା ଘଟିଥିଲା। ଏହି ବ୍ୟକ୍ତି ହେଉଛନ୍ତି ୫୧ ବର୍ଷୀୟ ବିଜୟ କୁମାର। ବିଜୟଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଅଧିକାରୀ କହିଛନ୍ତି ଯେ, ଗୁଳିକାଣ୍ଡ ସମୟରେ ୩ ଜଣ ପିଲା ଘର ଭିତରେ ଥିଲେ। ସେମାନେ ନିଜକୁ ରକ୍ଷା କରିବାକୁ ଏକ ଆଲମାରୀରେ ଲୁଚି ରହିଥିଲେ। ସେମାନେ ହିଁ ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା



ଦେଇଥିଲେ। ଅଟଲାଣ୍ଟାରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ପୀଡିତଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛି ଯେ, ପାରିବାରିକ ବିବାଦ ସହିତ ଜଡ଼ିତ ଏହି ଗୁଳିକାଣ୍ଡ ଘଟଣାରେ ଆମେ ଗଭୀର ଭାବେ ଦୁଃଖିତ। ଶୁକ୍ରବାର ପୁଲିସକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଘରେ ଥିବା ୪ଜଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ମୃତକମାନେ ହେଲେ ବିଜୟ କୁମାରଙ୍କ ପତ୍ନୀ ୪୩ ବର୍ଷୀୟା ମିମୁ ଡୋଗରା, ୩୩ ବର୍ଷୀୟ ଗୌରବ କୁମାର, ୩୭ ବର୍ଷୀୟା ନିଧି ଚନ୍ଦର ଓ ୩୮ ବର୍ଷୀୟା ହରିଶ ଚନ୍ଦର। ପୁଲିସ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ତଦନ୍ତ କରୁଛି ବୋଲି କହିଛି।

## ପ୍ରଶାନ୍ତ ମହାସାଗରରେ ନୌକା ଉପରେ ଆମେରିକା ଆକ୍ରମଣ, ଦୁଇ ମୃତ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ପ୍ରାଶନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ପରିବହନ କରିବା ଅଭିଯୋଗରେ ଏକ ନୌକା ଉପରେ ଆକ୍ରମଣ କରିଛି। ଏଥିରେ ଦୁଇ ନର୍କୋ- ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି। ତେବେ ଜଣେ ଏହି ଆକ୍ରମଣରୁ ବଞ୍ଚି ଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ପିସ୍ ବୋର୍ଡ' ଚାର୍ଟରରେ ସ୍ୱାକ୍ଷର କରିବାର ମାତ୍ର ଦୁଇଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ବନ୍ଦୀ କରିବା ପରେ ଆମେରିକୀୟ ସେନା ପ୍ରଥମଥର ପାଇଁ ଏ ଭଳି ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିସହ ଗତ ୫ ମାସ ମଧ୍ୟରେ ଦକ୍ଷିଣ ଆମେରିକୀୟ ଜଳ ସୀମାରେ ତଥାକଥିତ ଡ୍ରଗ୍ସ ବାହକଙ୍କ ଉପରେ ଆମେରିକାର ଏହା ୩୬ତମ ଆକ୍ରମଣ ଘଟଣା। ଏଭଳି ଆକ୍ରମଣରେ ଏପର୍ଯ୍ୟନ୍ତ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି। କାରିବିୟାନ ସାଗରରେ ଅଧିକାଂଶ ଥର ଏଭଳି ଆକ୍ରମଣ କରାଯାଇଛି। ଗତ ଡିସେମ୍ବରରେ ମଧ୍ୟ ଆମେରିକା ସେନା ଦ୍ୱାରା ସମାନ ଆକ୍ରମଣର ରିପୋର୍ଟ ହସ୍ତଗତ ହୋଇଥିଲା।

## ବିଜେପିକୁ ଜରିମାନା କଲା ବିଜେପିର ନଗର ନିଗମ

ତିରୁଅନନ୍ତପୁରମ, ୨୪ ।୧(ଏଜେନ୍ସି): ବିଜେପି ଅଧିନରେ ଥିବା କେରଳର ତିରୁଅନନ୍ତପୁରମ ନଗର ନିଗମ ବିଜେପି ଉପରେ ହିଁ ଜରିମାନା ଲାଗୁ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ସମୟରେ ସହରର ଫୁଟପାଥରେ ଫ୍ଲେକ୍ସ ବୋର୍ଡ ଲଗାଇବା କାରଣରୁ ନଗର ନିଗମ ବିଜେପି ଉପରେ ୧୯.୭ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛି। ନଗର ନିଗମ ସଚିବଙ୍କ ଅଭିଯୋଗ ପରେ କ୍ୟାଣ୍ଟନମେଣ୍ଟ ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବିଜେପି ଜିଲ୍ଲା ସଭାପତି କରମଣା ଜୟନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ଡିସେମ୍ବରରେ ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ପାଳିକା ନିର୍ବାଚନରେ ବିଜେପି ସର୍ବାଧିକ ୫୦ଟି ଆସନ ଜିତିଥିଲା। ଏହାପରେ ଡିସେମ୍ବର ୨୬ରେ ବିଜେପି ଭିଭି ରାଜେଶଙ୍କୁ ମେୟର ନିଯୁକ୍ତ କରିଥିଲା। ଏଥିସହ ବିଜେପି କେରଳ ଇତିହାସରେ ପ୍ରଥମଥର ପାଇଁ ତିରୁଅନନ୍ତପୁରମର ମେୟର ନିଯୁକ୍ତ କରିଥିଲା। ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ମୋଟ୍ ୫୧ ଆସନ ସହ ବିଜେପି ଏହି ସଫଳତା ପାଇଥିଲା। ଦୀର୍ଘ ୪୫ ବର୍ଷ ଧରି ତିରୁଅନନ୍ତପୁରମ ନଗର ନିଗମ ବାମ ଲୋକତାନ୍ତ୍ରିକ ମୋର୍ଚ୍ଚା ଏଲ୍ଡିଏଫ୍ କବ୍ଜାରେ ଥିଲା। ଏଫ୍ଆଇଆର୍ରେ କେରଳ ହାଇକୋର୍ଟଙ୍କ ଅନେକ ନିର୍ଦ୍ଦେଶ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରାଯାଉଛି।

## ଗୋଟିଏ ବର୍ଷରେ ଚୀନ୍ କାନାଡ଼ାକୁ ଗିଳି ଯିବ: ଟ୍ରମ୍ପ

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପଡୋଶୀ କାନାଡ଼ା ଓ ତ'ର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଉପରେ ଅସନ୍ତୋଷ ଜାରି କରିଛନ୍ତି। ଚୀନ୍ ଗୋଟିଏ ବର୍ଷ ମଧ୍ୟରେ କାନାଡ଼ାକୁ ଗିଳି ଦେବ ବୋଲି ସେ ସତର୍କ କରାଇଦେଇଛନ୍ତି। ଏବେ କାନାଡ଼ା ଆମେରିକା ସହିତ ନୁହେଁ ବରଂ ଚୀନ ସହ ମିତ୍ରତା କରୁଛି। ଏହାର ପରିଣାମ କାନାଡ଼ା ହିଁ ଭୋଗିବ। କାନାଡ଼ର ଭୁଲ ନୀତି କରାଣରୁ ସମଗ୍ର ଉତ୍ତର ଆମେରିକା ପାଇଁ ବିପଦ ସୃଷ୍ଟି ହୋଇଛି। ପୁଣି ଚୀନ ସହ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରି କାନାଡ଼ା ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଗୋଟିଏ ବର୍ଷ ପୂର୍ବରୁ କାର୍ଣ୍ଣି ଚୀନକୁ ଏକ ବଡ଼ ବିପଦ ଭାବେ ବର୍ଣ୍ଣନା କରୁଥିଲେ। କିନ୍ତୁ ଏବେ ସ୍ଥିତି ବଦଳି ଯାଇଛି। ଯଦି କାନାଡ଼ା ସତର୍କ ନ ରହେ, ତେବେ ଚୀନ୍ କାନାଡ଼ା ପାଇଁ ବିପଦ ସୃଷ୍ଟି କରିବ ବୋଲି ଟ୍ରମ୍ପ ସତର୍କ କରାଇ କହିଛନ୍ତି।

## ଆମେରିକାର ୧୫ଟି ରାଜ୍ୟରେ ତୁଷାର ଝଡ଼

ୱାସିଂଟନ, ୨୪ ।୧(ଏଜେନ୍ସି): ଆମେରିକାରେ ତୁଷାର ଝଡ଼ ଆରମ୍ଭ ହୋଇଯାଇଛି। ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ୧୫ଟି ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଦୁଇ ଦିନ ମଧ୍ୟରେ ୭ ହଜାରରୁ ଅଧିକ

- ଜରୁରୀକାଳୀନ ସ୍ଥିତି ଘୋଷଣା
- ସଙ୍କଟରେ ୨୦ କୋଟି ଲୋକ
- ୭, ୦୦୦ ବିମାନ ବାତିଲ୍



ବିମାନ ବାତିଲ କରାଯାଇଛି। ଜାତୀୟ ପାଣିପାଗ ସେବା (ଏନ୍ଡବ୍ଲୁଏସ୍) ଅନୁଯାୟୀ, ୨୦ କୋଟି ଲୋକ ଅର୍ଥାତ ଦୁଇ- ତୃତୀୟାଂଶ ଆମେରିକୀୟ ଏହି ତୁଷାର ଝଡ଼ ଦ୍ୱାରା ପ୍ରଭାବିତ ହୋଇପାରିନ୍ତି।

ଝଡ଼ ଭୟରେ ଲୋକ ଜିନିଷପତ୍ର କିଣିବାକୁ ବଜାରକୁ ଯାଉଛନ୍ତି। ଅନେକ ଦୋକାନରେ ପାଣି, ଅଣ୍ଡା, ବଟର ଓ ମାଂସ ସରି ଆସୁଛି। ପାଣିପାଗ ସେବା ସତର୍କ କରାଇଛି ଯେ, ଝଡ଼ ପ୍ରବଳ ତୁଷାରପାତ, ବର୍ଷା ଓ ଥଣ୍ଡା ଆଣିବ। ଏହା ସ୍ଥିତିକୁ ଅତ୍ୟନ୍ତ ବିପଜ୍ଜନକ କରିଦେବ। ପରିବହନ ଅଧିକାରୀମାନେ ସପ୍ତାହ ଶେଷରେ ଯାତ୍ରା ବିଳମ୍ବ ଓ ବାତିଲ ବିଷୟରେ ଚେତାବନୀ ଦେଇଛନ୍ତି। ଅନେକ ପ୍ରମୁଖ ସହରରେ ବିମାନ ବନ୍ଦର ପ୍ରଭାବିତ ହୋଇଛି। ଫ୍ଲାଇଟ୍ ଟ୍ରାକିଂ ଓ ୱେବସାଇଟ୍ ଫ୍ଲାଇଟଆୱାର ଅନୁଯାୟୀ, ଶନିବାର ଆମେରିକାରେ ୩୨୦୦ରୁ ଅଧିକ ଓ ରବିବାର ୪୮୦୦ ବିମାନ ଉଡ଼ାଣ ବାତିଲ କରାଯାଇଥିଲା। ପାଣିପାଗ ବିଭାଗ ଅନୁଯାୟୀ ଏହି ଝଡ଼ ଆମେରିକା ଉଚ୍ଚ ସମତଳ ଅଞ୍ଚଳରୁ ଆରମ୍ଭ ହେବ ଓ ଧିରେ ଧିରେ ପୂର୍ବ ଦିଗକୁ ଗତି କରିବ। ଫଳରେ ମେମ୍ଫିସ, ନାଶଭିଲ, ୱାସିଂଟନ ଡିସି, ବାଲ୍ଟିମୋର, ଫିଲାଡେଲଫିଆ ଓ ନ୍ୟୁୟର୍କ ଭଳି ସହରଗୁଡ଼ିକରେ ପ୍ରବଳ ତୁଷାରପାତ ହେବ। ଆମେରିକାର ଅନେକ ଅଞ୍ଚଳରେ ୧୦ରୁ ୧୪ ଇଞ୍ଚ୍ ତୁଷାରପାତ ହେବାର ସମ୍ଭାବନା ରହିଛି। ଏୟାର ଇଣ୍ଡିଆ ନ୍ୟୁୟର୍କ ଯିବାକୁ ଥିବା ବିମାନକୁ ବାତିଲ କରିବାକୁ ଘୋଷଣା କରିଛି। ତେବେ ସବୁ ପ୍ରକାର ସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଆମେରିକା ସରକାର ଘୋଷଣା କରିଛନ୍ତି।

## ରାଜସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ କମିଲା

ନୂଆଦିଲ୍ଲୀ, ୨୪ ।୧(ଏଜେନ୍ସି): ଦେଶର ଉତ୍ତର ଭାଗରେ ଥିବା ୩ଟି ରାଜ୍ୟ ଯଥା ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଗୁରୁବାର ଓ ଶୁକ୍ରବାର ତୁଷାରପାତ ଆରମ୍ଭ ହୋଇଥିଲା ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଜାରି ରହିଥିଲା। ଏବେ ସିମଲା, ମନାଲି, ମସୁରୀ ଓ କଟରା ସମସ୍ତ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ଉତ୍ତରାଖଣ୍ଡର ଉତ୍ତରକାଶୀ, ଚାମୋଲି ଓ ଡୋଡ଼ାରେ ୨୪ ଘଣ୍ଟା ଧରି ରହି ରହିକରି ତୁଷାରପାତ ହେଉଛି। ଫଳରେ ସମତଳ ଅଞ୍ଚଳରେ ଏକ ଫୁଟ ଓ ଉଚ୍ଚ ପାହାଡ଼ରେ ୨ରୁ ୩ ଫୁଟର ବରଫ ଜମି ରହିଛି। ତୁଷାରପାତ ଓ ବରଫ ଜମିବା କାରଣରୁ ଶୁକ୍ରବାର ଶ୍ରୀନଗର ବିମାନ ବନ୍ଦର ବନ୍ଦ ରହିଥିଲା। ତେବେ ଶନିବାର ସକାଳେ ପାଗ ସୁଧରିବା ପରେ ଶ୍ରୀନଗର ବିମାନ ବନ୍ଦରରେ ବିମାନ ଚଳାଚଳ ପୁଣି ଆରମ୍ଭ ହୋଇଛି। ବିମାନ ବନ୍ଦର

**ମାଉଣ୍ଟ ଆବୁରେ ବିଯୁକ୍ତ ୭ ଡିଗ୍ରୀ**

କର୍ତ୍ତୃପକ୍ଷ, ବିଆରଓ ସହିତ ମିଳିତ ଭାବରେ, ରନୱେକୁ କାର୍ଯ୍ୟକ୍ଷମ କରିବା ପାଇଁ ଆପ୍ରନ ଓ ଟ୍ୟାକ୍ସିୱେ ସଫା କରିଛି। ୪୪ ନମ୍ବର ଜାତୀୟ ରାଜପଥ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବନ୍ଦ ରହିଛି। ପାଣିପାଗ ବିଭାଗ ସମସ୍ତ ୩ଟି ରାଜ୍ୟ ଉଚ୍ଚ ଅଞ୍ଚଳଗୁଡ଼ିକରେ ହିମସ୍ଖଳନର ଚେତାବନୀ ଦେଇଛି। ଅନପଟେ ପଶ୍ଚିମା ଝଡ଼ ପ୍ରଭାବରେ କୁଆପଥର ବର୍ଷା ଓ ବର୍ଷା ପରେ ରାଜସ୍ଥାନରେ ତାପାମାତ୍ରା ୧୦ ଡିଗ୍ରୀ ହ୍ରାସ ପାଇଛି। ରାଜ୍ୟର ଏକମାତ୍ର ପାହାଡ଼ି ସ୍ଥାନ ବା ଶୈଳନିବାସ ମାଉଣ୍ଟ ଆବୁରେ ପାରଦ ବିଯୁକ୍ତ ୭ ଡିଗ୍ରୀରେ ପହଞ୍ଚିଛି। ସିକରରେ କାକର ଜମାଟ ବାନ୍ଧିଛି। ସେହିପରି ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶର ଅନେକ ଜିଲ୍ଲାରେ ମଧ୍ୟ ହାଲୁକା ବର୍ଷା ହୋଇଛି। ବର୍ଷା ପରେ ରାଜଧାନୀ ଦିଲ୍ଲୀରେ କୁହୁଡ଼ି ଓ ଧୂଆଁ ହଟିଛି। କିନ୍ତୁ ତାପମାତ୍ରା ୧୧ ଡିଗ୍ରୀରେ ପହଞ୍ଚିଛି। ପାହାଡ଼ରୁ ଆସୁଥିବା ତଣ୍ଡା ପବନ ଦିଲ୍ଲୀରେ ଶୀତ ବଢ଼ାଉଛି।

## ଏସ୍ଆଇଆର୍ ପାଇଁ ଦିନକୁ ୪ ଆତ୍ମହତ୍ୟା !

କୋଲକାତା, ୨୪ ।୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)କୁ ସମାଲୋଚନା କରିଛନ୍ତି। ଏସ୍ଆଇଆର ଚିନ୍ତା ଯୋଗୁଁ ପ୍ରତିଦିନ ୩ରୁ ୪ ଜଣ ଆତ୍ମହତ୍ୟା କରୁଛନ୍ତି। ଏପର୍ଯ୍ୟନ୍ତ ୧୧୦ରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ହସ୍ପିଟାଲରେ ୪୦ରୁ ୪୫ ଜଣ ଲୋକ ଜୀବନ ପାଇଁ ସଂଘର୍ଷ କରୁଛନ୍ତି।

- ଅଭିଯୋଗ ଆଣିଲେ ମମତା
- ୧୧୦ ମୃତ୍ୟୁବରଣ କଲେଣି
- କେନ୍ଦ୍ର, ନିର୍ବାଚନ କମିସନଙ୍କୁ ଦାୟୀ କଲେ



ଏତେ ବର୍ଷ ପରେ, ଆମକୁ କ'ଣ ପ୍ରମାଣ କରିବାକୁ ପଡ଼ିବ ଯେ, ଆମେ ଏହି ଦେଶର ନାଗରିକ? କୋଲକାତାର ରେଡ ରୋଡ଼ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଡିସେମ୍ବରରେ ପ୍ରକାଶିତ ହୋଇଥିବା ଡ୍ରାଫ୍ଟ ଭୋଟର ତାଲିକାରୁ ୮୫ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ମୋଟ ୭.୬ କୋଟି ଭୋଟରଙ୍କ ମଧ୍ୟରୁ ୧.୬୭ କୋଟି ଭୋଟରଙ୍କ ନାଗରିକତା ଉପରେ ପ୍ରଶ୍ନ ଉଠିଛି। ସେମାନଙ୍କୁ ସେମାନଙ୍କ କାଗଜପତ୍ରର ପୁନଃ ଯାଞ୍ଚ କରିବା ପାଇଁ ଶୁଣାଣି ନୋଟିସ ପଠାଯାଇଛି। ବୟସ୍କ ଲୋକ, ଏପରିକି ପ୍ରସିଦ୍ଧ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କୁ ମଧ୍ୟ ନୋଟିସ ପଠାଯାଇଛି। କେବଳ ସେତିକି ନୁହେଁ, ଠିକ୍ ଭାବେ ନିର୍ଦ୍ଦେଶ ପାଳନ ନକଲେ ବିଏଲ୍ଓମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରକ୍ରିୟା ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଲୋକସଭାରେ ବିରୋଧୀ ଦଳ ନେତା ତଥା ବିରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)କୁ ନେଇ ନିଜର ପୁରୁଣା ମନ୍ତବ୍ୟକୁ ଦୋହରାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଏସ୍ଆଇଆର୍କୁ ଭୋଟ ଚୋରିର ଏକ ମାଧ୍ୟମ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ, ଗୁଜରାଟରେ ଏସ୍ଆଇଆର୍ ଯାହା କିଛି କରାଯାଉଛି, ତାହା କୌଣସି ପ୍ରଶାସନିକ ପ୍ରକ୍ରିୟା ନୁହେଁ। ଏହା ଏକ ସୁନିୟୋଜିତ, ସଂଗଠିତ ଓ ରଣନୈତିକ ଭୋଟ ଚୋରି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଗୋଟିଏ ନାମରେ ହଜାର ହଜାର ଆପତ୍ତି ଦାଖଲ କରାଯାଇଛି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ କଂଗ୍ରେସର ସମର୍ଥିତ ବୁଥ୍ରୁ ବାଛି ବାଛି ଭୋଟ୍ କଟାଯାଉଛି। ଯେଉଁଠାରେ ବିଜେପି ହାରିବାର ଆଶଙ୍କା ରହିଛି, ସେଠାରେ ଭୋଟରଙ୍କୁ ସମ୍ପୂର୍ଣ୍ଣ ପ୍ରଣାଳୀରୁ ହଟାଇ ଦିଆଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏହା ଦେଖିବାକୁ ମିଳିଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ଦୋଷାରପ କରିଛନ୍ତି। ନିର୍ବାଚନ କମିସନ ଆଉ ଗଣତନ୍ତ୍ରର ରକ୍ଷକ ହୋଇ ରହିନାହିଁ, ବରଂ ଏହା ଭୋଟ ଚୋରି ଷଡ଼ଯନ୍ତ୍ରରେ ପ୍ରମୁଖ ସହଯୋଗୀ ପାଲଟିଛି ବୋଲି ରାହୁଲ ଗାନ୍ଧୀ କହିଛନ୍ତି।

## ଯୁଦ୍ଧବିରତି ଆଲୋଚନା ମଧ୍ୟରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ



କିଭ୍, ୨୪ ।୧(ଏଜେନ୍ସି): ଆମେକରିକାର ମଧ୍ୟସ୍ଥତାରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଦୋହାରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ନେଇ ଆଲୋଚନା ଚାଲି ଥିବା ବେଳେ ରୁଷିଆ ୟୁକ୍ରେନ ଉପରେ ପୁଣି ଏକ ବଡ଼ଧରଣର ଆକ୍ରମଣ କରିଛି। ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ଆକାଶମାର୍ଗରୁ ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଦ୍ୱାରା ଆକ୍ରମଣ କରିଛି। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ଦ୍ୱିତୀୟ ବୃହତ୍ତମ ସହର ଖାରକିଭ୍ରେ ଉପରେ ମଧ୍ୟ ଆକ୍ରମଣ କରିଛି ଓ ଏଥିରେ ୧୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ଫଳରେ ଯୁଦ୍ଧବିରତି ନେଇ ଚାଲିଥିବା ଆଲୋଚନା ବିଫଳ ହେବା ନିଶ୍ଚିତ ମନେ ହେଉଛି। ଦ୍ୱିତୀୟ ଦିନର ଆଲୋଚନା ପୂର୍ବରୁ ହିଁ ଏହି ଆକ୍ରମଣ ହୋଇଛି। ରୁଷିଆର ଆକ୍ରମଣ ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ୟୁକ୍ରେନ ସମାଲୋଚନା କରିଛି। ଶନିବାର ଆଲୋଚନା ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଶାନ୍ତି ପ୍ରତିଷ୍ଠା ପ୍ରତି ପୁତିନଙ୍କ ସ୍ପୃହା ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି ବୋଲି କୁହାଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧକୁ ରୋକିବା ପାଇଁ ଆମେରିକା ଉଭୟ ରୁଷିଆ ଓ ୟୁକ୍ରେନ ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଚାପ ପକାଇଆସୁଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରିନାହିଁ।

## କଂଗ୍ରେସ ସହ ଅପରେସନ ସିନ୍ଦୂର ନେଇ ଅସହମତି: ଥରୁର

ତିରୁଅନନ୍ତପୁରମ, ୨୪ ।୧(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ଶନିବାର ପୁଣି ଥରେ ଦଳ ସହ ଥିବା ତାଙ୍କ ସମ୍ପର୍କକୁ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। କଂଗ୍ରେସ ସହ ମୋର କୌଣସି ମତଭେଦ ନାହିଁ। ସଂସଦରେ କଂଗ୍ରେସର କୌଣସି ମତକୁ ବିରୋଧ କରିନାହିଁ। ଏକମାତ୍ର ପ୍ରସଙ୍ଗ ଥିଲା 'ଅପରେସନ ସିନ୍ଦୂର'। ଏହା ଉପରେ ନୀତିଗତ ଭାବେ ଭିନ୍ନ୍ ମତ ରଖିଥିଲି ବୋଲି ସେ କହିଛନ୍ତି। ଥରୁର କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଏକ ଦୃଢ଼ ମତାମତ ଦେଇଥିଲି। କିନ୍ତୁ ଏଥିପାଇଁ କ୍ଷମା ମାଗିବି ନାହିଁ। ପହଲଗାମ ଘଟଣା ପରେ, ମୁଁ ନିଜେ ଇଣ୍ଡିଆନ ଏକ୍ସପ୍ରେସରେ ସ୍ତମ୍ଭ ଲେଖିଥିଲି। ସେଥିରେ ମୁଁ କହିବାକୁ ପ୍ରୟାସ କରିଥିଲି ଯେ, ଏପରି ଘଟଣାକୁ ବିନା ଦଣ୍ଡରେ ଛଡ଼ା ଯାଇପାରିବ ନାହିଁ ଓ ଏହାର କଡ଼ା ଜବାବ ଦେବା ନିହାତି ଆବଶ୍ୟକ। ତିରୁଅନନ୍ତପୁରମର ସାଂସଦ ଥିବା ଥରୁର ଶନିବାର କୋଝିକୋଡ଼ରେ କେରଳ ସାହିତ୍ୟ ମହୋତ୍ସବ ସମୟରେ ଏହି ମନ୍ତବ୍ୟ ଦେଇଥିଲେ। ଅପରେସନ ସିନ୍ଦୂର ସମ୍ପର୍କରେ ଦୃଢ଼ ମତ ପୋଷଣ କରିଥିଲେ ମଧ୍ୟ ମୋର କୌଣସି ଅନୁତାପ ନାହିଁ। ଭାରତ ବିକାଶ ଉପରେ ଧ୍ୟାନ ଦେବା ଉଚିତ ଓ ପାକିସ୍ତାନ ସହ ଦୀର୍ଘକାଳୀନ ସଂଘର୍ଷରେ ଫସି ରହିବା ଉଚିତ ନୁହେଁ। ଯେଉଁ ପରାମର୍ଶ ଦେଇଥିଲେ ଭାରତ ସରକାର ଠିକ ତାହା କରିଥିଲେ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ଥାଇପାରେ, କିନ୍ତୁ ଜାତୀୟ ସ୍ୱାର୍ଥରେ କେବଳ ଭାରତ ଜିତିବା ଉଚିତ। କଂଗ୍ରେସର ଦଳୀୟ ନେତୃତ୍ୱକୁ ଯାହା କହିବାକୁ ଚାହୁଁଥିଲି ତାହା କହିସାରିଛି। ଏହାକୁ ନେଇ ସାର୍ବଜନୀନ ଭାବେ ଆଲୋଚନା କରିବା ମୋ ପାଇଁ ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନକୁ ପବିତ୍ର ବୋଲି ବିବେଚନା କରନ୍ତି। ସମ୍ବିଧାନକୁ ବିରୋଧ କରୁଥିବା ଆରଏସ୍ଏସ୍ ଭଳି ସଂଗଠନ ଏବେ ଏହାକୁ ଆପଣାଇଛନ୍ତି। ତେଣୁ ସମ୍ବିଧାନ ସମୟର କଷଟି ପଥରରେ ନିଜକୁ ପ୍ରମାଣିତ କରି ଆହୁରି ଦୃଢ଼ ହୋଇପାରିଛି ବୋଲି ଥରୁର କହିଛନ୍ତି।

## ୟୁପିର ୭୪ଟି ଜିଲ୍ଲା ବ୍ଲାକ୍ଆଉଟ୍, ଯୁଦ୍ଧ ସାଇରନ, ଡମି ମିସାଇଲ



ଲକ୍ଷ୍ନୌ, ୨୪ ।୧(ଏଜେନ୍ସି): ଉତ୍ତର ପ୍ରଦେଶର ୭୪ଟି ଜିଲ୍ଲାରେ ଶୁକ୍ରବାର ସନ୍ଧ୍ୟାରେ ବ୍ଲାକ୍ଆଉଟ୍ ଜାରି କରାଯାଇଥିଲା। ସାଇରନ ବାଜିବା ସହିତ ମକ୍ଡ୍ରିଲ୍ରେ ଅନ୍ଧାର ଛାଇ ଯାଇଥିଲା। ଗୋରଖପୁରରେ ଏକ ଡମି ମିସାଇଲ ପଡ଼ିଥିବା ବେଳେ, ବିସ୍ଫୋରଣ ଶବ୍ଦ ଶୁଣି ଲୋକମାନେ ଭୂଇଁ ଉପରେ ଶୋଇ ପଡ଼ିଥିଲେ। ବାରାଣସୀରେ ଏକ କୋଠାରେ ଫସି ରହିଥିବା ଜଣେ ମହିଳାଙ୍କୁ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅପରେସନ ସିନ୍ଦୂର ସମୟରେ ସମାନ ପ୍ରକାର ମକ୍ ଡ୍ରିଲ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌ ପୁଲିସ ଲାଇନ୍ସରୁ ଏହି ମକ୍ ଡ୍ରିଲର ତଦାରଖ କରିଥିଲେ ଓ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରଶଂସା କରିଥିଲେ। ସୁଭାଷ ବୋଷଙ୍କ ଜନ୍ମ ବାର୍ଷିକୀରେ ଉତ୍ତର ପ୍ରଦେଶରେ ୧୦ ମିନିଟ୍ ପାଇଁ ବ୍ଲାକ ଆଉଟ୍ ଜାରି କରାଯାଇଥିଲା। ଶତ୍ରୁଠାରୁ ସ୍ଥାନ ଲୁଚାଇବା ଓ ଯୁଦ୍ଧ ସମୟରେ ବିମାନ ଆକ୍ରମଣ ଭଳି ପରିସ୍ଥିତିରେ ସୁରକ୍ଷା ପ୍ରସ୍ତୁତ କରିବା ନେଇ ଆୟୋଜନ ହେଉଥିବା ଏହି ପ୍ରକ୍ରିୟାକୁ ମକ୍ ଡ୍ରିଲ କୁହାଯାଇଥାଏ। ଏଥିରେ ସିଭିଲ ଡିଫେନ୍ସ, ଏନ୍ଡିଆର୍ଏଫ୍, ହୋମଗାର୍ଡ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମକ୍ଡ୍ରିଲ୍ରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ପୂର୍ବରୁ ସମସ୍ତ ଜିଲ୍ଲାରେ ଏଥିପାଇଁ ସ୍ଥାନ ଚିହ୍ନଟ କରିଥିଲେ।

## ପ୍ରେକ୍ଷାଳୟରେ ବର୍ଡର-୨ର ଦମ୍ଦାର ଆରମ୍ଭ



ନୂଆଦିଲ୍ଲୀ, ୨୪ ।୧(ଏଜେନ୍ସି): ସନ୍ନି ଦେଓଲଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ବର୍ଡର-୨' ଶୁକ୍ରବାର ମୁକ୍ତିଲାଭ କରିବା ମାତ୍ରେ ହିଁ ଦମ୍ଦାର ଆରମ୍ଭ କରିଛି। ପାଖାପାଖି ୩୦ ବର୍ଷ ତଳେ ଅର୍ଥାତ ୧୯୯୭ରେ ଜେପି ଦତ୍ତାଙ୍କ ନିର୍ଦ୍ଦେଶନାରେ 'ବର୍ଡର' ଫିଲ୍ମ ମୁକ୍ତିଲାଭ କରି ବେଶ ଆଦୃତ ହେବା ସହ ସୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ଲୋକେ ଯୁଦ୍ଧକୁ ନେଇ ନିର୍ମିତ ହୋଇଥିବା ଏହି ସିନେମାକୁ ବହୁତ ପସନ୍ଦ କରିଥିଲେ। ଏବେ ଏହାର ସିକ୍ୱେଲ ବର୍ଡର-୨ ମୁକ୍ତି ଲାଭ କରିଛି। ଏହାକୁ ଲୋକେ ପସନ୍ଦ କରିବେ କି ନା ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଏହି ଆଶଙ୍କା ଦୂର ହୋଇଛି। ବର୍ଡର-୨ ଭଲ ବ୍ୟବସାୟ ଆରମ୍ଭ କରିଛି। ପ୍ରଥମ ଦିନରେ ହିଁ ଏହି ସିନେମା ୩୨.୧୦ କୋଟି ଟଙ୍କା ଆୟ କରିଛି ବୋଲି ଏହି ସିନେମାର ନିର୍ମାତାମାନେ ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଏହିଭଳି ବ୍ୟବସାୟ ବଜାୟ ରଖିଲେ ବର୍ଡର-୨ ସୁପର ହିଟ୍ ହେବ ବୋଲି କୁହାଯାଇପାରେ। ଏଥିରେ ସନି ଦେଓଲଙ୍କ ସହ ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟୀ, ମୋନା ସିଂ, ସୋନମ ବାଜେଜା, ଅନ୍ୟା ସିଂ ଓ ମେଧା ରାଣା ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନୁରାଗ ସିଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ରାଜଧାନୀର ଗାନ୍ଧୀମାର୍ଗରେ ପରେଡ୍ ଅଭ୍ୟାସ (ଫଟୋ-ସନ୍ତୋଷ)

## ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା
# ଧାନବାଦ୍‌ରୁ ୨ ଗିରଫ
### ଅଭିଯୁକ୍ତଙ୍କୁ ରାସ୍ତାରେ ଚଲାଇ ଚଲାଇ ନେଲା ପୁଲିସ

ବଡ଼ବିଲ, ୨୪।୧ (ସମିସ): ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରୁ ଡକାୟତି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାର ୫ଦିନ ପରେ ବଡ଼ବିଲ ପୁଲିସ ଝାଡ଼ଖଣ୍ଡ ଧାନବାଦରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କୁନାଲ ରାଜ ବର୍ମା ଏବଂ ରାଜକୁମାର ସିଂ। ସହରର ନିଲସା ଏବଂ ସିନ୍ଦ୍ରୀ ଅଞ୍ଚଳରେ ଚଢ଼ଉ କରି ଏମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦୁଇଟି ସ୍କର୍ପିଓ, ଚାରିଟି ମୋବାଇଲ୍, ୨୨୮ ଗ୍ରାମ୍ ସୁନା ଜବତ ହୋଇଛି। ଅପରପକ୍ଷେ, ସେମାନଙ୍କୁ ବଡ଼ବିଲ ଅଣାଯିବା ପରେ ସ୍ଥାନୀୟ ଏସ୍‌ଡିପିଓ କାର୍ଯ୍ୟାଳୟ ନିକଟରୁ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଯାଇଥିଲା।

ସୂଚନାନୁସାରେ, ଗତ ୧୯ ତାରିଖ ଦିନ ପ୍ରାୟ ୨ଟାରେ ୬ ଜଣ ମୁଖା ଓ ହେଲମେଟ୍‌ପିନ୍ଧା ଡକାୟତ ବଡ଼ବିଲ- କଳିଙ୍ଗ ରାସ୍ତାରେ ଥିବା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରେ ଧସେଇ ପଶିଥିଲେ। ସେମାନେ ବନ୍ଧୁକ ଦେଖାଇ ୬କେଜି ୪୦୦ ଗ୍ରାମ୍ ଓଜନର ସୁନା ଏବଂ ନଗଦ ୪ଲକ୍ଷ ୩୫ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ବ୍ୟାଙ୍କରୁ ସୁନା ଓ ଟଙ୍କା ଲୁଟ୍ କରିବା ପରେ ଅପରାଧୀମାନେ ଝାଡ଼ଖଣ୍ଡ ପଳାଇ ଯାଇଛନ୍ତି। ପୁଲିସର ୬ଟିଯାକ ଟିମ୍ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଖାନତଲାସି କରିଥିଲେ। ଦୀର୍ଘ ଚାରି ଦିନର ଅକ୍ଳାନ୍ତ ପରିଶ୍ରମ ପରେ ଧାନବାଦ ସହରରୁ ୨ ଡକାୟତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଛି। ସେଠାକାର ପୁଲିସ ସହଯୋଗରେ ଧାନବାଦର ନିଲସା ଥାନା ଅଧୀନ ମାଲଝରିଆ ରୋଡ୍‌ରେ ଥିବା ମା' କାମାକ୍ଷା ଗହଣା ଦୋକାନ ଏବଂ ସିନ୍ଦ୍ରୀରେ ଚଢ଼ଉ କରାଯାଇ ମୁଖ୍ୟ ଆସାମୀଦ୍ୱୟଙ୍କୁ ଗିରଫ କରାଯାଇଛି।



**ବନ୍ଧୁକ ଦେଖାଇ ଲୁଟିଥିଲେ ୫ କୋଟିର ଅଳଙ୍କାର**

## ୪ ଆସନରେ ରାଜ୍ୟସଭା ନିର୍ବାଚନ
# ହ୍ୱିପ୍ ଜାରି କରିପାରିବ ଦଳ
### ଅନୁଶାସନ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ; ରଦ୍ଦ ହେବନି ସଦସ୍ୟତା

ଭୁବନେଶ୍ୱର,୨୪।୧(ସମିସ): ଓଡ଼ିଶାରେ ଆସନ୍ତା ଏପ୍ରିଲ ମାସରେ ୪ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ଏହି ୪ଟି ଆସନରେ ସମ୍ଭାବ୍ୟ ପ୍ରାର୍ଥିତ୍ୱ ଏବଂ କେଉଁ ଦଳକୁ କେତେ ଆସନ ଯିବ, ତାକୁ ନେଇ ଗାଁରୁ ସହର ଯାଏଁ, ସାଧାରଣରେ ଆଲୋଚନା ଜୋର୍ ଧରିଲାଣି। ରାଜ୍ୟସଭା ନିର୍ବାଚନକୁ ନେଇ ସମସ୍ତେ ନିଜ ନିଜ ସ୍ତରରେ ଅଙ୍କ କଷିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍, ହ୍ୱିପ୍ ଅମାନ୍ୟ କଲେ ଭୋଟ ନାକଚ ଏବଂ ବିଧାୟକ ପଦ ରଦ୍ଦକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି।

ଏହି ପ୍ରସଙ୍ଗକୁ ନେଇ ସମ୍ବିଧାନ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇ ପାରିବ। ମାତ୍ର ହ୍ୱିପ୍ ବିରୋଧରେ ଭୋଟ ଦେଲେ, ତାହା ନାକଚ ହେବ ନାହିଁ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ଜଣେ ବିଧାୟକ ନିଜ ଦଳର ହ୍ୱିପ୍ ଅମାନ୍ୟ କରି 'କ୍ରସ୍-ଭୋଟିଂ' କରନ୍ତି, ସେହି ଭୋଟକୁ ଅବୈଧ ବା ନାକଚ କରାଯାଇପାରିବ ନାହିଁ। ସେହି ଭୋଟ୍ ଗଣତିରେ ସାମିଲ ହେବ। ଅପରପକ୍ଷେ ଦଳୀୟ ନିର୍ଦ୍ଦେଶ ଅମାନ୍ୟ ବିରୋଧରେ ସଂପୃକ୍ତ ବିଧାୟକଙ୍କୁ ଦଳ ନିଲମ୍ବନ କିମ୍ବା ବହିଷ୍କାର କରିପାରିବ; ମାତ୍ର ସେମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ।

ବିଶେଷଜ୍ଞଙ୍କ ଅନୁଯାୟୀ, ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ ଭୋଟ୍ ଦେଲେ ସମ୍ବିଧାନର 'ଦଶମ ଅନୁସୂଚୀ' ଅନୁସାରେ ହ୍ୱିପ୍ ଅମାନ୍ୟ କରିଥିବା ବିଧାୟକଙ୍କୁ ଦଳ ଚାହିଁଲେ ନିଲମ୍ବିତ କିମ୍ବା ବହିଷ୍କାର କରିପାରିବ। ତେବେ ଏହାଦ୍ୱାରା ବିଧାୟକ ପଦ ସିଧାସଳଖ ରଦ୍ଦ ହେବ ନାହିଁ। ବହିଷ୍କାର ପରେ ମଧ୍ୟ ସେହି ବିଧାୟକ ଜଣେ 'ସ୍ୱାଧୀନ' ବା 'ଦଳବିହୀନ' ସଦସ୍ୟ ଭାବେ ବିଧାନସଭାରେ ରହିପାରିବେ। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ସଂଖ୍ୟା ୫୬/ସିଏ-ଆଇ/୨୦୧୭ରେ ଏଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ତେବେ ଏହି ନିୟମ ଅନୁଯାୟୀ ବିଧାୟକମାନେ ନିଜ ଦଳର ଏଜେଣ୍ଟଙ୍କୁ ବାଲଟ୍ ପେପର ଦେଖାଇବାକୁ ବାଧ୍ୟ। ଯଦି ସେ ଏଜେଣ୍ଟଙ୍କୁ ବାଲଟ୍ ନ ଦେଖାନ୍ତି, ତେବେ ଭୋଟ୍ ନାକଚ ହେବାର ବ୍ୟବସ୍ଥା ମଧ୍ୟ ରହିଛି। ଏନେଇ ୨୦୦୬ ମସିହାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। କୁଲଦୀପ ନାୟାର ବନାମ ଭାରତ ସରକାର (୨୦୦୬) ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ରାଜ୍ୟସଭା ନିର୍ବାଚନରେ 'ଖୋଲା ବାଲଟ୍' ବ୍ୟବସ୍ଥା ରହିଛି। ଜଣେ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହା ତାଙ୍କ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଇବା ବାଧ୍ୟତାମୂଳକ। ଯଦି ଜଣେ ବିଧାୟକ ଦଳର ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦିଅନ୍ତି, ତେବେ ତାହା ଦଳ ପ୍ରତି ବିଶ୍ୱାସଘାତକତା ଭାବେ ଗଣାଯିବ ଏବଂ ଦଳ ତାଙ୍କ ବିରୋଧରେ ଅନୁଶାସନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ସେହିପରି ରବି ଏସ୍. ନାଏକ ବନାମ ୟୁନିୟନ ଅଫ୍ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଜଣେ ସଦସ୍ୟ ଦଳର ହ୍ୱିପ୍ ଅମାନ୍ୟ କରନ୍ତି, ତେବେ ଏହାକୁ 'ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିବା' ବୋଲି ଧରାଯାଇପାରେ।

ଆଗକୁ ରାଜ୍ୟର ୪ଟି ଆସନ ଖାଲି ହେବାକୁ ଥିବାବେଳେ ଏବେଠାରୁ ହ୍ୱିପ୍ ଅମାନ୍ୟ ଏବଂ କ୍ରସ୍ ଭୋଟିଂକୁ ନେଇ ଆଶଙ୍କା ଦେଖାଦେଲାଣି। ଏହି ପରିପ୍ରେକ୍ଷୀରେ ସଦ୍ୟ ବିଜେଡିରୁ ନିଲମ୍ବିତ ହୋଇଥିବା ୨ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହା ଉପରେ ମଧ୍ୟ ସାଧାରଣରେ ନଜର ରହିଛି।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୨୪।୧(ସମିସ): ବିଷମକଟକ ଥାନା ଚାଟିକୋଣା ମାଲିସାହିରେ ସଂଘଟିତ ଏକ ହତ୍ୟା ମାମଲାର ଶୁଣାଣି କରି ବିଷମ କଟକ ଅତିରିକ୍ତ ଜିଲ୍ଲାଜଜ୍ ଶନିବାର ଅଭିଯୁକ୍ତ ଲକିନାଥ ପ୍ରାସ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।



ଗତ ୨୦୨୪ ମସିହା ଅକ୍ଟୋବର ୧ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲକିରାମ ଉକ୍ତ ରାତିରେ ଘାସିରାମ ଜିଲ୍ଲାକାରାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ଲକିରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର ଦେଢ଼ବର୍ଷ ପରେ ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ଆଜି ବିଷମକଟକ ଅତିରିକ୍ତ ଜିଲ୍ଲା ଜଜ୍ ତାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ।

## ଅଢ଼େଇ ମାସ ବିତିଲା
# ପ୍ରକାଶ ପାଉନି ଆର୍‌ଆଇ, ଅମିନ ପରୀକ୍ଷା ଫଳ

ଭୁବନେଶ୍ୱର, ୨୪।୧(ସମିସ): ପ୍ରାୟ ଅଢ଼େଇ ମାସ ହେଲା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ଆଦି ପଦରେ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଶେଷ ହେଲାଣି। ଏହାରି ମଧ୍ୟରେ ଏସବୁ ପଦରେ ନିଯୁକ୍ତି ପାଇଁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଲାଣି। ମାତ୍ର ଫଳ ପ୍ରକାଶ କରିବାରେ ଅସମର୍ଥ ହୋଇଛି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ବା ଓଏସ୍‌ଏସ୍‌ଏସ୍‌ସି। କେବେ ସୁଦ୍ଧା ଫଳ ପ୍ରକାଶ ପାଇବ ଓ ମୁଖ୍ୟ ପରୀକ୍ଷା ହୋଇ ନିଯୁକ୍ତି ଦିଆଯିବ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିବା ପରେ ଅକ୍ଟୋବର ୮ ତାରିଖରୁ ସାରା ରାଜ୍ୟରେ ପୁନଃ ପ୍ରିଲିମିନାରୀ ପରୀକ୍ଷା ହୋଇ ନଭେମ୍ବର ୧୩ ତାରିଖରେ ଶେଷ ହୋଇଛି। ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ପ୍ରାଥମିକ 'ଆନ୍‌ସାର୍ କୀ' ପ୍ରକାଶ ପାଇଥିଲେ ମଧ୍ୟ ଚୂଡ଼ାନ୍ତ 'ଆନ୍‌ସାର୍ କୀ' ପ୍ରକାଶ ପାଇନାହିଁ। ପରୀକ୍ଷା ସରିବାକୁ ପ୍ରାୟ ଅଢ଼େଇ ମାସ ବିତିଥିଲେ ମଧ୍ୟ ଚୂଡ଼ାନ୍ତ ଆନ୍‌ସାର୍ କି ଏବଂ ମେଧା ତାଲିକା କେବେ ପ୍ରକାଶ ପାଇବ, ସେନେଇ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ।

**ବିଳମ୍ବିତ ପ୍ରକ୍ରିୟା ପାଇଁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ**

ଅପରପକ୍ଷରେ ନିଯୁକ୍ତି ପ୍ରକ୍ରିୟାକୁ ନିର୍ଭୁଲ୍ ଓ ତ୍ୱରାନ୍ୱିତ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇଛି। ହେଲେ କେଉଁ କାରଣରୁ ଫଳ ପ୍ରକାଶନରେ ବ୍ୟାପକ ବିଳମ୍ବ ହେଉଛି, ସେନେଇ ଅଧିକାରୀମାନେ ମଧ୍ୟ ମୁହଁ ଖୋଲୁ ନାହାନ୍ତି। ଏହି ପରୀକ୍ଷା ପାଇଁ ୨୦୨୩ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିକୁ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତ୍ୱରିତ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ତୁରନ୍ତ ଚୂଡ଼ାନ୍ତ ଆନସାର୍ ପ୍ରକାଶ କରିବା ସହ ମେଧା ତାଲିକା ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

# ବିଜେପି ଶାସନରେ ସାଇବର ଅପରାଧ ଓ ଫେକ୍ ନ୍ୟୁଜ୍ ଉପରମୁହାଁ: ବିଜେଡି

ଭୁବନେଶ୍ୱର, ୨୪।୧(ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରେ ସାଇବର ଅପରାଧ ଉପରମୁହାଁ ହୋଇଛି। ଫେକ୍ ନ୍ୟୁଜ୍ ଓ ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ ସଂଖ୍ୟା ବଢ଼ିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପୁଲିସ୍‌ର ଉଦାସୀନତା ପାଇଁ ସାଇବର ଅପରାଧର ଶିକାର ହେଉଥିବା ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ କହିଛନ୍ତି।



ଶଙ୍ଖ ଭବନରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସିମୁଳିଆର ପୂର୍ବତନ ବିଜେଡି ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବା ନେଇ ଏକ ନକଲି ଆଦେଶ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଗତ ୨୨ ତାରିଖର ଏହି ନିର୍ଦ୍ଦେଶନାମାରେ ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ନକଲି ଦସ୍ତଖତ ବ୍ୟବହାର କରାଯାଇଛି। ଦଳ ପକ୍ଷରୁ ଏପରି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ଶ୍ରୀ ମାଝୀ ସ୍ପଷ୍ଟ କରିବା ସହ ଚିଠି ନମ୍ବର ମଧ୍ୟ ଭୁଲ୍ ଥିବା କହିଛନ୍ତି। ଏହି ନକଲି ବହିଷ୍କାର ଆଦେଶକୁ ମୁକ୍ତିକାନ୍ତ ସ୍ୱାଇଁ ବିଜେପି, ସ୍ୱାଭିମାନ ଯୁବକ ଭଳି ବ୍ଲୁ-ଟିକ୍ ଥିବା ଅନେକ ଭେରିଫାଏଡ୍ ଫେସବୁକ୍ ଆକାଉଣ୍ଟ ମାଧ୍ୟମରେ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର କରାଯାଇଛି। ଏନେଇ ଭିଏସ୍‌ଏସ୍ ନଗରସ୍ଥିତ ସାଇବର ଥାନାରେ ଦଳ ପକ୍ଷରୁ ସେ ଏତଲା ଦେଇଥିଲେ ମଧ୍ୟ ଏତଲା ପଞ୍ଜୀକୃତ କରିବାକୁ ଅସ୍ୱୀକାର କରି କେବଳ ଷ୍ଟେସନ୍ ଡାଏରୀ ଏଣ୍ଟ୍ରି କରିଥିବା ଡ. ମାଝୀ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଗତ ୧୯ ତାରିଖରେ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ନାମରେ ଖୋଲା ଯାଇଥିବା କିଛି ନକଲି ଫେସବୁକ୍ ଆକାଉଣ୍ଟ ବିରୋଧରେ ମଧ୍ୟ ଏତଲା ଦାଖଲ କରାଯାଇଥିବାବେଳେ ପୁଲିସ୍ ତାହାକୁ ପଞ୍ଜିକୃତ କରିନାହିଁ ବା ସେହି ଆକାଉଣ୍ଟଗୁଡ଼ିକୁ ହଟାଇବା ପାଇଁ କୌଣସି ପଦକ୍ଷେପ ନେଇନାହିଁ। ରାଜ୍ୟର ପ୍ରମୁଖ ବିରୋଧୀ ଦଳର ଅଭିଯୋଗକୁ ଅଣଦେଖା କରାଯାଉଥିବାବେଳେ ସାଧାରଣ ଲୋକ କିପରି ନ୍ୟାୟ ପାଇବ ବୋଲି ଡ. ମାଝୀ ପ୍ରଶ୍ନ କରିଛନ୍ତି।

## ବଳ ଗୋଟାଉଛନ୍ତି ସଭାପତି; ଦଳ ଛାଡୁଛନ୍ତି ନେତା
# କଂଗ୍ରେସ ଛାଡ଼ିଲେ ୪୧ ମୋକିମ୍ ସମର୍ଥକ

ଭୁବନେଶ୍ୱର, ୨୪।୧ (ସମିସ): କଂଗ୍ରେସରୁ ବରିଷ୍ଠ ନେତା ମହମ୍ମଦ ମୋକିମ ବହିଷ୍କୃତ ହେବା ପରେ ରାଜ୍ୟରେ ନୂଆ ଦଳ ଗଠନ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି। ଅପରପକ୍ଷେ ମୋକିମଙ୍କ ବହିଷ୍କାର ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପିସିସି ପକ୍ଷରୁ ବାରମ୍ବାର ଦୃଢ଼ୋକ୍ତି ପ୍ରକାଶ କରାଯାଉଛି। ଇତିମଧ୍ୟରେ ରାଜ୍ୟରେ କଂଗ୍ରେସ ଦଳ ଦୁର୍ବଳ ନାହିଁ, ରାଜ୍ୟସଭା ନିର୍ବାଚନରେ ଦଳ କାହା ସହ ସାଲିସ୍ ନ କରି ନିଜର ପ୍ରାର୍ଥୀ ଦେବ ବୋଲି କହି ପିସିସି ସଭାପତି ଭକ୍ତଚରଣ ଦାସ ଦଳରେ ବଳ ଗୋଟାଇବାକୁ ପ୍ରୟାସ କରୁଛନ୍ତି। ଏହାରି ମଧ୍ୟରେ ଶନିବାର କଂଗ୍ରେସରୁ ମହମ୍ମଦ ମୋକିମ୍‌ଙ୍କ ୪୧ ଜଣ ଅନୁଗତ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ଛାମୁଆ ନେତାଙ୍କ ମଧ୍ୟରେ ବର୍ତ୍ତମାନର ପିସିସି ମୁଖପାତ୍ର, ପୂର୍ବତନ ମୁଖପାତ୍ର ଓ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ, ପୂର୍ବତନ ପିସିସ ସଂପାଦକଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଂପାଦକ, ପୂର୍ବତନ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ସଭାପତିମାନେ ରହିଛନ୍ତି। ଦଳୀୟ ସଭାପତିଙ୍କ ନେତୃତ୍ୱକୁ ସେମାନେ କଡ଼ା ସମାଲୋଚନା କରିବା ସହ ଦଳ ମୂଳ ଆଦର୍ଶରୁ ବିଚ୍ୟୁତି, ମୂଳ କର୍ମୀଙ୍କୁ ଅଣଦେଖା, ବିପର୍ଯ୍ୟସ୍ତ ସାଂଗଠନିକ ସ୍ଥିତିକୁ ନିଜ ଇସ୍ତଫାର କାରଣ ରୂପେ ଦର୍ଶାଇଛନ୍ତି।

ଦଳ ଛାଡ଼ିଥିବା ମୋକିମ୍ ଅନୁଗତଙ୍କ ଅଭିଯୋଗ ହେଲା ଯେ ବର୍ତ୍ତମାନର ସଭାପତି ଭକ୍ତ ଚରଣ ଦାସ ଦାୟିତ୍ୱ ଗ୍ରହଣ କରିବାର ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଦଳକୁ ସୁଦୃଢ଼ କରିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବରଂ ତାଙ୍କ ନେତୃତ୍ୱରେ ଦଳ ଦିନକୁ ଦିନ ସାଂଗଠନିକ ଭାବେ ଦୁର୍ବଳ ହେବାରେ ଲାଗିଛି। ସଭାପତି ନିଜେ ଜନତା ଦଳରୁ ଆସିଥିବାରୁ ସେ କଂଗ୍ରେସର ମୂଳ ଆଦର୍ଶ ପରିବର୍ତ୍ତେ ଜନତା ଦଳର ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି। ଏହାଫଳରେ ବର୍ଷ ବର୍ଷର ମୂଳ କଂଗ୍ରେସ କର୍ମୀ ଓ ନେତାମାନେ ନିଜକୁ ଅସହାୟ ଓ ଅଲୋଡ଼ା ମନେକରୁଛନ୍ତି। ନେତାମାନଙ୍କ ସହ ତାଙ୍କର ତାଳମେଳ ରହୁନି। ସେହିପରି ଦଳ ପାଇଁ କାମ କରୁଥିବା ନିଷ୍ଠାପର କର୍ମୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଅପରପକ୍ଷରେ ଜନତା ଦଳରୁ ଆସିଥିବା ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ନଗେନ୍ଦ୍ର ପ୍ରଧାନଙ୍କ ଭଳି ନେତାମାନେ ଦଳକୁ ନିଜ ଇଚ୍ଛା ମୁତାବକ ପରିଚାଳନା କରୁଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ ବୋଲି ଇସ୍ତଫା ଦେଇଥିବା ନେତାଏ କ୍ଷୋଭ ପ୍ରକାଶ କରିଛନ୍ତି।

### ଇସ୍ତଫା ପାଇଁ ଦର୍ଶାଇଲେ ଏକାଧିକ କାରଣ
### ସଭାପତିଙ୍କ ନେତୃତ୍ୱକୁ କଡ଼ା ସମାଲୋଚନା

ସେହିପରି ଦଳରେ ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମନୋଭାବ ରହିଥିବା ଏହି ଅସନ୍ତୁଷ୍ଟ ନେତାମାନେ ଅଭିଯୋଗ ଆଣିଛନ୍ତି। ଦଳର ମଙ୍ଗଳ ପାଇଁ ସ୍ୱର ଉଠାଇଲେ ସଂଶୋଧନ ପରିବର୍ତ୍ତେ ବହିଷ୍କାରର ଧମକ ମିଳୁଛି। ଜିଲ୍ଲା ଓ ବ୍ଲକ ସଭାପତି ଚୟନରେ ଉଦ୍ଦେଶ୍ୟମୂଳକ ଭାବେ ପାତରଅନ୍ତର କରାଯାଉଛି। ପୂର୍ବରୁ କଳାହାଣ୍ଡିରେ ବରିଷ୍ଠ ନେତାମାନଙ୍କୁ ଅଣଦେଖା କରି ଦଳକୁ ଯେପରି ସ୍ଥିତିକୁ ଅଣାଯାଇଥିଲା, ବର୍ତ୍ତମାନ ସାରା ରାଜ୍ୟରେ ସେହି ସମାନ ସ୍ଥିତି ସୃଷ୍ଟି କରାଯାଉଛି। ଯେଉଁଠାରେ ମୂଳ କର୍ମୀଙ୍କ ସମ୍ମାନ ନାହିଁ ଏବଂ ନେତୃତ୍ୱ ଦଳକୁ ରସାତଳକୁ ନେଇଯିବାକୁ ବସିଛନ୍ତି, ସେଠାରେ ରହି କାର୍ଯ୍ୟ କରିବା ଆମ ପକ୍ଷେ ଅସମ୍ଭବ ବୋଲି ସେମାନେ କହିଛନ୍ତି।



## ସରସ୍ୱତୀ ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା



ତାଳଚେର,୨୪ ।୧(ସମିସ): ମାଘମାସ ଶୁକ୍ଳପକ୍ଷ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ ତାଳଚେର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବୀଣାପାଣିଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ତାଳଚେର ବ୍ଲକ କଲମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମହାସମାରୋହରେ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରଜୀ, ଗୁରୁମା ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ୨୫ରୁ ଊର୍ଦ୍ଧ୍ୱ କୁନି ପିଲାଙ୍କ ଖଡ଼ିଛୁଆଁ ଉତ୍ସବ ସମ୍ପନ୍ନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ସାମୂହିକ ପ୍ରସାଦ ସେବନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

## କନ୍ୟା ସଚେତନତା ରଥର ଶୁଭାରମ୍ଭ



ପାଲଲହଡ଼ା,୨୪ ।୧(ସମିସ): ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନ୍ୟା ସଚେତନତା ରଥର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବାଲ୍ୟ ବିବାହକୁ କିପରି ରୋକାଯାଇ ପାରିବ ଏଥି ପ୍ରତି ଅଭିଭାବକଠାରୁ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପ୍ରଶାସନ ମଧ୍ୟ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀଶଙ୍କର ବେହେରା, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ଆଇନଜୀବୀ ତନ୍ମୟ କୁମାର ସାହୁ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

● ପଦ୍ମଚରଣ-ଶିବାନନ୍ଦ ସ୍ମାରକୀ ଫୁଟବଲ

## ଡେରେଙ୍ଗକୁ ହରାଇ ବ୍ରଜନାଥପୁର ଚାମ୍ପିଅନ



ଅନୁଗୋଳ,୨୪ ।୧(ସମିସ): ପିଟିସି ପଡ଼ିଆରେ ଆୟୋଜିତ ପଦ୍ମଚରଣ ସିହ୍ନା ଓ ଶିବାନନ୍ଦ ରାଉତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ତାଳଚେର ବ୍ରଜନାଥପୁର ଦଳ ପେନାଲ୍ଟି ସୁଟ୍ଆଉଟ୍‌ରେ ଡେରେଙ୍ଗକୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଜେତାଙ୍କୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଭେଟରାନ୍ସ ଆସୋସିଏସନ୍ ପକ୍ଷରୁ ନୀଳମଣି ରାଉତ, ପ୍ରଶାନ୍ତ କୁମାର ସିହ୍ନା, ରମେଶ ଚନ୍ଦ୍ର ସାହୁ, ରୁଚିର ଦାସ, ବିଏନ୍ ରାଉତ, ଅରୁଣ ଦାସ, ବସନ୍ତ କୁମାର ଦାସ ଉପସ୍ଥିତ ଥିଲେ। ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

## ମହୀଧରପୁର କ୍ରିକେଟ୍ କପ; ପୋକତୁଙ୍ଗା ବିଜୟୀ



ବଅଁରପାଲ,୨୪ ।୧(ସମିସ): ମହୀଧରପୁର ଗ୍ରୀନ ହିଲ ଷ୍ଟାଡିୟମରେ ଚାଲିଥିବା ମହୀଧରପୁର କ୍ରିକେଟ୍ କପ ପ୍ରତିଯୋଗିତାରେ ତଳମୂଳକୁ ୨-୧ ଗୋଲରେ ହରାଇ ପୋକତୁଙ୍ଗା ବିଜୟୀ ହୋଇଛି। ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ତଳମୂଳ ଟିମର ମିଥୁନ, ମ୍ୟାନ ଅଫ ଦି ମ୍ୟାଚ ଭାବେ ପୋକତୁଙ୍ଗାର ଦୀନେଶ, ଶ୍ରେଷ୍ଠ ବ୍ୟାଟର ଭାବେ ପୋକତୁଙ୍ଗାର ମାନସ, ଶ୍ରେଷ୍ଠ ବୋଲର ଭାବେ ପୋକତୁଙ୍ଗାର ଦୀନେଶ, ଶ୍ରେଷ୍ଠ କୋଚ ଭାବେ ତଳମୂଳର ତୋଫାନ, ଗେମ୍ ଚେଞ୍ଜର ଅଫ ଦି ମ୍ୟାଚ ଭାବେ ପୋକତୁଙ୍ଗାର ଉତ୍ତମ, ଶ୍ରେଷ୍ଠ କମେଣ୍ଟେଟର ଭାବେ ପ୍ରଜିତ କୁମାର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ବିପ୍ଳବ ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅରୁଣାଭ ସିଂହ, ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା ଯୋଗଦେଇଥିଲେ। ଅମ୍ପାୟର ରାକେଶ କୁମାର ନାୟକ ଓ କ୍ରୀଷ୍ଣା ସ୍ୱରାଜ ଖେଳ ପରିଚାଳନା କରିଥିଲେ। ସିଦ୍ଧପ୍ରସାଦ ଜେନା ଓ ଜ୍ୟୋତିରଞ୍ଜନ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରୁଦ୍ର ଜେନା, ସୁମନ ସାହୁ, ବିକାଶ ଜେନା, ଶୁଭମ ସାଗର ସାହୁ, ଆଶୁତୋଷ ଦେହୁରୀ, ଚନ୍ଦନ ଜେନା, ଜ୍ୟୋତି ସେଠୀ ଓ ସାଗର ସାହୁ ସହଯୋଗ କରିଥିଲେ। ବିଜେତା ଦଳକୁ ୨୨ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୨ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

## କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ରେଙ୍ଗାଲି,୨୪ ।୧(ସମିସ): କଣିହାଁ ବ୍ଲକ କୁଲୁମା ପଞ୍ଚାୟତରେ ଅବସ୍ଥିତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମାଟିର ପୁତ୍ର କଲେଜ ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ସ୍ୱର୍ଗତ ପ୍ରଧାନ ଏକାଧାରରେ ଜଣେ ପରୋପକାରୀ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଥିଲେ। ବିଧାୟକ ତାଙ୍କ ଅଭିଭାଷଣରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। କଲେଜର କୁଳପତି ଦିଗମ୍ବର ବିଶ୍ୱାଳ, ସାଂସଦ ପ୍ରତିନିଧି ତ୍ରିପୁର ପ୍ରଧାନ, ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ନୃସିଂହ ବରାଳ, ଧ୍ରୁବଚରଣ ଧୀର, ସୁମନ୍ତ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଆସିଲାନି ମିଲର, ରାତିରେ ହାତୀ ଭୟ

# ୨ ରାତି ଅନିଦ୍ରା ହୋଇ ଧାନ ଜଗିଲେ ଚାଷୀ

ବଅଁରପାଲ,୨୪ ।୧(ସମିସ):

ଫୁଲପଡ଼ା ଧାନମଣ୍ଡିରେ ଚାଷୀମାନେ ଧାନ ରଖିଥିଲେ ମଧ୍ୟ ମିଲର ଧାନ ଉଠାଉ ନାହାଁନ୍ତି। ଫଳରେ ୨ ଦିନ ହେବ ରାତି ଅନିଦ୍ରା ହୋଇ ଚାଷୀମାନେ ମଣ୍ଡିରେ ଧାନ ବସ୍ତା ଜଗିଛନ୍ତି। ରାତିରେ ଚାଷୀଙ୍କୁ ହାତୀ ଭୟ ରହିଛି। କାରଣ ଏହି ଅଞ୍ଚଳରେ ପ୍ରତିଦିନ ରାତିରେ ହାତୀ ଚଳପ୍ରଚଳ କରନ୍ତି। ସେହିପରି ଧାନ ବାସ୍ନା ହାତୀଙ୍କୁ ଆକର୍ଷିତ କରିଥାଏ। ତେଣୁ ଧାନ ଖାଇବା ପାଇଁ ହାତୀ ପଲ ମଣ୍ଡିଆଡ଼େ ମାଡି ଆସିବାର ବହୁ ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ଜୀବନକୁ ବାଜି ଲଗାଇ ଚାଷୀମାନେ ଧାନମଣ୍ଡି ଜଗି ବସିଛନ୍ତି। କିନ୍ତୁ ଫଳ ଶୂନ। ଏହାର କୌଣସି ସମାଧାନର ସୂତ୍ର ବାହାରି ପାରୁନାହିଁ।



ଖବର ନେବାରୁ ଜଣାପଡ଼ିଛି ଯେ ମହୀଧରପୁରର ଚାଷୀମାନେ ଟୋକନ ପାଇବା ପରେ ମଣ୍ଡିରେ ଧାନ ଗଦା କରି ରଖିଛନ୍ତି। କିନ୍ତୁ ମଣ୍ଡି ପକ୍ଷରୁ କୁହାଯାଉଛି ମିଲର ଆସିପାରୁନାହାଁନ୍ତି। ଫଳରେ ଧାନ ଉଠି ପାରୁନାହିଁ। ହେଲେ ମିଲର କାହିଁକି ଆସିପାରୁନାହାଁନ୍ତି ତାହାର ସନ୍ତୋଷଜନକ ଉତ୍ତର କେହି ଦେଇ ପାରୁନାହାନ୍ତି। ଯାହା ଫୁଲପଡ଼ା ଓ ସାନ୍ତରାପୁରର ଚାଷୀମାନଙ୍କୁ ନିରାଶ କରିଛି। ଚାଷୀ ଅନନ୍ତ ସାହୁ, ଜ୍ୟୋତିରଞ୍ଜନ ଦାସ, ଅଜିତ କୁମାର ଦାସ, ବାବୁଲା ପରିଡ଼ା, ସୁଜିତ ଗଡ଼ନାୟକ ପ୍ରମୁଖ ଚାଷୀ କହିଛନ୍ତି ଆମେ ଧାନ ବିକ୍ରି କରିବା ପାଇଁ ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜିକୃତ କରିଥିଲୁ। ସେହି ଅନୁଯାୟୀ ଟୋକନ ପାଇଛୁ। ଟୋକନ ପାଇବା ପରେ ସମିତି ପକ୍ଷରୁ କୁହାଗଲା ମଣ୍ଡିରେ ଆଣି ଧାନ ଗଦାକର। ଫଳରେ ଆମେ ଧାନ ଗଦାକଲୁ। ହେଲେ ୨ ଦିନ ହେବ ଆମ ଧାନ ଉଠୁନାହିଁ। ରାତିରେ ଯଦି ଧାନ ନ ଜଗିବୁ ତାହା ହେଲେ ହାତୀ ପଲ୍ଲ ଧାନ ଖାଇଯିବେ। ଗୋଟିଏ ପଟେ ଆମ ଭାତ ହାଣ୍ଡି ହାତୀ ଖାଇଯିବ। ଅନ୍ୟପଟେ ନିଜର ଜୀବନ ପ୍ରତି ବିପଦ ରହିଛି। କାରଣ କେଉଁ ମୁହୂର୍ତ୍ତରେ ହାତୀ ଆମକୁ ଆକ୍ରମଣ କରିବ ତାହା ମଧ୍ୟ କହି ପାରିବୁ ନାହିଁ। କାରଣ ଏହି ଅଞ୍ଚଳର ହେଉଛି ହାତୀଙ୍କ ଭୂସର୍ଗ। ତେଣୁ ଆମେ ରାତିରେ ଧାନ ଜମିବା ବେଳେ ହାତୀ ପଲ୍ଲର ଶିକାର ହେବାର ମଧ୍ୟ ବହୁ ଆଶଙ୍କା ରହିଛି। ଏ ନେଇ ପ୍ରଶାସନ ବିଚାର କରିବା ଉଚିତ ବୋଲି ଏହି ଚାଷୀମାନେ କହିଛନ୍ତି। ସେହିପରି ଚାଷୀ ରଜତ ସାହୁ, ଅନିଲ ସାହୁ, ସୁନିଲ ସାହୁ, ଜ୍ଞାନ ସାହୁ, ଦେବରାଜ ସାହୁ ପ୍ରମୁଖ କହିଛନ୍ତି ବହୁ କଷ୍ଟକରି ଧାନ ଚାଷ କଲୁ। ସାହୁକାର ଠାରୁ ଧାର କରଜ କରି ଚାଷ କଲୁ। ଭାବିଥିଲୁ ଧାନ ବିକ୍ରି କରିବା ପରେ ସାହୁକାରର ଟଙ୍କା ଫେରାଇବୁ। ଏହାସହ ପିଲାଙ୍କ ଭବିଷ୍ୟତ ପାଇଁ କିଛିଇ ସଞ୍ଚୟ କରିବୁ। ହେଲେ ଏବେ ପ୍ରଶାସନ ଆମପ୍ରତି ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛି ସେଥିରେ ଆମେ ମର୍ମାହତ ଓ ହତୋତ୍ସାହିତ ବୋଲି ଚାଷୀମାନେ କହିଛନ୍ତି।

## ଦେବୋତ୍ତର ଜମିରେ ମାର୍କେଟ କମ୍ପ୍ଲେକ୍ସ





ଅନୁଗୋଳ,୨୪ ।୧(ସମିସ): ପୂର୍ବ ତାଳଚେର ଆଉ ନାହିଁ, ଏବେ ଶିଳ୍ପନଗରୀ ତାଳଚେର ଭାବେ ପରିଗଣିତ। ରାଜାରାଜୁଡ଼ା ଅମଳରୁ ଆଜିଯାଏଁ କିଛି ଦେବୋତ୍ତର ଜମି ରାଜଙ୍କ ଅଧୀନରେ ଥିବା ବେଳେ ଆଉକିଛି ଜମି ଦେବୋତ୍ତର ବିଭାଗ ଅଧୀନରେ ରହିଛି। ତାଳଚେର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଶହଶହ ଏକର ସରକାରୀ ଜମି ମାଫିଆଙ୍କ କବଜାରେ ଥିବାବେଳେ ତାଳଚେର ଫାଷ୍ଟ ଗେଟ ଚିତ୍ରକୂଟ ମନ୍ଦିରଠାରୁ ମାତ୍ର ଶହେ ମିଟର ଦୂରରେ ଏବେ ଦେବୋତ୍ତର ଜମିରେ ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିବା ଦେଖିବାକୁ ମିଳିଛି। ଏହି ଦେବୋତ୍ତର ଜମିକୁ କେହି କେହି ନିଜ ନାମରେ ଜାଲିଆତି କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଭଡ଼ା ସୂତ୍ରରେ ଲଗାଇଛନ୍ତି। ତାଳଚେର ପୌରାଞ୍ଚଳରେ ବିଭିନ୍ନ ଠାକୁର ଓ ଠାକୁରାଣୀଙ୍କ ନାମରେ ଶହଶହ ଏକର ଦେବୋତ୍ତର ଜମିକୁ କିଏ ହାତେଇ ପଟ୍ଟା କରିସାରିଥିବା ଶୁଣିବାକୁ ମିଳୁଥିବା ବେଳେ ବ ଆଉ କେତେକ ପଟ୍ଟା କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏପରିକି, ବିଭିନ୍ନ ୱାର୍ଡରେ ରେମୁଁଆ ଗ୍ରାମଦେବୀ କୁଟେଇଶୁଣୀ ଓ କେନ୍ଦୁଆଶୁଣୀ, ଜଗନ୍ନାଥଙ୍କ ନାମରେ ଥିବା ବିଭିନ୍ନ ସ୍ଥାନରେ ରହିଥିବା ଶହ ଶହ ଏକର ଦେବୋତ୍ତର ଜମି, ପୋଖରୀ ଇତ୍ୟାଦିକୁ ମସୁଧା କରି ଦଲାଲମାନେ କେତେକ ଜମି ହରିଲୁଟ୍ କରି ବଡ଼ବଡ଼ ଅଟ୍ଟାଳିକା ନିର୍ମାଣ କରି ସେଥିରେ ଦୋକାନ ଗୃହ ଓ ମାର୍କେଟ କମ୍ପ୍ଲେକ୍ସ କରିଥିବା ଦେଖିବାକୁ ମିଳିଛି। ଜମି ଦଲାଲମାନଙ୍କ ଦ୍ୱାରା ତାଳଚେର ତହସିଲ କାର୍ଯ୍ୟାଳୟର ଅସାଧୁ କର୍ମଚାରୀଙ୍କୁ ହାତକରି ଉକ୍ତ ଦେବୋତ୍ତର ଜମିକୁ କବ୍‌ଜା କରୁଛନ୍ତି। ଏ ନେଇ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ରାଜ୍ୟ ସରକାର ସରକାରୀ ଜମିକୁ ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ତାଳଚେର ଅଞ୍ଚଳରେ ଜମିମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏଣୁ ଜମି ମାଫିଆଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଦେବଦେବୀଙ୍କ ବହୁ ମୂଲ୍ୟବାନ ଜମି ମାଫିଆଙ୍କ କବଜାକୁ ଚାଲିଯାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

## ଜାତୀୟ କନ୍ୟାଶିଶୁ ଦିବସ ଉପଲକ୍ଷେ ସଚେତନତା

ତାଳଚେରସହର,୨୪ ।୧(ସମିସ): ଜାତୀୟ କନ୍ୟାଶିଶୁ ଦିବସ ଅବସରରେ ତାଳଚେର ଜଗନ୍ନାଥ କଲୋନୀ ସ୍ଥିତ ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଟ୍ରଷ୍ଟ ଫର ଏନଭିରନମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟ ଫର ଏନଭିରନମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ତିଥି ପଟ୍ଟନାୟକ ଶିଶୁକନ୍ୟାମାନଙ୍କ ଅଧିକାର, ଶିକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରି କହିଲେ ଯେ କନ୍ୟାମାନେ ହେଉଛନ୍ତି ସମାଜର ଶକ୍ତିର ଆଧାର ଓ ଦେଶର ଭବିଷ୍ୟତ। ଏମାନଙ୍କୁ ପୁଅଙ୍କ ସହ ସମାନ ସୁଯୋଗ ଓ ସମ୍ମାନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଅବସରରେ ଆଇସିଏଫଏଆଇ ବିଶ୍ୱବିଦ୍ୟାଳୟ, ଜୟପୁରର ପ୍ରାଧ୍ୟାପିକା ଡ. ରିଚା ପଟ୍ଟନାଏକ ଆଭାସୀ ମାଧ୍ୟମରେ ଯୋଗଦେଇ ଶିଶୁକନ୍ୟାମାନଙ୍କ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପଢ଼ାର ଚାପ, ସାମାଜିକ ଆଶା-ଆକାଂକ୍ଷା ଓ ଆତ୍ମବିଶ୍ୱାସ ଗଠନ ଉପରେ ମାନସିକ ସ୍ୱାସ୍ଥ୍ୟର ପ୍ରଭାବ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।



## ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ରଥ ଉଦଘାଟିତ

କିଶୋରନଗର,୨୪ ।୧(ସମିସ): ଭାରତ ସରକାରଙ୍କ ୨୦୩୦ ସୁଦ୍ଧା ବାଲ୍ୟବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟ ସାକାର କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନ ମିଳିତ ଉଦ୍ୟମରେ ୨୦୨୩ରୁ ବାଲ୍ୟବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଶୁକ୍ରବାର ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କିତ ସଚେତନତା ରଥ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଭାରପ୍ରାପ୍ତ ପାଲଲହଡ଼ା ଥାନା ଅଧିକାରୀ, ପ୍ରଦୀପ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କୈଳାସ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସମ୍ପାଦକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ରଥ ଏକ ମାସ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ପରିଭ୍ରମଣ କର ବିଭିନ୍ନ ସ୍କୁଲ କଲେଜ ତଥା ଗ୍ରାମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ। ବିଧାୟକ ମହାନ୍ତି ତାଙ୍କ ଅଭିଭାଷଣରେ ବାଲ୍ୟ ବିବାହମୁକ୍ତ ଭାରତ ଗଠନକୁ ସମର୍ଥନ ଜଣାଇ ବିଶ୍ୱ ଯୁବକେନ୍ଦ୍ରର ଏହି ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ନିଜ ବକ୍ତବ୍ୟରେ ଶିଶୁଙ୍କ ସୁରକ୍ଷା ନିମନ୍ତେ ନିଆଯାଉଥିବା ପଦକ୍ଷେପ, ଶିଶୁ ସହାୟତା ନମ୍ବର ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହତାବ ଉଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଅଙ୍ଗନବାଡି ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ର ର କର୍ମକର୍ତ୍ତା ଅଭିଷେକ ମହାପାତ୍ର, ପୂଜା ସ୍ୱାଇଁ, ପ୍ରଦିପ ନାୟକ, ଅଜୟ ସେଠି, ପିର୍ଣଚନ୍ଦ୍ର କିସାନ ସହଯୋଗ କରିଥିଲେ।



## ମାଘମେଳା ପ୍ରସ୍ତୁତି ବୈଠକ

ବଅଁରପାଳ,୨୪ ।୧(ସମିସ): ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତରେ ଅବସ୍ଥିତ ସୁନା ଶଗଡ଼ ଅଲେଖ ମହିମା ଟୁଙ୍ଗୀରେ ହେବାକୁ ଥିବା ମାଘମେଳା ପାଇଁ ସଭାପତି ଦୀଲିପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ୩୧ ତାରିଖ ଚତୁର୍ଦ୍ଦଶୀ ଶନିବାର ସନ୍ଧ୍ୟାରେ ଝାଡ଼ଦୀପ ପ୍ରଜ୍ୱଳନ ଓ ରବିବାର ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ସହ ମେଳା ଆୟୋଜନ ଉପରେ ସଭାପତି ଗୁରୁତ୍ୱ ଦେଇଥିଲେ। ବୈଠକରେ ସମ୍ପାଦକ ଉଚ୍ଛବ ବେହେରା, ସହ ସମ୍ପାଦକ ଲିଙ୍ଗରାଜ ନାୟକ, ତ୍ରିନାଥ ନାୟକ, ଦୋଳଗୋବିନ୍ଦ ନାୟକ, ସଞ୍ଜୟ ନାୟକ, ବ୍ରହ୍ମା ନାୟକ, ନିର୍ମଳ ନାୟକ, ରାହୁଲ ନାୟକ, ଦୁଷ୍ମନ୍ତ ନାୟକ, ଅନାଦି ବାବା, କୁନି ମାତା ଓ ଅନ୍ୟ ଭକ୍ତମାନେ ଉପସ୍ଥିତ ଥିଲେ।

## ଏନଟିପିସି ପକ୍ଷରୁ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା




କଣିହାଁ,୨୪ ।୧(ସମିସ): ଏନଟିପିସି କଣିହାଁ ପକ୍ଷରୁ ୧୩ତମ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡୀ, ଜିଏମ (ଓ ଆଣ୍ଡ ଏମ) ଏସକେ କୁଣ୍ଡୁ, ମାନବସମ୍ବଳ ମୁଖ୍ୟ ନବନୀତ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରାକୁ ପାଳନ ଏବଂ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଡ୍ଡୀ କହିଥିଲେ। ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ସୃଜନଶୀଳତା ଏବଂ ନବସୃଜନ ପ୍ରଦର୍ଶନ ପାଇଁ ପ୍ଲାଟଫର୍ମ ପ୍ରଦାନ କରି କଳା ଫର୍ମଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ୩୫ଟି ବିଦ୍ୟାଳୟର ୫୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜୁନିଅର, ମଧ୍ୟମ ଏବଂ ବରିଷ୍ଠ ଏପରି ୩ ଟି ବିଭାଗ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ବର୍ଗର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ସହିତ ପ୍ରତ୍ୟେକ ବର୍ଗରେ ଦୁଇଟି ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଅଂଶଗ୍ରହଣ ଏବଂ ପ୍ରୟାସ ପାଇଁ ପ୍ରମାଣପତ୍ର ଏବଂ ସ୍ମାରକୀ ସହିତ ସମ୍ବର୍ଦ୍ଧିତ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ରାଜ୍ୟରେ ଗୁଟଖା ନିଷିଦ୍ଧ; ଅନୁଗୋଳ ରେ ଦର ୪ ଗୁଣ

## ଦିନକରେ କୋଟିଏ ଟଙ୍କାର ଗୁଟ୍‌ଖା ବୋହିନେଲେ

ଅନୁଗୋଳ,୨୪ ।୧(ସମିସ): ରାଜ୍ୟରେ ଗୁଟଖା କାରବାର ନିଷିଦ୍ଧ ହେବା ପରେ ଏହାର ପ୍ରଭାବ ଅନୁଗୋଳ ମାର୍କେଟରେ ଦେଖିବାକୁ ମିଳିଛି। ସଫଳ ବସ୍ତା ୧୨୮୫୦ ଟଙ୍କାରୁ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ବସ୍ତାରେ ୧୦୦ ପ୍ୟାକେଟ ରହୁଥିବା ବେଳେ ପ୍ୟାକେଟ ୫୦୦ ଟଙ୍କାରେ ବିକ୍ରି ହେଉଛି। କଳାବଜାର କରିବା ପାଇଁ ହୋଲସେଲ ବ୍ୟବସାୟୀମାନେ ଖୁଚୁରା ବିକ୍ରେତାଙ୍କୁ ମାଲ୍ ଆଉ ମିଳିବନି କହି ଡରାଉଛନ୍ତି। ଫଳରେ ଛୋଟ ବେପାରୀମାନେ ଅଧିକା ଦର ଦେଇ କିଣି ନେଉଛନ୍ତି। ଗୋଟିଏ ଦିନରେ ଖୁଚୁରା ବ୍ୟବସାୟୀମାନେ ବିତରକଙ୍କଠାରୁ କୋଟିଏ ଟଙ୍କାର ଗୁଟ୍‌ଖା କିଣି ନେଇଥିବା ଜଣାପଡ଼ିଛି। ସେହିଭଳି ଜର୍ଦ୍ଦା ପାନ ଗୋଟା ସାତ ଟଙ୍କାରେ ବିକ୍ରି ହେଲାଣି। ଜିଲ୍ଲା ପ୍ରଶାସନର ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ ଦାବି

# ଫେବୃଆରୀ ୧୨ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ଅନୁଗୋଳ,୨୪ ।୧(ସମିସ):

କେନ୍ଦ୍ର ବିଜେପି ସରକାର ଦେଶୀ ବିଦେଶୀ ବହୁ ଦେଶୀୟ କମ୍ପାନୀ ଏବଂ କର୍ପୋରେଟମାନଙ୍କ ସ୍ୱାର୍ଥରେ ଲାଗୁ କରିଥିବା ଶ୍ରମିକ କର୍ମଚାରୀ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ୍ ତୁରନ୍ତ ବାତିଲ କରିବା, ପୂର୍ବରୁ ପ୍ରଚଳିତ ୨୯ ଶ୍ରମ ଆଇନକୁ ପୁନଃ ପ୍ରଚଳନ କରି କାଡ଼ାକଡ଼ି ଲାଗୁ କରିବା, ନାଲକୋ, ଏନଟିପିସି, ଏମସିଏଲ, ବ୍ୟାଙ୍କ, ବୀମା, ବନ୍ଦର, ରେଳ, ପ୍ରତିରକ୍ଷା, ଶିଳ୍ପ, ବିମାନ ବନ୍ଦର ଘରୋଇକରଣ ବନ୍ଦ କରିବା, ମଧ୍ୟାହ୍ନଭୋଜନ ପାଚିକା ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀ, ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ,




ଶ୍ରମ ସମୟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୫ ବାତିଲ, ସ୍ମାର୍ଟମିଟର ପ୍ରଚଳନ ବନ୍ଦ, ଚାଷୀଙ୍କ ଉତ୍ପାଦିତ ଫସଲ ପାଇଁ ଏମଏସପିକୁ ଆଇନଗତ ମାନ୍ୟତା ଦେବା ପ୍ରଭୃତି ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେଶନ ମିଳିତ ମଞ୍ଚ ପକ୍ଷରୁ ଫେବୃଆରୀ ୧୨ ତାରିଖ ସାରା ଦେଶରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟ ଅନୁଗୋଳ ଜିଲ୍ଲାରେ ସଫଳ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଅନୁଗୋଳ ଜିଲ୍ଲା ପକ୍ଷରୁ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଶିକ୍ଷକପଡ଼ା ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ, ସିଆଇଟିୟୁ ରାଜ୍ୟ ଉପ-ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର ଶର୍ମା, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ଏଆଇସିସିଟିୟୁର ତପନ ମହାନ୍ତି, ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅନୁଗୋଳ ଜିଲ୍ଲାର ସମସ୍ତ ଶିଳ୍ପ, କୋଇଲା ଖଣି, କାରଖାନା ସମେତ ଜିଲ୍ଲା ବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ସମସ୍ତ ଶ୍ରମିକ, କର୍ମଚାରୀ, ଶ୍ରମଜୀବୀ ଜନସାଧାରଣ ତଥା ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ :
୦୧.୦୧.୧୯୨୦
(ଗୁରୁବାର)

ତିରୋଧାନ :
୧୫.୦୧.୨୦୨୬
(ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

## ୨୮.୬୮ ଗ୍ରାମର ବ୍ରାଉନସୁଗର ଜବତ; ୨ ଗିରଫ

ତିର୍ତ୍ତୋଲ,୨୪।୧(ସମିସ): ତିର୍ତ୍ତୋଲ ପୁଲିସ ୨ ଜଣ ଯୁବକଙ୍କ ଠାରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ କରିବା ସହ ଉଭୟଙ୍କୁ ଶନିବାର ଅଦାଲତ ଚାଲାଣ କରିଛି। ଆଜି ତିର୍ତ୍ତୋଲ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସଡିପିଓ ଅଜୟ କୁମାର ଦାସ ସୂଚନା ଦେଇଛନ୍ତି। ତିର୍ତ୍ତୋଲ ଏସଡିପିଓ ଶ୍ରୀ ଦାସଙ୍କ ସୂଚନା ମୁତାବକ ଜଗତସିଂହପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ତିର୍ତ୍ତୋଲକୁ ନିଶାମୁକ୍ତ କରିବା ପାଇଁ ଥାନାରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବେଆଇନ ଗଞ୍ଜେଇ, ମଦ ଓ ଧଳା ଜହର ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତକାଲି କଟକ- ପାରାଦୀପ ରାସ୍ତାରେ ତିର୍ତ୍ତୋଲ ପୁଲିସ୍ ଗାଡି ଯାଞ୍ଚ ବେଳେ ସମୟରେ ଏକ ବାଇକରେ ଆସୁଥିବା ଦୁଇ ଯୁବକଙ୍କୁ ପୁଲିସ ଅଟକାଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ତଥାଅତିରିକ୍ତତହସିଲଦାରଙ୍କ ଉପସ୍ଥିତିରେଉଭୟଙ୍କ ତଲାସୀ ନିଆଯାଇଥିଲା। ଏମାନଙ୍କ ଠାରୁ ୨୮.୬୮ ଗ୍ରାମ ବ୍ରାଉନସୁଗର ଜବତ କରି ଗିରଫ କରିଥିଲା। ପୁଲିସ ସେମାନଙ୍କ ବ୍ୟବହୃତ ଗାଡିକୁ ଜବତ କରିଥିଲା। ଏହି ଦୁଇ ଜଣ ଅଭିଯୁକ୍ତ ତିର୍ତ୍ତୋଲ ଥାନା ଏରଡଙ୍ଗା ଗ୍ରାମର ଏନ୍.ସୌମେଶ (ପାପୁଲା) ଓ ଜଗତସିଂହପୁର ଥାନା ବଡଲହଙ୍ଗା ଗ୍ରାମର ସୁରେଶ ସ୍ୱାଇଁ, (ଟେଙ୍ଗା) । ପୁଲିସ ଏକ ମାମଲା ରୁଜୁକରିଆଜିଅଦାଲତଚାଲାଣକରିଛି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସେଠୀ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

ଜଗତସିଂହପୁର,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅଞ୍ଚଳରେ ଗତ ୨୦୨୪ ଜୁଲାଇ ମାସରେ ସଂଘଟିତ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ତପନ ପାଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୪ ମସିହା ଜୁଲାଇ ୬ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ପିଡିତା ଶୌଚ ହେବାକୁ ଯାଇଥିବା ବେଳେ ଅଭିଯୁକ୍ତ ସଞ୍ଜୟ ଭୋଇ ତାକୁ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ପିଡିତାଙ୍କ ପରିବାର ପକ୍ଷରୁ ଜୁଲାଇ ୭ ତାରିଖରେ ଏତଲା ଦିଆ ଯାଇଥିଲା। ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୋଟ ୧୯ ଜଣଙ୍କ ଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ସଞ୍ଜୟ ଭୋଇକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ପାଇଁ ଆଦେଶ କରାଯାଇଛି।

## ଷଣ୍ଢକୁଦ ଅଞ୍ଚଳରେ ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ପାରାଦୀପ,୨୪।୧(ସମିସ): ପାରାଦୀପ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧୀନ ଷଣ୍ଢକୁଦ ଅଞ୍ଚଳରେ କିଛି ଯୁବକ ଯୋଜନାବଦ୍ଧ ଭାବରେ ସାରଦା ପ୍ରସାଦ ତ୍ରିପାଠୀଙ୍କୁ ଜୀବନରୁ ମାରିଦେବା ଲାଗି ଷଡ଼ଯନ୍ତ୍ର କରି ଗତକାଲି ରାତିରେ ତାଙ୍କୁ ଆତର୍କିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଶ୍ରୀ ତ୍ରିପାଠୀ ଗତକାଲି ରାତି ପାଖାପାଖି ୧୧ଟା ହେବ ବଜାରରୁ କାମ ସାରି ଘରକୁ ଫେରୁଥିବା ବେଳେ ଷଣ୍ଢକୁଦ ଅଞ୍ଚଳର ଆଶୁତୋଷ ମଲ୍ଲ, ବାବୁ ଓ ମୁକେଶଙ୍କ ସମେତ ଆଉ ଦୁଇ ଜଣ ଅଚିହ୍ନା ଯୁବକ ରାସ୍ତା ଉପରେ ରାସ୍ତା ଅବରୋଧ କରି ଛିଡା ହୋଇଥିଲେ। ରାସ୍ତା ଛାଡି ଛିଡା ହେବା ଲାଗି ସେ କହିବାରୁ ତାଙ୍କୁ ସେମାନେ ଧାରୁଆ ଅସ୍ତ୍ର ରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହ ଅଠରବାଙ୍କୀ ମେଡିକାଲ ନେଇ ଚିକିତ୍ସିତ କରାଇ ଥିଲେ। ସେଠାରେ ଅବସ୍ଥା ଭଲ ନଥିବାରୁ ଡାକ୍ତର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଏଭଳି ଘଟଣାକୁ ନେଇ ସାରଦା ପ୍ରସାଦ ତ୍ରିପାଠୀ ଜିଲ୍ଲା ମେଡିକାଲରୁ ଫେରିବା ପରେ ଆଜି ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଷଣ୍ଢକୁଦ ଅଞ୍ଚଳରେ ପହଁଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଲୋଟସ କ୍ରିକେଟ; ବଘେଇପୁର ଚାମ୍ପିଅନ୍

ବାଲିକୁଦା,୨୪।୧(ସମିସ): ଲୋଟସ୍ କ୍ରିକେଟ କ୍ଲବ ଓଲାଶ ଆନୁକୂଲ୍ୟରେ ଆୟୋଜିତ ୩୬ତମ ଲୋଟସ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେନେହୁରୁୟୁଥଆଣ୍ଡସ୍ପୋର୍ଟସଆସୋସିଏସନ ବଘେଇପୁରକ୍ରିକେଟ୍‌କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଲୋଟସ୍ କ୍ଲବ ଓଲାଶ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୮ ରନ କରି ପରାଜିତ ହୋଇଥିଲା। ମ୍ୟାଚରେ ୪୨ ବଲରେ ୬୨ ରନ କରିଥିବା ରାକେଶ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ମାତୃଶକ୍ତି କ୍ରିକେଟ କ୍ଲବ ଦଣ୍ଡବାଟିଆର ବ୍ରହ୍ମଜିତ ବିଶ୍ୱାଳ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ସଞ୍ଜୟ ବିଶ୍ୱାଳ ଓ ବବୁଲ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ସିପୁ ମହାନ୍ତି, ବବୁଲ ନାୟକ ଓ ଅଜିତ ସେଠୀ ସହାୟତା କରିଥିଲେ। ମ୍ୟାଚର ଧାରାବିବରଣୀ ସୁବାସ ସ୍ୱାଇଁ ଓ ସାଗର ବିଶ୍ୱାଳ ପ୍ରଦାନ କରିଥିଲେ। ଏହି ଅବସରରେ ଲୋଟସକ୍ଲବର୩୬ତମବାର୍ଷିକଉତ୍ସବରଉଦ୍‌ଘାଟନୀସନ୍ଧ୍ୟାରେସାମ୍ବାଦିକସୋମନାଥ ପରିଡ଼ାଙ୍କ ମଞ୍ଚ ସଂଯୋଜନା ଓ ଅନୁଷ୍ଠାନର ସଭାପତି ପବିତ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମାର ଯୁବ ନେତା ସଂଜୀବ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ସୌମ୍ୟକାନ୍ତ ପରିଡା, ଉପସଭାପତି ଆଶିଷ ନାୟକ, ଉପଦେଷ୍ଟା ରଞ୍ଜନ ନାୟକ, ଉପଦେଷ୍ଟା ବସନ୍ତ ନାୟକ ଯୋଗ ଦେଇଥିଲେ।

## ଜାଭିୟର ହାଇସ୍କୁଲରେ ମାତୃପୂଜନ

ଏରସମା,୨୪।୧(ସମିସ): ଏରସମା ସଦର ମହକୁମାସ୍ଥିତ ଏରସମା ବ୍ଲକର ସର୍ବପୁରାତନ ଇଂଲିଶ ମିଡିୟମ ସେଣ୍ଟ ଜାଭିୟର ହାଇ ସ୍କୁଲରେ ଶ୍ରୀପଞ୍ଚମୀ ତିଥିରେ ମାତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ଅଧକ୍ଷା ମାନସ୍ମିତା ପାଇଟାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ କ୍ଷିତିଶ୍ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଏରସମା ସିଆର୍‌ସିସି ନିବେଦିତା ଜେନା ଓ ଆମ୍ବିକି ସିଆର୍‌ସିସି ସ୍ମୃତିପ୍ରଜ୍ଞା ମହାପାତ୍ର ଯୋଗ ଦେଇଥିଲେ। ସହ-ଅଧକ୍ଷା ସ୍ନିଗ୍ଧା ସୌଭାଗ୍ୟବତୀ ମଞ୍ଚ ପରିଚାଳନା ସହିତ , ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଚିନ୍ମୟ କୁମାର ଦାସ ଓ ଶିକ୍ଷୟିତ୍ରୀ ସୁଭଦ୍ରା ସାହୁ , ସବିତା ରାଉତରାୟ ଓ ଅଳକା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା , ଲିପିକା ରାଉତ , ସ୍ୱାଗତିକା ପ୍ରଧାନ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗ ମାମଲା

# ୨ ଗିରଫ ଅଭିଯୁକ୍ତ କୋର୍ଟଚାଲାଣ

ଜଗତସିଂହପୁର,୨୪।୧(ସମିସ)

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାତ୍ରା ଗ୍ରାମର ବାସୁଦେବ ଦାସଙ୍କ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ରତିକାନ୍ତ ପାଢ଼ୀ ଓ ଶୁଭେନ୍ଦୁକାନ୍ତ ଦାସଙ୍କୁ ଆଜି କୋର୍ଟଚାଲାଣ କରାଯାଇ ଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତ।

ବାସୁଦେବଙ୍କ ପତ୍ନୀ ଲକ୍ଷ୍ମୀ ଦେଇ ଜଗତସିଂହପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଅଭିଯୋଗ ପତ୍ରରେ ଲକ୍ଷ୍ମୀ ଦାସ ଦର୍ଶାଇଛନ୍ତି ଗତ ୧୯ ତାରିଖରେ ସନ୍ଧ୍ୟା ସମୟରେ ତାଙ୍କ ସ୍ୱାମୀ ବାସୁଦେବ, ସ୍ଥାନୀୟ ଅଞ୍ଚଳର ରତିକାନ୍ତ ପାଢ଼ୀ ଓ ଯଦୁଆ ସହିତ ଘରୁ ଯାଇଥିଲେ। ସେମାନେ ବାସୁଦେବଙ୍କୁ ବହୁତ



ମଦ ପିଆଇବା ପରେ ତାର ଛାତି, ଅଣ୍ଟା, ପିଠି ଓ ମୁହଁକୁ ବାଡ଼େଇ ଗାଁ ନିକଟସ୍ଥ ହାଟବଜାର ପୋଲ ନିକଟରେ ପକାଇ ଦେଇଥିଲେ। ଘରକୁ ନ ଫେରିବାରୁ ରାତି ପ୍ରାୟ ୧୦ଟାରେ ବାସୁଦେବର ସ୍ତ୍ରୀ ଲକ୍ଷ୍ମୀ ଏବଂ ପୁଅ ଖୋଜାଖୋଜି କରି ହାଟପୋଲ ନିକଟରୁ ତାଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ମଙ୍ଗଳବାର ପେଟରେ ଯନ୍ତ୍ରଣା ହେବାରୁ ଜଗତସିଂହପୁର ମେଡ଼ିକାଲକୁ ନେଇ ଚିକିତ୍ସା କରାଇଥିଲେ। ଔଷଧ ନେଇ ମେଡ଼ିକାଲରୁ ଘରକୁ ଆଣିଥିଲେ। ତେବେ ଗୁରୁବାର ବିଳମ୍ବିତ ରାତିରେ ପୁନର୍ବାର ପେଟରେ ଯନ୍ତ୍ରଣା ହେବାରୁ ବାସୁଦେବଙ୍କୁ ଜଗତସିଂହପୁର ମେଡ଼ିକାଲକୁ ନେଇଥିଲେ ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାସୁଦେବଙ୍କୁ ତାର ସାଙ୍ଗ ରତିକାନ୍ତ ପାଢ଼ୀ ଓ ଯଦୁଆ ମାଡ଼ ମାରି ଆହତ କରିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପତ୍ନୀ ଅଭିଯୋଗ କରିଥିଲେ। ଏହି ଘଟଣାର ପ୍ରତିବାଦ କରି ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟା ଧରି ହାଟପୋଲ ନିକଟରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ଦେବା ପରେ ରାସ୍ତାରୋକ ହଟିଥିଲା। ବାସୁଦେବଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବଡ଼ପଡ଼ିଆରେ ମଦୁଆଙ୍କ ଆତଙ୍କ

## ଦୁଇ ସାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ,୨୪।୧(ସମିସ): ବଡ଼ପଡ଼ିଆ ଅଞ୍ଚଳ ଏବେ ମଦୁଆଙ୍କ ଆବିାସ୍ଥଳ ପାଲଟିଛି। ଏପରିକି ଏହି ଅଞ୍ଚଳରେ ସାନ୍ଧ୍ୟ ହେଲେ କେହି କାହାକୁ ଚିହ୍ନିବା ସମ୍ଭବ ହେଉନାହିଁ। କୌଣସି କାମରେ ସେହି ମାର୍କେଟକୁ ଯାଇଥିବା ସାଧାରଣ ଲୋକଟିଏ ମଦୁଆଙ୍କ ଆକ୍ରମଣର ଶିକାର ହେଉଛି। ଏଭଳି ଏକ ଅଭାବନୀୟ ଘଟଣା ଗତକାଲି ରାତିରେ ଘଟିଛି। ଖବର ଅନୁସାରେ ପାରାଦୀପ ଆଦର୍ଶ ଥାନାର ମାତ୍ର ଶହେ ମିଟର ଦୂରରେ ଥିବା ଏହି ବଡପଡ଼ିଆ ମାର୍କେଟର ରାତ୍ର ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଢିଙ୍କିଆରୁ ପାରାଦୀପ ବୁଲିବାକୁ ଆସିଥିବା ରାକେଶ ସ୍ୱାଇଁ ଓ ଟୁଲୁ ସ୍ୱାଇଁ, ଆଉ ଜଣେ ସାଙ୍ଗ ମିଶି ବଡପଡ଼ିଆରେ ଥିବା କାହ୍ନା ହୋଟେଲରେ ରାତ୍ରୀଭୋଜନ ସାରି ରେବିକା ହୋଟେଲ ଦେଇ



ବାହାରକୁ ଆସୁଥିଲେ। ଏହି ସମୟରେ ତାଙ୍କ ଗାଡ଼ି ସମ୍ମୁଖରେ ଏକ ବୁଲେଟ ଗାଡ଼ିରେ ଆସି ଗାଡ଼ି ଅଟକାଇବାରୁ ଗାଡିରୁ ରାକେଶ ବାହାରକୁ ଆସି ପଚାରିଥିଲା। ତେବେ ହଠାତ୍ କିଛି ବୁଝିବା ପୂର୍ବରୁ ବୁଲେଟରେ ଆସିଥିବା ମଦ୍ୟପ ଆତଙ୍କି ଦୁଇ ଜଣ ଅତର୍କିତ ଆକ୍ରମଣ କରିବା ସହ ତଳେ ପକାଇ ମାରିବାକୁ ଲାଗିଥିଲେ। ଏହାଦେଖି ଗାଡିରୁ ଟୁଲୁ ଆସି ପଚାରିବାରୁ ଟୁଲୁଙ୍କ ଆଖିକୁ ମାରି ସେଠାରୁ ମଦ୍ୟପ ଆତଙ୍କି ପଳାଇଯାଇଥିଲେ। ଏହି ଘଟଣାରେ ଟୁଲୁଙ୍କ ଆଖିରେ ଶକ୍ତ ଆଘାତ ଲାଗିଥିଲା। ପରେ ସେମାନେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରି ଚିକିତ୍ସା ପାଇଁ ବିଜୁ ମେମୋରିଆଲ ହସପିଟାଲ ଯାଇଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାତରିତ କରିଥିବା ଜଣାପଡ଼ିଛି। ତେବେ ପାରାଦୀପ ଭଳି ଶିଳ୍ପ ସହରରେ ପୁଣି ଏକ ନମ୍ବର ବନ୍ଦର ସହରରେ ଏମିତି ଘଟଣା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦୁଇ ସାଙ୍ଗ ଦାବି କରିଛନ୍ତି।

## ଅଳକା ମହାବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ



ବିରିଡ଼ି,୨୪।୧(ସମିସ): ବିରିଡି ବ୍ଲକ ବସନ୍ତପୁର ଅନନ୍ତବଟ ସ୍ଥିତ ଅଳକା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଆୟୋଜିତ କ୍ରୀଡା ଉତ୍ସବକୁ କଲେଜ ଅଧକ୍ଷ ଚିତ୍ତରଞ୍ଜନ ପାତ୍ର କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ଅତିଥି କ୍ରୀଡ଼ା ଶିକ୍ଷକ ଶତ୍ରୁଘ୍ନ ମହାନ୍ତିଙ୍କୁ ଅଧକ୍ଷ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟ କ୍ରୀଡା ଉପସଭାପତି ଅଧ୍ୟାପକ ପ୍ରସନ୍ନ କୁମାର ପାଢ଼ୀ ଓ ସହ ଉପସଭାପତି ଅଧ୍ୟାପକ ସୌମ୍ୟରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧକ୍ଷ ଦୀପଙ୍କର ଜେନା, ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ ଯୋଗଦେଇ କ୍ରୀଡ଼ାର ଉପାଦେୟତା ଉପରେ ସୂଚନାଦେଇଥିଲେ। ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜର ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଅତିଥି କ୍ରୀଡ଼ା ଶିକ୍ଷକ ଶତ୍ରୁଘ୍ନ ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟାପକ, ଚୁମନ ବେହେରା, ପ୍ରଦୀପ୍ତ ପଟ୍ଟନାୟକ, ଅଶୋକ କୁମାର ଲେଙ୍କା, ଶୁଚିସ୍ମିତା ବେହେରା, ରାଧାରାଣୀ ମାଝୀ, ସନ୍ଧ୍ୟାରାଣୀ ମହାନ୍ତି, ଇଜାବେଲା ଶତପଥୀ, ରଶ୍ମିରେଖା ବାରିକ, ତୁଷାର ରଞ୍ଜନ ଜେନା, ଜି ସତୀଶ କୁମାର, ସୌମ୍ୟ ରଞ୍ଜନ ଦାସ, କାଳନ୍ଦୀ ପ୍ରଧାନ, ସୁରେନ୍ଦ୍ର ସାହୁ, ଅକ୍ଷୟ ବେହେରା,ରଞ୍ଜନ ସାହୁ, ଅଧ୍ୟାପିକା ଶ୍ରାବଣୀ ପଟ୍ଟନାୟକ, ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଶୁଦ୍ଧାନନ୍ଦ ବିଦ୍ୟାଳୟ ସ୍କାଉଟ ଦଳର ସଫଳତା



ଜଗତସିଂହପୁର,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ସ୍କାଉଟଗାଇଡ୍ କ୍ୟାମ୍ପୋରୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ ଟ୍ରୁପ୍ ଅଂଶଗ୍ରହଣ କରି ଅଭୂତପୂର୍ବ ସଫଳତା ହାସଲ କରିଛି। ବିଦ୍ୟାଳୟର ସ୍କାଉଟ ଶିକ୍ଷକ ଆଶୁତୋଷ ପଣ୍ଡା ଏବଂ ସହଯୋଗୀ ଶିକ୍ଷକ ରାକେଶ ରୋଷନ୍ ସାହୁ ଓ ପ୍ରିୟଦର୍ଶିନୀ ଦାସଙ୍କ ସୁଦୃଢ଼ ନେତୃତ୍ୱରେ ଏହି ସଫଳତା ମିଳିଛି। ମୋଟ ୧୨ଟି ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାମାନଙ୍କ ମଧ୍ୟରୁ ସୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟମାନେ ୬ଟି ବିଭାଗରେ ପ୍ରଥମ ସ୍ଥାନ, ୩ଟି ବିଭାଗରେ ଦ୍ୱିତୀୟ ସ୍ଥାନ ଏବଂ ୧ଟି ବିଭାଗରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ୍ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସ୍କାଉଟ ମାନଙ୍କୁ ହୃଦୟପୂର୍ଣ୍ଣ ଶୁଭକାମନା ଜଣାଇଛନ୍ତି। ଏହା ସହିତ ସ୍ୱାମୀ ଶୁଦ୍ଧାନନ୍ଦଜୀ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସ୍କାଉଟମାନଙ୍କୁ ଆଶୀର୍ବାଦ ଦେବା ସହ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ଉତ୍ସାହିତ କରିଛନ୍ତି। ବିଦ୍ୟାଳୟର ଏହି ବିରଳସଫଳତାରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଖୁସିର ଲହର ଖେଳିଯାଇଛି।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ନାଉଗାଁ,୨୪।୧(ସମିସ): ଜଗତସିଂହପୁରଜିଲ୍ଲା ନାଉଗାଁ ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଅନୁକୁଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ ଏବଂ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ରତିକ କୁମୁଦ ଚନ୍ଦ୍ର ପ୍ରଧାନ, କେନ୍ଦ୍ରର ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ରତିକ ଗଣେଶ ଚନ୍ଦ୍ର ସାହୁ, କର୍ମୀ ଅଶୋକ କୁମାର ପରିଡା, ଶରତ ରାଉତ, ବୈଷ୍ଣବ ଚରଣ ଓଝା, ସମୀର ସ୍ୱାଇଁ, ଅଲେଖ ସାହୁ, ପ୍ରମୋଦ ବାଲ, କାହ୍ନୁଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ସକାଳୁ ବ୍ଲକଛକ ଠାରୁ କୋକିଡିହ ଛକ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁରଙ୍କୁ ରଥରେ ବୁଲାଇ ନଗର କୀର୍ତ୍ତନ କରାଯାଇଥିଲା।

## ରାଷ୍ଟ୍ରପତି ପୁରସ୍କାର ପାଇଥିବା ସରପଞ୍ଚଙ୍କ ପରଲୋକ



ରଘୁନାଥପୁର,୨୪।୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣା ବସନ୍ତ ଗ୍ରାମପଞ୍ଚାୟତର ରାଷ୍ଟ୍ରପତି ପୁରସ୍କାର ପାଇଥିବା ସରପଞ୍ଚ ତଥା ବର୍ତ୍ତମାନର ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଚୈତନ୍ୟ ଚରଣ ଦାସ(୮୦)ଙ୍କ ଶନିବାର ଦିନରେ ମୃତ୍ୟୁଘଟିଛି। ତାଙ୍କ ବିୟୋଗରେ ପୁରୁଣାବସନ୍ତ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଦର୍ଶନ କରିବା ପାଇଁ ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ଅଧକ୍ଷ ରଜତ କୁମାର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମପଞ୍ଚାୟତ ପରିକ୍ରମା କରଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟକରାଯାଇଥିଲା। ବଡପୁଅ ଦିଲୀପ ଦାସ ମୁଖାଗ୍ନି ଦେଇଥିଲେ।

## ପଶ୍ଚିମେଶ୍ୱର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଜଙ୍ଗ,୨୪।୧(ସମିସ): କୁଜଙ୍ଗ ବ୍ଲକ ବଣିତୋସ୍ଥିତ ପଶ୍ଚିମେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ଛାତ୍ର ଛାତ୍ରୀ ମାନେ ଭାଗନେଇ ଥିଲେ। ବାରଟି ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଦାପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଛାୟତ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଆଡଭୋକେଟ୍ ଉମେଶ ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମନୋରଞ୍ଜନ ପଣ୍ଡା, ସେବା ନିବୃତ ବର୍ଷୀୟାନ ଶିକ୍ଷକ ଚିନ୍ତାମଣି ରାଉତ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପର୍ଶୁରାମ ସାମଲଙ୍କ ସହ ପାବିତ୍ର କୁମାର ସ୍ୱାଇଁ, ପପୁ ପାତ୍ର, ଭାଗ୍ୟଲକ୍ଷ୍ମୀ ରାଉତ, ଅନୁଷୟା ସେଠୀ, ତାରକା ନାଥ ହୋତା, ପର୍ଶୁରାମ ବିଶ୍ୱାଳ, ବିବେକାନନ୍ଦ ପାଢ଼ି, ବିପିନ ବିହାରୀ ନାୟକ ରଞ୍ଜିତା ନାୟକ, ଆରୁଣି ବାଳା ନାୟକ, ବିରଜା ପ୍ରସନ୍ନ ନାୟକ, ଝରଣା ଦାସ, ମନୋରଞ୍ଜି ରାଉତ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

## କର୍କଟ ପୀଡ଼ିତ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ



ଜଗତସିଂହପୁର,୨୪।୧(ସମିସ): କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ଜଗତସିଂହପୁର ଶାଖା ପକ୍ଷରୁ ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିବା ଚାରୂଲତା ସ୍ୱାଇଁଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଚାରୁଲତା ରକ୍ତ କର୍କଟରେ ପୀଡ଼ିତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ଜାନୁଆରୀ ୧୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଚାରୁଲତା ଙ୍କର ଦୁଇଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଏଭଳି ବିପଦ ସମୟରେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭି ସୋସାଇଟିର ନିର୍ଦ୍ଦେଶକ ପ୍ରତାପ ମହାପାତ୍ର, ଜଗତସିଂହପୁର ଶାଖା ପରିଚାଳକ ଲକ୍ଷ୍ମଣ ସାହୁ ଏବଂ ଦୈନିକ ଜମା ସଂଗ୍ରହକାରୀ ସଞ୍ଜୟ କୁମାର ସାହୁ ଚାରୁଲତାଙ୍କ ଘରକୁ ଯାଇ ତାଙ୍କ ସ୍ୱାମୀ ବିଜୟ କୁମାର ସ୍ୱାଇଁଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଆର୍ଥିକ ନେଣଦେଣ କାରବାର ସହ ସୋସାଇଟି ପକ୍ଷରୁ ଦୁରାରୋଗ୍ୟରେ ପୀଡ଼ିତ ଅସହାୟ, ଗରିବ ମେଧାବୀ ଛାତ୍ରଛାତ୍ରୀ, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କୃତି କ୍ରୀଡ଼ାବିତ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରା ଯାଇଆସୁଛି।

# ଜାତୀୟ ସେବା ଯୋଜନା ଶୀତକାଳୀନ ଶିବିର




କୁଜଙ୍ଗ/ପରାଦୀପ,୨୪।୧(ସମିସ): କୁଜଙ୍ଗ ବ୍ଲକ ବଗଦିଆ ଗ୍ରାମପଞ୍ଚାୟତ ଅଧୀନସ୍ଥ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ ସାତଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ରୁ ୨୨ ତାରିଖ ଯାଏ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୦ ଜଣ ପ୍ରଥମ ଓ ଦ୍ୱିତୀୟ କଳା ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଅଧକ୍ଷା ଡ. ବନପ୍ରଭା ପରିଡ଼ା ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରର ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ରୟତ୍‌ସାହିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସଫେଇ, ଶୋଭାଯାତ୍ରା ବୃକ୍ଷରୋପଣ କରାଯାଇଥିଲା। ଉତ୍ସବରେ ତଟରକ୍ଷୀ ବାହିନୀର ଡେପୁଟି କମାଣ୍ଡଣ୍ଟ ସତରଜ୍ ସିଂହ ସାହି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇଓସିଏଲ୍ ସିଏସ୍‌ଆର ବିଭାଗର ଡେପୁଟି ଜେନେରାଲ ମ୍ୟାନେଜର ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧି ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ବାଣିଜ୍ୟ ବିଭାଗ ମୁଖ୍ୟ ଡ. କିଶୋର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ କୁମାର ସାମଲ, ବିଜୟ କେତନ ସେଠୀ ବକ୍ତବ୍ୟ ରଖିଥିଲେ। ଏହି ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରକାଶ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୌଦାମିନୀ କର, ସୁଷମା ମହାପାତ୍ର, ସୁଶ୍ରୀ କୁସୁମ ମାଝୀ, ଅଧ୍ୟାପକ ସୁବାସ ଚନ୍ଦ୍ର ପଣ୍ଡା, ପବିତ୍ର କିଶୋର ପରିଡା, ଅଶ୍ୱିନୀ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ପ୍ରୀତି ରଞ୍ଜନ ଦାସ, ବିକାଶ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜୟ କୁମାର ପଲେଇ, ପ୍ରସନ୍ନ କୁମାର ସ୍ୱାଇଁ, ହରେକୃଷ୍ଣ ନାୟକ, ପିଙ୍କି ଓଝା ପ୍ରମୁଖ ସହଯୋଗ କରିଥିଲେ।

# ଏରସମା ଫ୍ରେଣ୍ଡସ କ୍ଲବ୍‌ର ବାର୍ଷିକ ଉତ୍ସବ

ଜଗତସିଂହପୁର/ଏରସମା,୨୪।୧(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ଠାରେ ୧୯୩୦ ମସିହାରେ ତତ୍କାଳୀନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଏରସମାର ପ୍ରଥମ ବିଧାୟକ ଗୌରୀଶ୍ୟାମ ନାୟକ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ରେଣ୍ଡସ କ୍ଲବର ୯୬ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ




ବାଲିକୁଦା ଏରସମା ବିଧାୟକ ତଥା ଏହି କ୍ଲବର ସଦସ୍ୟ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଫ୍ରେଣ୍ଡସ କ୍ଲବରେ ଏରସମା ଅଞ୍ଚଳର ଅନେକ ସ୍ମୃତି ଓ ଅନୁଭୂତି ରହିବା ସହିତ ଜଡିତ ବୋଲି କହିଥିଲେ। ଏହି କ୍ଲବରେ ପ୍ରଥମେ ଏରସମା ବ୍ଲକ୍ ଓ ବିଭିନ୍ନ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା ଏବଂ ଏହି ପୁରାତନ କ୍ଲବ୍ ଏକ ମଣିଷ ତିଆରି କାରଖାନା ରୂପେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ତିଆରି କରି ପରବର୍ତ୍ତୀ ସମୟରେ ଏହି ଅଞ୍ଚଳକୁ ଗୌରବାନ୍ୱିତ କରିଥିବା କହିଥିଲେ। ଏହି ୯୬ ବର୍ଷର ଅନୁଷ୍ଠାନ ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଏରସମା ଅଞ୍ଚଳରେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ହାତକୁ ନେଇଥିବା ସେ କହିଥିଲେ। କ୍ଲବ ସଭାପତି ଅଧ୍ୟାପକ ସଞ୍ଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ରଘୁ ସାହୁ, ଏରସମା ଥାନା ଅଧିକାରୀ ପ୍ରେମଜିତ୍ ଦାସ, ବରିଷ୍ଠ କମ୍ୟୁନିଷ୍ଟ ନେତା ଶଶୀ ଭୂଷଣ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଫ୍ରେଣ୍ଡସ କ୍ଲବ୍ ଏ ଅଞ୍ଚଳର ଅନେକ ସୁଖ ଦୁଃଖର ସ୍ମୃତିବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ତପନ କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, ଅନ୍ତର୍ଯ୍ୟାମୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ସେଠୀ। ଅନ୍ୟ ମାନଙ୍କ ମଧ୍ୟରେ ଇଞ୍ଜିନିୟର ସୁମନ ଖଟୁଆ, ସ୍ମୃତିରଞ୍ଜନ ମଲ୍ଲିକ, ସାଗର ବେଉରା, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଚିନ୍ମୟ ଚିରସୁନ୍ଦର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ରି-ସାଇକ୍ଲିଂ



ମୂଳ ହିନ୍ଦୀ : ଏସ୍. ଭାଗ୍ୟମ ଶର୍ମା

ଅନୁସୃଜନ : ନମିତା ପାଇକରାୟ

ହସ୍ପିଟାଲର ବାରଣ୍ଡାରେ ବସି ମୋହିତ ବଡ଼ ବଡ଼ ଆଖିରେ ଚାହିଁଥିଲା । ସାମ୍ନା ବଗିଚାରେ ସୁନ୍ଦର ସୁନ୍ଦର ଫୁଲ ଫୁଟି ଥିଲା । ଯିବାଆସିବା କରୁଥିବା ମଣିଷମାନେ, ସେବା କରୁଥିବା କର୍ମଚାରୀମାନେ ଥିଲେ । ସେଠାର କାନ୍ଥଗୁଡ଼ିକରେ ଛୋଟ ପିଲାମାନଙ୍କ ଫଟୋ ଟଙ୍ଗା ହୋଇଛି । କିନ୍ତୁ କୌଣସି ଜିନିଷ ତା'ର ଧ୍ୟାନ ଆକର୍ଷଣ କରିପାରୁନି ।

ତା'ର ମନ ତ ସୁଗୁଣା...ସୁଗୁଣା ଜପୁଥିଲା । ସେ ସୁଗୁଣା ସହ ବିତାଇଥିବା ଅଠର ବର୍ଷ ଚଳଚ୍ଚିତ୍ର ପରି ଲାଗୁଥିଲା । ଯେମିତି ନେପଥ୍ୟରେ ଚଳଚ୍ଚିତ୍ର ଚାଲୁଥିଲା । ଯେଉଁ ଦିନ ସୁଗୁଣା ଘରକୁ ତାକୁ ଦେଖିବାକୁ ଯାଇଥିଲେ, ସେଦିନଠୁ ସେ ସମସ୍ତଙ୍କୁ ପ୍ରଭାବିତ କରି ରଖିଥିଲା । ମୋହିତର ବାପା ମା', ସୁଗୁଣା ବନେଇଥିବା ପକୁଡ଼ି ଓ ହାଲୁଆର ପ୍ରଶଂସା କରିଥିଲେ । ମୋହିତର ଭଉଣୀ ସୁଗୁଣାର ଘର ସଜାଇବାର କଳାରେ ମୁଗ୍ଧ ହୋଇଥିଲା । ସୁଗୁଣାର ବାପା ନିଜ ଝିଅର ପ୍ରଶଂସା କରି କହିଲେ – "ସୁଗୁଣା ସବୁ କାମରେ ନିପୁଣା । ବୋହୂ ହେବା ପାଇଁ ଯୋଗ୍ୟା ।"

ସମସ୍ତେ ନିଜ ଝିଅର ପ୍ରଶଂସା କରନ୍ତି । ସୁଗୁଣାର ବାପା ଯେମିତି ପ୍ରଶଂଶା କଲେ ପୂରା ନିଆରା । କହିଲେ, "ସୁଗୁଣା ରୋଷେଇ କରୁ କି ଇନ୍‌ଟେରିଅର୍ ଡେକୋରେସନ୍ କରୁ ସବୁ ସୁନ୍ଦର ଓ ନିଖୁଣ । ଶଶୁରଘର ଲୋକ ବି କହୁଥିଲେ ସୁଗୁଣାର ବାପା ଯେତିକି ପ୍ରଶଂଶା କରୁଥିଲେ, ତାହାଠାରୁ ଆମ ବୋହୂ ଆହୁରି ଅଧିକ ପ୍ରଶଂସାର ପାତ୍ର ।

ବାହାଘର ପରେ ଯେତେବେଳେ ଉପହାରର ପ୍ୟାକେଟ୍ ସମସ୍ତେ ଖୋଲି ଖୋଲି ଦେଖୁଥିଲେ । ସୁଗୁଣା ଚୁପ୍‌ଚାପ୍ ପ୍ୟାକେଟ୍ ଉପର ଚିକ୍ ମିକ୍ ଜରି କାଗଜଗୁଡ଼ିକ ସାଇତି ରଖୁଥିଲା ।

ଶାଶୁ କହିଲେ, "ସୁଗୁଣା ସେଗୁଡ଼ାକ କ'ଣ କରିବୁ ? ଫୋପାଡ଼ି ଦେ ।"

ସୁଗୁଣା କହିଲା, "ଥାଉ ମା, କେତେବେଳେ ନା କେତେବେଳେ କାମରେ ଆସିବ... ।" ତା' କଥା ଶୁଣି ସମସ୍ତେ ହସିଲେ ।

ଦାଦା ମଜାରେ କହିଲେ, "ମୋହିତ ତୋତେ ବିଲ୍‌କୁଲ୍ ଠିକ୍ ଝିଅ ମିଳିଛି ।" ଭଉଣୀ ହସି ହସି କହିଲା, "ତମେ ତ ଏବେ ହଇରାଣରେ ପଡ଼ିବ, ଫେସନ୍ ବଦଳି ଗଲା କହି ଜୋତା, ଚଷମା ଫୋପାଡ଼ି ଦିଅ, ନୂଆ କିଣି ଆଣ, ଏବେ ତୁମେ କ'ଣ କରିବ ?"

ମୋହିତ କେବେ ବି ସୁଗୁଣାର କାମରେ ଦଖଲ ଦିଏନା, ସୁଗୁଣାର କାମ କରିବା ବିଧି ସ୍ୱତନ୍ତ୍ର ଥିଲା । ସେ କୌଣସି ବସ୍ତୁକୁ ବେକାର ଭାବେନା, ଅଦରକାରୀ ବସ୍ତୁକୁ ବି ସେ କୌଣସି କାର୍ଯ୍ୟରେ ଲଗାଇ ଜାଣେ । ଘର ସଜେଇ ଦେବ, କାହାର ଦରକାର ହେଲେ ଦେଇ ଦେବ ।

ଘରେ ଯେଉଁ ବଗିଚା ଥିଲା, ସେଥିରେ ବହୁତ ଫୁଲ ଫୁଟୁ ଥିଲା, ଘର ପୂଜା ପାଇଁ ସୁଗୁଣା ଫୁଲ ତୋଳି ରଖେ, ବାକି ଫୁଲ ପ୍ରତିଦିନ ପାଖ ମନ୍ଦିରରେ ଦେଇ ଆସେ । ଘରେ ଫଳ ପନିପରିବାର ଚୋପାକୁ ବଗିଚାରେ ଗାତ ଖୋଳି ସଢ଼ାଇ ଖତ କରେ । ମା'ର ପୁରୁଣା ଶାଢ଼ିରୁ କନ୍ଥା ବନେଇ ଘରେ ସହାୟତା କରୁଥିବା ଲୋକମାନଙ୍କୁ ଦିଏ । ଛୁଆଙ୍କ ଛୋଟ ହୋଇଯାଉଥିବା ପୋଷାକ ଓ ଖେଳଣା କାହାକୁ କାହାକୁ ଦେଇଦିଏ ।

ସୁଗୁଣା କେବଳ ଶାଶୁଙ୍କର ଖୁବ୍ ଯତ୍ନ ନିଏ ବୋଲି ନୁହେଁ, ଦରକାର କରୁଥିବା ସବୁ ସଦସ୍ୟଙ୍କୁ ସାହାଯ୍ୟ କରେ । ମୋହିତ ଟୁର୍‌ରେ ଗଲେ, ଛୁଆଙ୍କ ପାଠପଢ଼ା, ଘର ପରିବାର, ବନ୍ଧୁବାନ୍ଧବଙ୍କ କଥା ସବୁ ସୁଗୁଣା ସୁନ୍ଦର ଭାବେ ବୁଝେ ।

ହଠାତ୍ ମୋହିତର କାନ୍ଧ କିଏ ଧରିଲା । ଫେରି ଚାହିଁଲା ମୋହିତ ଦେଖିଲା ତା' ମା ଧରି ଥିଲା । ପୁଅକୁ ଚାହିଁ କାନ୍ଦି କାନ୍ଦି କହିଲେ, "ପୁଅରେ ଏ ସବୁ ମୋରି ପାଇଁ ହେଇଛି । ମୁଁ ପଡ଼ି ଯିବି ବୋଲି ସୁଗୁଣା ଦୌଡ଼ି ଆସିଲା ମୋତେ ଧରିବାକୁ ।"

ତେର ବର୍ଷର ନାତୁଣୀ ଆଶ୍ୱାସନା ଦେଇ କହିଲା, "ଜେଜେମା କାନ୍ଦ ନାହିଁ, ମା' ଆମକୁ ଛାଡ଼ି କୁଆଡ଼େ ଯିବନି ।"

ଗାଧୋଇବା ପରେ ଶାଶୁ ଆସୁଥିଲେ । ହଠାତ୍ ମୁଣ୍ଡ ବୁଲେଇଲା ପଡ଼ି ଯାଇ ଥାଆନ୍ତେ, ସୁଗୁଣା ଦୌଡ଼ି ଯାଇ ଧରି ପକାଇବ କ'ଣ ତା' ହାତରୁ ତେଲ ଗିନାଟା ଖସି ପଡ଼ିଲା । ତେଲ ଉପରେ ତା'ର ପାଦ ଖସି ଗଲା । ସେ ପଡ଼ିଗଲା ମାତ୍ରକେ ବେହୋସ୍ ହୋଇ ଗଲା । ଏହାକୁ ବିଧିର ବିଧାନ ନକହି ଆଉ କ'ଣ କହିବା?

ସୁଗୁଣାକୁ ଦେଖି ସାରି ଡାକ୍ତର ବାହାରକୁ ଆସିଲେ । ମୋହିତ କାନ୍ଧରେ ହାତ ରଖିଲେ । ମୋହିତ ଉଠିବାକୁ ଉଦ୍ୟତ ହେଲା ବେଳକୁ ଡାକ୍ତର ତା' ପାଖରେ ବସିଗଲେ । କହିଲେ- "ମୋହିତ ନିଜ ମନକୁ ଦୃଢ଼ କର । ଆମର ସବୁ ଚେଷ୍ଟା ବିଫଳ ହେଲା, ଭଗବାନଙ୍କ କୃପା ନାହିଁ । ବ୍ରେନ୍ ଡେଡ୍ ହୋଇଗଲା । ଜୀବନ ଅଛି, ନିଶ୍ୱାସ ନେଉଛି, ଯନ୍ତ୍ରଟି କାଢ଼ି ଦେଲେ ନିଶ୍ୱାସ ବନ୍ଦ ହୋଇ ଯିବ ।"

ମା' ପୁଅକୁ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା । ସେତ ଆଗରୁ ଜଡ଼ ହୋଇ ଯାଇଥିଲା । ଖବର ପାଇ ଜ୍ଞାତି କୁଟୁମ୍ବ, ବନ୍ଧୁ ପରିଜନ ସମସ୍ତେ ଆସିବାକୁ ଲାଗିଲେ । ମୋହିତ ଚୁପ୍‌ଚାପ୍ ବସି ଥିଲା । ତା' କାନରେ ଡାକ୍ତରଙ୍କ କଥା ଗୁଞ୍ଜରିତ ହେଉଥିଲା ।

ଡାକ୍ତର କହିଲେ, "କ୍ଷମା କରିବେ ମୋହିତ, ସାନ୍ତ୍ୱନା ଦେବା ପାଇଁ ଶବ୍ଦ ନାହିଁ ମୋ ପାଖରେ । ତଥାପି କହୁଛି ଆପଣ ଯଦି ଚାହିଁବେ, ଆପଣଙ୍କ ସ୍ତ୍ରୀର ଅଙ୍ଗପ୍ରତ୍ୟଙ୍ଗ ଦାନ କରିପାରିବେ । ଦରକାର କରୁଥିବା ବ୍ୟକ୍ତିମାନେ ଉପକୃତ ହେବେ । ଏହା ସମ୍ପୂର୍ଣ୍ଣ ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ ।"

ମୋହିତ ଭାବୁଥିଲା, ଡାକ୍ତରଙ୍କ ନିବେଦନକୁ କେମିତି ଛୁଆଙ୍କୁ ଜଣାଇବ? ଏ କଷ୍ଟ କ'ଣ ସେମାନେ ସହି ପାରିବେ? ସୁଗୁଣାର ମା'ବାପାଙ୍କୁ କେମିତି ସାନ୍ତ୍ୱନା ଦେବ? ହେ ଭଗବାନ!

"ବାପା, ବାପା", ଯେମିତି ଝିଅର ଡାକ ଶୁଣିଲା ମୋହିତ ମୁଣ୍ଡ ଉଠାଇ ଚାହିଁଲା । ଝିଅ ପଚାରିଲା, "ବାପା କ'ଣ ଭାବୁଛ ? ଆମ ଆର୍ଥିକ ସ୍ଥିତି ସବୁବେଳେ ଭଲ ରହିଛି । ତଥାପି ମା' କୌଣସିପ୍ରକାର ଜିନିଷକୁ ବେକାର ଫୋପାଡ଼ି ଦିଏନି । କେମିତି ହେଉ ପଛେ ତାକୁ କାମରେ ଲଗେଇ ଦିଏ । ଯାହାର ଯାହା ଦରକାର ଅନ୍ୟମାନଙ୍କୁ ମା' ଖୁସିରେ ଦେଇ ଦିଏ । ମା' ମରିଗଲା ପରେ, ଏ ସ୍ଥିତିରେ, ମା'ର ଅଙ୍ଗପ୍ରତ୍ୟଙ୍ଗ ଯଦି ଅନ୍ୟ କାହାର କାମରେ ଆସିବ, ତାହେଲେ ମା'ର ଆତ୍ମାକୁ ଶାନ୍ତି ମିଳିବ ବାପା ।"

ଝିଅର କଥା ଶୁଣି ମୋହିତର ଚିନ୍ତା ଦୂର ହୋଇଗଲା । ମନରେ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ଦୂର ହୋଇଗଲା । ଝିଅକୁ କୋଳେଇ ଧରି କାନ୍ଦି ପକେଇଲା, ଭିତରେ ଥିବା ସବୁ କୋହ ବାହାରି ଆସିଲା । ବର୍ଷା ପରେ ଆସିଥିବା ଖରା ପରି ଶାନ୍ତ ହୋଇ ଝିଅ ସହ ଡାକ୍ତରଙ୍କ ପାଖକୁ ମୋହିତ ଗଲା । ଝିଅ କହିଲା, "ବାପା ମା' କେତେ ମହାନ ଥିଲା । ସାରା ଜୀବନ ସବୁ ଜିନିଷକୁ ରି-ସାଇକ୍ଲିଂ କରୁଥିଲା । ଗଲା ବେଳକୁ ବି ତା' ନିଜ ଅଙ୍ଗ ପ୍ରତ୍ୟଙ୍ଗକୁ ରି-ସାଇକ୍ଲିଂ ପାଇଁ ଛାଡ଼ି ଗଲା । ସେ ଯେଉଁ ସିଦ୍ଧାନ୍ତରେ ଚାଲୁଥିଲା, ତାହା ତା' ଜୀବନରେ ପ୍ରମାଣିତ ହୋଇ ଗଲା ।"

"ହଁ ଝିଅ! ତୋ ମାଆ ମହାନ୍ ।" ■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬

## ନିଆଁ



ମୂଳ ହିନ୍ଦୀ : କୌଶଳ କିଶୋର

ଅନୁବାଦ: ଅଞ୍ଜୁମନ ଆରା

ନିଆଁ ପଥରଗୁଡ଼ିକରେ ଥିଲା
ନିଆଁ ଶୁଖିଲା ଗଛସବୁରେ ଥିଲା
ନିଆଁ ପୃଥିବୀର ଭିତରେ ଥିଲା

ଏହି ନିଆଁକୁ
ନିଆଁ ଭାବେ ବୁଝିବାରେ
ଶତାବ୍ଦୀ ବିତିଗଲା

ଏବେ ତ ଚାରିଆଡ଼େ
କେବଳ ନିଆଁ ହିଁ ନିଆଁ
ସେ ଲାଗିଯାଏ
ସେ ଲଗାଯାଏ ମଧ୍ୟ


ଯେପରି ରାଜଧାନୀରେ ଲାଗିଥିଲା
ଦେଖୁ ଦେଖୁ
ଦୁଇ ଶହ ଝୁମ୍ପୁଡ଼ି ଜଳି ପାଉଁଶ ହୋଇଗଲା

ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ହେଲା
ଡଜନେ ଲୋକଙ୍କ ଜୀବନ ଗଲା
ସଜେଇଥିବା ସ୍ୱପ୍ନତକ ମାଟି ହୋଇଗଲା

ମହାନଗରର
ମାଉଣ୍ଟେନ ଭ୍ୟୁ ଆପାର୍ଟମେଣ୍ଟରେ
ଖୁସି ପାଳିତ ହେଲା ମିଠା ବଣ୍ଟାଗଲା
ସେମାନେ କହୁଥିବା ଶୁଣାଗଲା
ନିଆଁ କ'ଣ ଲାଗିଲା
ପଛପଟ ମଇଳା ସଫା ହୋଇଗଲା

"ମୋଗାମ୍ବୋ ଖୁସି ହେଲା"
ଚେହେରା ଚମକି ଉଠିଲା
ସବୁଠୁ ବେଶି ଖୁସି
ନଗର ପ୍ରଶାସନ ପାଇଲା
ଯେଉଁ କାମ ବୁଲଡୋଜର କରିଥାନ୍ତା
ତାହା
ନିଆଁ କରି ଦେଖାଇଲା

ଏବେ ନିଆଁ, ନିଆଁ ନ ଥିଲା
ସେ ଖବରକାଗଜର ଏକ ଖବର ହୋଇଗଲା
ପ୍ରଥମ ଦିନ ପଢ଼ା ଗଲା, ଦ୍ୱିତୀୟ ଦିନ ବାସି ହୋଇଗଲା । ■



## କେବଳ ଶୂନ୍ୟ

ନଦୀ ହେଉ କି ପାହାଡ଼
ଜଙ୍ଗଲ ହେଉ କି ଝରଣା

ଯେଉଁମାନେ ତିଆରି କରିନାହାନ୍ତି
ଏମାନଙ୍କୁ ରଚିବା ଓ ଗଢ଼ିବାରେ
ଯାହାଙ୍କର କୌଣସି ହାତ ନାହିଁ
ସେମାନେ ସମ୍ପୂର୍ଣ୍ଣ ନଦୀକୁ ଗିଳି ଯାଉଛନ୍ତି

ସେମାନେ ପାହାଡ଼ର ପେଟ ଭିତରେ
ଏତେ ବିସ୍ଫୋଟକ ଭରିଛନ୍ତି
ଯେ ପାହାଡ଼ ଦେହର
କୌଣସି ବି ଅଂଶ ସମ୍ପୂର୍ଣ୍ଣ ହୋଇ ରହିନାହିଁ

ସେମାନେ ସବୁଜ ଜଙ୍ଗଲକୁ ନୁହେଁ ବରଂ
କଂକ୍ରିଟ୍ ଜଙ୍ଗଲକୁ ଭଲ ପାଆନ୍ତି
ଏବଂ ତାକୁ ହିଁ
ପୃଥିବୀରେ ଚାଷ କରୁଛନ୍ତି


ଯାହାସବୁ ହେଉଛି
ଯେଉଁମାନେ କରୁଛନ୍ତି
ଅନ୍ତତଃ କେଉଁ ଅଧିକାର ବଳରେ !
ଯେତେବେଳେ କି କର୍ତ୍ତବ୍ୟ ଖାତାରେ
ସେମାନଙ୍କ ଭାଗ ଶୂନ୍ୟ
କେବଳ ଶୂନ୍ୟ । ■

ପ୍ରଫେସର, ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୬୨୯୭୮୬

## ପୁସ୍ତକ ପରିଚୟ

### ବ୍ଲୁ

ଲୋପାମୁଦ୍ରା ମୈକାପ୍






ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୭୯ ଟଙ୍କା

ମାନବୀୟ ସମ୍ବନ୍ଧର ମାର୍ମିକ ଚିତ୍ରରେ ବର୍ଣ୍ଣିଳ ଲୋପାମୁଦ୍ରା ମୈକାପ୍‌ଙ୍କ 'ବ୍ଲୁ' ପୁସ୍ତକର ଗପଗୁଡ଼ିକ । ଏହି ପୁସ୍ତକରେ ୧୩ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ, ଅନ୍ତଃସ୍ୱର ଅଲଗା ଅଲଗା । 'ଏକ ରେଳଯାତ୍ରା: ନିୟୁଦିଲ୍ଲୀରୁ ଭୁବନେଶ୍ୱର', 'ଜନ୍ମ', 'ଦଗ୍ଧ କାଠଯୋଡ଼ି', 'ଅନୁମତି', 'ନିଖୋଜ ଜହ୍ନର ଠିକଣା', 'ନୀଳାଞ୍ଜନା', 'ବାଘୁଣୀ', 'ଭର୍ଜିନ୍ ମୋହିତୋ ଓ ନୟନ ପଣ୍ଡା', 'ମୁଁ, ତୁମେ ଓ ଆମ ପୃଥିବୀ', 'ସରି ଆସୁଥିବା ରାତି', 'ବ୍ଲୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସକାରାତ୍ମକ ବିଚାରଧାରା, ମାନବୀୟ ସମ୍ବେଦନଶୀଳତା, ସାମାଜିକ ପ୍ରତିବଦ୍ଧତାର ଚିତ୍ର ଅନେକ ଗପରେ ପ୍ରତିଫଳିତ ହୋଇଛି । ଆଧୁନିକ ମଣିଷର ଜୀବନଶୈଳୀ ଓ ଚିନ୍ତାଧାରା ଅତି ଚମତ୍କାର ଭାବେ କେତେକ ଗପରେ ଫୁଟି ଉଠିଛି । 'ବ୍ଲୁ' ଗପରେ ଦାମ୍ପତ୍ୟ ଓ କୈଶୋର ପ୍ରେମର ନିଚ୍ଛକ ପ୍ରତିଛବି, ମଧୁର ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । 'ମେଘା' ଚରିତ୍ରର ଅନ୍ତଃଭାବନାକୁ ଗାଳ୍ପିକା ଅତି ଚମତ୍କାର ଭାବେ ରୂପାୟିତ କରିଛନ୍ତି । ମଣିଷ ମନର ପ୍ରେମ, ଆଶା, ଆନନ୍ଦ, ବେଦନା ଓ ଅବସାଦ ବିଭିନ୍ନ ଭାବରେ ଭିନ୍ନ ଭିନ୍ନ ଗପରେ ଅତି ସରଳ ଭାଷାରେ ପ୍ରକାଶ ପାଇଛି । 'ବ୍ଲୁ' ପୁସ୍ତକର ଗପଗୁଡ଼ିକ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ମାଇଁ ହାର୍ଟ ସ୍ପିକ୍ସ

ନନ୍ଦ କିଶୋର ଦାଶ





ଜାଲ୍ ପ୍ରିଣ୍ଟିଂ ୱାର୍କସ
ଗୋବିନ୍ଦପାଲି ରୋଡ୍
ବରଗଡ଼-୭୬୮୦୨୮
ପ୍ରଥମ ସଂସ୍କରଣ: ୨୦୨୫

ସାରସ୍ୱତ ସାଧକ ନନ୍ଦ କିଶୋର ଦାଶଙ୍କ ଇଂରାଜୀ ପୁସ୍ତକ 'ମାଇଁ ହାର୍ଟ ସ୍ପିକ୍' ପ୍ରକାଶ ପାଇଛି । ଏହି ପୁସ୍ତକରେ କେତୋଟି ଗଦ୍ୟ ଓ ପଦ୍ୟ ସଂକଳିତ ହୋଇଛି । 'ଟୁ ନୀନା', 'ସୁଇପ୍ ଅଫ୍ ୟୋର୍ ସ୍ମାଇଲ୍', 'ଦ ଫିଅର୍‌ଲେସ୍', 'ଗଡ୍! ଗିଭ୍ ଅସ୍ ମଦର୍', 'ଓ ସାଇଲେଣ୍ଟ ଲଭ୍', 'ରିଚ୍', 'ଲିଡର୍‌ସିପ୍' ଆଦି କବିତା ଓ ସନେଟ୍‌ଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଅନେକ କବିତାରେ ନିଃସ୍ୱାର୍ଥ ପ୍ରେମ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ନିଃସ୍ୱାର୍ଥପର ପ୍ରେମ ହିଁ ମଣିଷର ସଂପର୍କକୁ ଅଧିକ ପ୍ରଗାଢ଼ କରିଥାଏ, ତାହା ଏହି ପୁସ୍ତକର କେତେକ କବିତାରେ ସ୍ପଷ୍ଟ ଭାବେ ଚିତ୍ରିତ ହୋଇଛି । ସେହିପରି ଏହି ପୁସ୍ତକର 'ରିଲିଜନ୍ ଆଣ୍ଡ ହେରିଟେଜ୍', 'ହିନ୍ଦୁଜିମ୍', 'ସାଇନ୍‌ସ', 'ଫେଥ୍', 'ଡିଭୋସନ୍', 'ଟ୍ରୁ ହେପିନେସ୍', 'ବେସିସ୍ ଅଫ୍ ମ୍ୟାରେଜ୍' ଆଦି ଲେଖାଗୁଡ଼ିକରେ ସାଂପ୍ରତିକ ପ୍ରସଙ୍ଗ ଉପରେ ଲେଖକ ଶ୍ରୀଯୁକ୍ତ ଦାଶ ଆଲୋକପାତ କରିଛନ୍ତି । ମୌଳିକ ଚିନ୍ତନ, ସାମାଜିକ ବାସ୍ତବତାର ଚିତ୍ର ଯୋଗୁଁ 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ଲେଖକ ନିଜ ହୃଦୟର ଭାବାବେଗକୁ ଅତି ସରଳ ଓ ବୋଧଗମ୍ୟ ଭାଷାରେ ଲିପିବଦ୍ଧ କରିଛନ୍ତି । 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# କୋଲେରିଜ୍‌ଙ୍କ ସାହିତ୍ୟର ଅନ୍ତଃସ୍ୱର



ବିଜୟ କୁମାର ପାଢ଼ୀ

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବି, ସମାଲୋଚକ ତଥା ଦାର୍ଶନିକ ସାମୁଏଲ୍ ଟେଲର କୋଲେରିଜ୍‌ଙ୍କ ପ୍ରତିଭା ବିଶ୍ୱବିଦିତ । ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ଊନବିଂଶ ଶତାବ୍ଦୀର ଅନ୍ୟଭାଗରେ ସେ ଏପରି ଜଣେ ସାହିତ୍ୟିକ ଥିଲେ, ଯିଏ ନିଜର କାଳଜୟୀ ସାହିତ୍ୟକୃତି - କବିତା ଏବଂ ସମାଲୋଚନାଧର୍ମୀ ଗଦ୍ୟ ମାଧ୍ୟମରେ ଇଂରାଜୀ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି । ତାଙ୍କର ସାହିତ୍ୟ ସମ୍ଭାରଗୁଡ଼ିକ ପ୍ରକୃତି, ଅଲୌକିକତା, ଦର୍ଶନ ଏବଂ ମଣିଷ ମନର ଅବଦମିତ ଚିନ୍ତନ ଉପରେ ମୁଖ୍ୟତଃ ପର୍ଯ୍ୟବସିତ । ସମସାମୟିକ କବି ୱାର୍ଡ୍‌ସୱର୍ଥଙ୍କ ସହିତ ମିଶି ଊନବିଂଶ ଶତାବ୍ଦୀରେ ଏକ ରୋମାଣ୍ଟିକ ଧାରାର ପ୍ରଚଳନ କରିଥିଲେ । ସାହିତ୍ୟରେ ତର୍କ, ଯୁକ୍ତି ତଥା ତଥ୍ୟଭିତ୍ତିକ ଜ୍ଞାନ ଅପେକ୍ଷା କଳ୍ପନା ଏବଂ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଆରୋପ କରନ୍ତି କୋଲେରିଜ୍ । ସେଥିପାଇଁ ପ୍ରାବନ୍ଧିକ ଚାର୍ଲସ ଲ୍ୟାମ୍ବ ତାଙ୍କୁ ତର୍କନିଷ୍ଠ ଆଧ୍ୟାତ୍ମିକ (Logician, Metaphysician) କବି ଭାବରେ ଅଭିହିତ କରିଛନ୍ତି ।

୧୭୯୮ ମସିହାରେ ପ୍ରକାଶିତ 'ପ୍ରିଫେସ୍ ଟୁ ଲିରିକାଲ ବାଲାଡ୍' (Preface to Lyrical Ballad)ରେ ସମୁଦାୟ ୨୩ ଗୋଟି କବିତା ସ୍ଥାନ ପାଇଥିଲା ଏବଂ ତନ୍ମଧ୍ୟରୁ କୋଲେରିଜ୍‌ଙ୍କର କାବ୍ୟ ସଂଖ୍ୟା ଥିଲା ୪ ଗୋଟି । ଉକ୍ତ ସଂକଳନଟି ପ୍ରକୃତି ଓ ତା'ର ଶୁଦ୍ଧତା, କଳ୍ପନାଶକ୍ତି, ଭାବ, ସରଳ ଏବଂ ସାବଲୀଳ ଭାବରେ ମଣିଷର ଅନୁଭୂତି ଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବିଷୟ ଉପରେ ପର୍ଯ୍ୟବସିତ । ତାଙ୍କର କବିତାଗୁଡ଼ିକ ଦାର୍ଶନିକ ପ୍ରଜ୍ଞା, ଗତିଶୀଳ ଆତ୍ମୀୟତାର କଥୋପକଥନ, ଗଭୀର କଳ୍ପନା ଶକ୍ତି ଏବଂ ତା'ର ଅନୁଶୀଳନର ଏକ ଫେଣ୍ଟାଫେଣ୍ଟି ଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତଦ୍‌ବ୍ୟତୀତ ରୋମାଣ୍ଟିକ୍ ସାହିତ୍ୟରେ ସୃଷ୍ଟିର ରହସ୍ୟ, କଳ୍ପନାର ଅଦ୍ଭୁତ ଶକ୍ତି, ଦୃଷ୍ଟିକୋଣ ପରିବର୍ତ୍ତନର ସ୍ପଷ୍ଟ ସାକ୍ଷ୍ୟ ବହନ କରିଥାଏ ତାଙ୍କର କାଳଜୟୀ ରଚନାଗୁଡ଼ିକ । ସେହି ୧୭୯୮ ମସିହାରେ ପ୍ରକାଶ ପାଇଥିବା 'ଦ ରାଇମ୍ ଅଫ୍ ଦ ଏନେସେଣ୍ଟ ମାରିଜର' କୋଲେରିଜ୍‌ଙ୍କର ସର୍ବଶ୍ରେଷ୍ଠ କଳାକୃତି 'ରୋମାଣ୍ଟିକ୍ ଧାରା'ରେ କବି କୋଲେରିଜ୍ ହିଁ ପ୍ରଥମେ କବିତାର ଅଲୌକିକତାକୁ (Supernaturalism) ବ୍ୟବହାର କରିଥିଲେ । ୱାଡସ୍‌ୱର୍ଥଙ୍କ କାବ୍ୟଚେତନା ପ୍ରକୃତି ଉପରେ ଗୁରୁତ୍ୱ ଆରୋପ କରୁଥିବା ବେଳେ କୋଲେରିଜ୍ କିନ୍ତୁ ଅଲୌକିକ ଏବଂ ରହସ୍ୟବାଦୀ ଚିନ୍ତାଧାରାର ଉଦ୍‌ଘୋଷକ । ତାହାର ପ୍ରକୃଷ୍ଟ ପ୍ରମାଣ ହେଉଛି ସୁଦୀର୍ଘ କାବ୍ୟ 'ଦ ରାଇମ୍ ଅଫ୍ ଦ ଏନସେଣ୍ଟ ମାରିନରଡ଼'ର କାହାଣୀ । ୱାଡର୍ସୱର୍ଥ ପ୍ରକୃତି ମଧ୍ୟରେ (Pantheism) ଭଗବାନଙ୍କ ସ୍ୱରୂପକୁ ଦେଖୁଥିଲା ବେଳେ କୋଲେରିଜ୍ ଅଲୌକିକ ଦୁନିଆରେ ଅଧିକ ବିଶ୍ୱାସ ରଖିଥିଲେ । 'ଏନ୍‌ସେଣ୍ଟ ମାରିନର' କବିତାଟି ବେଶ୍ ଆଦୃତ ଏହାର ସର୍ବକାଳୀନ ଆବେଦନ ପାଇଁ । ବିନାକାରଣରେ 'ଆଲ୍‌ବୋଟ୍ରସ' ଭଳି ଏକ ନିରୀହ ସାମୁଦ୍ରିକ ପକ୍ଷୀକୁ ହତ୍ୟା ଏହି କାବ୍ୟର ମୁଖ୍ୟ ବିଷୟବସ୍ତୁ । ପାପ, ଦୋଷ ଏବଂ ଦୋଷରୁ ମୁକ୍ତି ବା ପାପ ପ୍ରକ୍ଷାଳନ (sin, guilt and redemption) ହିଁ କବିତାର ସାରାଂଶ । ସୌନ୍ଦର୍ଯ୍ୟବୋଧରୁ ସାହିତ୍ୟର ଜନ୍ମ ଏବଂ ସେହି ସାହିତ୍ୟରେ ହିଁ ମଣିଷର ବହୁବିଧ କାର୍ଯ୍ୟକଳାପ ଓ ଆତ୍ମସଚେତନା ପ୍ରକାଶ ପାଇଥାଏ । ତାଙ୍କର ଅନ୍ୟ ଶ୍ରେଷ୍ଠକୃତି ଗୁଡ଼ିକ ହେଲା – 'କୁବ୍‌ଲାଖାନ୍', 'କ୍ରିଷ୍ଟାବେଲ' ଏବଂ 'ଫ୍ରୋଷ୍ଟ ଏଟ୍ ମିଡ୍‌ନାଇଟ୍' । ୧୮୧୬ ମସିହାରେ ପ୍ରକାଶିତ 'କୁବ୍‌ଲାଖାନ୍' ପଦ୍ୟଟି ଏକ ଭଗ୍ନାଂଶ ମାତ୍ର । ମଣିଷର କଳ୍ପନା, ସୃଜନୀ ଶକ୍ତି ଏବଂ ଅପୂର୍ବ ଅନୁଭୂତି ଉପରେ ପର୍ଯ୍ୟବସିତ । ବ୍ୟକ୍ତି ଜୀବନର କଳ୍ପନା ଶକ୍ତି ତା'ର ଅନ୍ତର୍ନିହିତ ସୃଜନ ଶକ୍ତିକୁ ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି କବିଙ୍କର ଦୃଢ଼ ବିଶ୍ୱାସ । 'କ୍ରୀଷ୍ଟାବେଲ୍' କବିତାଟି ସମ୍ପୂର୍ଣ୍ଣ ବର୍ଣ୍ଣନାତ୍ମକ । ସମାଜର ଭଲ, ମନ୍ଦ, ଆନୁଗତ୍ୟ ଏବଂ ସର୍ବୋପରି ଅଲୌକିକ ଦୁନିଆର ଏକ ନିଖୁଣ ଚିତ୍ର ଉପସ୍ଥାନ କରିଛନ୍ତି କୋଲେରିଜ୍ ଏହି କାବ୍ୟଟିରେ । ବାସ୍ତବରେ କବିତାରେ କୁହୁକ ପ୍ରଦର୍ଶନ କରୁଥିବା କାବ୍ୟସ୍ରଷ୍ଟା ହେଉଛନ୍ତି ଊନବିଂଶ ଶତାବ୍ଦୀର ପ୍ରଥିତଯଶା କବି କୋଲେରିଜ୍ । ବ୍ୟକ୍ତିର ଅନ୍ତଃସ୍ୱର ମାର୍ମିକ ଭାବରେ ପ୍ରକାଶ କରିବାରେ ସେ ଥିଲେ ଅଦ୍ୱିତୀୟ ଶବ୍ଦଶିଳ୍ପୀ । ତାଙ୍କ କବିତାର ଭାବ, ସ୍ୱର ଏବଂ ଆବେଦନ ସର୍ବକାଳୀନ ଏବଂ ସାର୍ବଜନୀନ -ଏଥିରେ ଦ୍ୱିମତ ପ୍ରକାଶ କରିବାର ନାହିଁ । ୧୭୯୮ ମସିହାରେ ପ୍ରକାଶିତ 'ଫ୍ରଷ୍ଟଏଟ୍ ମିଡ୍‌ନାଇଟ୍' ପ୍ରକୃତି ନିର୍ଜନତା ଏବଂ ଆଶା ଭଳି ବିଷୟବସ୍ତୁ ଉପରେ ସନ୍ନିବେସିତ ଅନ୍ୟ ଏକ ଚିନ୍ତା ଉଦ୍ରେକକାରୀ କାବ୍ୟ । ଏହି କାବ୍ୟରେ କବିଙ୍କର ପ୍ରକୃତି ପ୍ରେମ ଆଧ୍ୟାତ୍ମିକ ଦର୍ଶନ ଏବଂ ସର୍ବୋପରି ନିଜର ପୁତ୍ରର ଶୈଶବସ୍ଥାର ଲାଳନପାଳନକୁ ଦେଇ ନିପୁଣ ଭାବରେ ବର୍ଣ୍ଣନା କରୁଛି । ପ୍ରକୃତିର ଚରିତ୍ର ଚିତ୍ରଣରେ ମଧ୍ୟ ସେ ସମୟରେ ତାଙ୍କର ସମକକ୍ଷ କେହି ନଥିଲେ । ୱାଡର୍ସୱର୍ଥଙ୍କ ଭଳି ପ୍ରକୃତିକୁ ସେ ମଧ୍ୟ ସର୍ବଶ୍ରେଷ୍ଠ ଶିକ୍ଷକ ଭାବରେ ଗ୍ରହଣ କରିଦେଇଛନ୍ତି । ବାଲ୍ୟବସ୍ଥାର ନୀରିହତା, ସ୍ମୃତି ଏବଂ ମନ ଉପରେ ପ୍ରକୃତିର ପ୍ରଭାବକୁ ନିଜସ୍ୱ ଶୈଳୀରେ ବର୍ଣ୍ଣନା କରିଛନ୍ତି । ସେ ରଚନା କରିଥିବା ସମସ୍ତ କାବ୍ୟକବିତାରେ ମଧୁର କଳ୍ପନାଶକ୍ତି, ଭାଷାର ସୁନ୍ଦରତା ଓ ସ୍ୱଷ୍ଟତା ଶୈଳୀର ନବୀନତା ଓ ପରିପୃଷ୍ଟ ଚିତ୍ରଣ ଦେଖିବାକୁ ମିଳେ । ଜୀବନକୁ ନେଇ ସାହିତ୍ୟ – ଜୀବନ ପାଇଁ ସାହିତ୍ୟ ପ୍ରସ୍ତୁତି କରିବାରେ କୋଲେରିଜ୍ ଥିଲେ ଦକ୍ଷ ବିନ୍ଧାଣୀ । କୋଲେରିଜ୍ ଅନୁଭବ କରିଥିଲେ କବିତା ତାଙ୍କ ଚିନ୍ତା ଓ ଚେତନାର କେବଳ ଅଭିବ୍ୟକ୍ତି ନୁହେଁ - ଏହା ମଣିଷ ଅସ୍ତିତ୍ୱର ଏକ ଅଂଶବିଶେଷ । ଏତଦ୍‌ବ୍ୟତୀତ କୋଲେରିଜ୍‌ଙ୍କ ସାହିତ୍ୟ କେବଳ ମଣିଷ ମନରେ କରୁଣା ଓ ସମବେଦନା ଜାଗ୍ରତ କରିନଥାଏ । ଏହା ମଧ୍ୟ ନିରାଶା ପ୍ରପୀଡ଼ିତ ହୃଦୟରେ ଆଶା ସଞ୍ଚାର କରେ । ଦୋଷ କରିଥିବା ମଣିଷକୁ ଅନୁତାପରେ ଜର୍ଜରିତ କରେ । ଅନ୍ଧକାରରେ ନିମଗ୍ନ ମଣିଷ ସମାଜକୁ ଆଲୋକର ରାସ୍ତା ଦେଖାଇଥାଏ । ମଣିଷର ଆବେଗ ସହ ତା'ର ମନସ୍ତତ୍ତ୍ୱକୁ ମଧ୍ୟ ବିଶ୍ଲେଷଣ କରେ । ବାସ୍ତବିକ କବିତାରେ ବ୍ୟବହୃତ ଶବ୍ଦର ଉଷ୍ମତା ଓ ଭାବ ତାଙ୍କ କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ । ତାଙ୍କର ଚିତ୍ରତୁଲ୍ୟ ଶବ୍ଦ ପରିବେଷଣ, ଉପମା, ଅଳଙ୍କାର ତାଙ୍କୁ ଏକ ନିଆରା ଚିତ୍ରଶିଳ୍ପୀ ଭାବରେ ମଧ୍ୟ ପରିଚୟ ପ୍ରଦାନ କରିଛି ।

କବିର କଳ୍ପନା ଏବଂ ବିଚାର ଶକ୍ତି ମଧ୍ୟରେ ପ୍ରଭେଦକୁ କୋଲେରିଜ୍ ତାଙ୍କ କାବ୍ୟଗୁଡ଼ିକରେ ପ୍ରତିପାଦନ କରିଛନ୍ତି । ତାଙ୍କ ମତରେ ବାସ୍ତବ କବିତା କଳ୍ପନା ପ୍ରସୂତ ଯାହା କବିଙ୍କର ଆତ୍ମା, ପ୍ରଜ୍ଞା, ବିଚାରଶକ୍ତି, ଭାବକୁ ସଂଯୋଗ କରି କଳ୍ପନା ପ୍ରସୂତ ସତ୍ୟକୁ ଉନ୍ମୋଚନ କରାଏ । ବିଜ୍ଞାନ ତଥ୍ୟ ଗ୍ରହଣରେ ବିଶ୍ୱାସ କରୁଥିବା ବେଳେ କବିତା କିନ୍ତୁ ଜୀବନ୍ତ ସତ୍ୟ - ଯାହା ଆତ୍ମାକୁ ସଚେତନ କରାଏ – ଏହା କବିଙ୍କର ଦୃଢ଼ୋକ୍ତି । ପାଠକମାନଙ୍କର ଆନନ୍ଦ ପ୍ରାପ୍ତି ସହିତ ପାଠକୀୟ ଚେତନାର ଉତ୍ତରଣ ଏବଂ ହୃଦୟକୁ ସମ୍ପୂର୍ଣ୍ଣ ସିକ୍ତ କରାଇବାରେ ତାଙ୍କର ସାହିତ୍ୟ କୃତିଗୁଡ଼ିକ ସକ୍ଷମ । କବିଙ୍କର ମତ ଗଦ୍ୟରେ ଶବ୍ଦଗୁଡ଼ିକ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ରହୁଥିବାବେଳେ ପଦ୍ୟରେ ସର୍ବୋତ୍କୃଷ୍ଟ ଶବ୍ଦ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ଥାଏ ।

ଜୀବନର ବିବିଧ ରଙ୍ଗ, ଜଟିଳତା ଓ ଅନୁଭୂତିକୁ ପାଥେୟ କରି କବି କୋଲେରିଜ୍ ବାଢ଼ି ଦେଇଛନ୍ତି ଆପଣାର ଅଭିବ୍ୟକ୍ତି ଏବଂ ଦର୍ଶନ କବିତା ମାଧ୍ୟମରେ । ଭାଷାରେ ନମନୀୟତା, ରହସ୍ୟବାଦୀ କାବ୍ୟ ଚେତନାର ପ୍ରବାହ, ପରିପକ୍ୱ ଶବ୍ଦବିନ୍ୟାସ ପାଇଁ ସେ ପ୍ରତ୍ୟେକ ପାଠକଙ୍କ ହୃଦୟକୁ ସ୍ପନ୍ଦିତ କରିଆସୁଛନ୍ତି । ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର

## (୨୬୬ତମ ଜୟନ୍ତୀ ଉପଲକ୍ଷେ)

ଈଶ୍ୱର ଚନ୍ଦ୍ର ଜେନା

ପୁରାଣବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ଯେଉଁ କ୍ଷେତ୍ରକୁ ପାବନ ଭୂମିରେ ପରିଣତ କରିଛି, ତାହା ହେଲା; ଯାଜନଗ୍ର ବା ଯାଜପୁର ବା ବିରଜା କ୍ଷେତ୍ର। ଏହି ମାଟିରେ ବହୁ ଯୋଗଜନ୍ମା ଅବତୀର୍ଣ୍ଣ ହୋଇ ସ୍ୱକୀୟ ମହିମାରେ ଜନ୍ମମାଟିକୁ ମହିମାମଣ୍ଡିତ କରିଛନ୍ତି।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସେମାନଙ୍କ ମଧ୍ୟରେ ଅନ୍ୟତମ। ବାଲିଆ ଉଆସ ନିରାନନ୍ଦମୟ କ୍ଷାତ୍ରକୁଳ ଚୂଡ଼ାମଣି ଇନ୍ଦ୍ରଜିତ ସାମନ୍ତସିଂହାରଙ୍କର ଆଠଜଣ ପତ୍ନୀ ଥିଲେ ବି ସେ ଥିଲେ ନିଃସନ୍ତାନ। ଆଧ୍ୟାତ୍ମିକ ଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପରାମର୍ଶକ୍ରମେ ପୁତ୍ରେଷ୍ଟି ଯଜ୍ଞ କରି ଅଷ୍ଟମା ପତ୍ନୀ ତୁଳସୀ ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହେଲେ ଦେବ ଶିଶୁ। ତୁଳସୀ ଦୁଇପତ୍ରରୁ ବାସିଲା ପରି ନଅବର୍ଷ ବୟସରେ ତାଙ୍କର କବିତ୍ୱର ସ୍ଫୁରଣ ହେଲା। କବି କଣ୍ଠରୁ ଝରି ଆସିଲା।



"କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋ ହୁଁ ଗୋ"।

ଅଭିମନ୍ୟୁ ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ପାର୍ସି ଆଦି ଭାଷାରେ ରଚିତ ଶାସ୍ତ୍ର ପୁରାଣ ଓ ବ୍ୟାକରଣ ଇତ୍ୟାଦି ପଠନ ପୂର୍ବକ ଅତିମାନସ ଚେତନାର ଅଧିକାରୀ ହୋଇଥିଲେ। କବିତ୍ୱର ଉତ୍କର୍ଷଣ ଲାଭ କରି ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି, ଯାହାର ତୁଳନା ନାହିଁ। ରୀତିଯୁଗୀୟ ସାହିତ୍ୟର କାବ୍ୟକାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ ଅନୁସରଣ କରି ଯୁଗ ଧର୍ମ ଆଧାରରେ ଚଉପଦୀ, ଚଉତିଶା, ଭଜନ, ଜଣାଣ, ଗ୍ରାମ୍ୟଗୀତ ସମେତ କାଳ୍ପନିକ ଓ ପୌରାଣିକ କାବ୍ୟ ଯଥା- 'ରସବତୀ', 'ପ୍ରେମକଳା', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ଆମ ସାରସ୍ୱତ ଭଣ୍ଡାରକୁ ଭେଟି ଦେଇଛନ୍ତି। ସରଳ, ତରଳ, ଲଳିତ, ମଧୁର ପଦ୍ୟାବଳୀ ସଂଯୋଜନା କରି କାଳ କାଳକୁ ପାଠକବର୍ଗଙ୍କୁ ଅପାର ଆନନ୍ଦ ଦାନ କରୁଛନ୍ତି। ଶିକ୍ଷା ଓ ଦୀକ୍ଷା ଗୁରୁ ପରମ ବୈଷ୍ଣବ ସଦାନନ୍ଦ ବ୍ରହ୍ମାଙ୍କର ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହୋଇ ବୈଷ୍ଣବୀୟ କାବ୍ୟ 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ରଚନା କରି ଜନମାନସରେ କାଳଜୟୀ ହୋଇଛନ୍ତି।

ଯୁବା ବୟସରେ ପତ୍ନୀ ବିୟୋଗ ହେବାରୁ ବିରହ ବିଧୁର ପ୍ରାଣରେ ଚିନ୍ମୟ ପୁରୁଷ ରାଧାବଲ୍ଲଭ ଶ୍ରୀକୃଷ୍ଣଙ୍କ ପଦପଂକ୍ତିକୁ ଆଶ୍ରୟ କରି ତହିଁ ଭାବରେ ତଲ୍ଲୀନ ହୋଇ ଅପାର ଆନନ୍ଦ ଉପଲବ୍ଧି କରି କୃଷ୍ଣ କାବ୍ୟ ରଚନା କରିଛନ୍ତି। ଦିଗନ୍ତ ବିସ୍ତୃତ ସେ କବିତ୍ୱ। କବି ସମ୍ରାଟଙ୍କର ଉପମା ଓ ଅର୍ଥଗୌରବ, କବି ଦୀନକୃଷ୍ଣଙ୍କ ଲାଳିତ୍ୟର ସମାହାର ଘଟିଛି ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ। ସେଥିପାଇଁ ଡଃ ମାୟାଧର ମାନସିଂ ନିଜସ୍ୱ ମତ ବ୍ୟକ୍ତ କରିଛନ୍ତି:- "ଓଡ଼ିଆ ଭାଷାକୁ ସେ ପୃଥିବୀର ଯେକୌଣସି ଭାଷା ସହିତ ତୁଳିତ ହେବା ଭଳି ସରଳ, କୋମଳ ଓ ତରଳ କରି ପାରିଛନ୍ତି। ସାମନ୍ତ ସିଂହାରଙ୍କର ସେହି ଅପୂର୍ବ ଶିଳ୍ପ ପ୍ରତିଭା ପ୍ରତି ଯେକୌଣସି ସମାଲୋଚକ ସଶ୍ରଦ୍ଧ ହୋଇ ଉଠିବେ।"

ଏ ସବୁ ଦୃଷ୍ଟିରୁ ବିଚାର କଲେ କବି ଅଭିମନ୍ୟୁଙ୍କର ସୃଷ୍ଟି ସଂଭାର ଆମ ଭାଷା ସାହିତ୍ୟକୁ ଏକ ଉଚ୍ଚତମ ସୋପାନକୁ ଉନ୍ନତି କରିଛି; ଏଥିରେ ସନ୍ଦେହ ନାହିଁ। କବିଙ୍କ ଜନ୍ମ ଜୟନ୍ତୀରେ ଓଡ଼ିଆ ଜାତି ତାଙ୍କର ଅମଳିନ କବିତ୍ୱ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି। ■


ଜନକ, ଯାଜପୁର
ମୋ: ୯୮୬୧୭୪୫୦୭୯


## ହାଇକୋର୍ଟରେ ପୂର୍ବତଟ ରେଳବାଇର ଆବେଦନ ଖାରଜ

# ଲୋକୋ-ପାଇଲଟ୍‌ଙ୍କ ପରିବାରକୁ ୪୬ ଲକ୍ଷ କ୍ଷତିପୂରଣ ଦିଅ

କଟକ,୨୪।୧(ସମିସ): ରେଳ ଦୁର୍ଘଟଣାରେ ମୃତ ଜଣେ ସହକାରୀ ଲୋକେ ପାଇଲଟଙ୍କ ପରିବାରକୁ ୪୬ଲକ୍ଷ ଟଙ୍କାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରେଳବାଇ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ଏହି କ୍ଷତିପୂରଣରୁ କଟାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିସନର ତଥା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ପୂର୍ବତଟ ରେଳବାଇ ସିନିଅର ଡିଭିଜିନାଲ ପର୍ସୋନେଲଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କର୍ମଚାରୀ କ୍ଷତିପୂରଣ କମିଶନରଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ୪୬,୩୫,୫୨୩ ଟଙ୍କା କ୍ଷତିପୂରଣ ଦେବାକୁ କହିଛନ୍ତି ହାଇକୋର୍ଟ। ରେଳବାଇ ପୂର୍ବରୁ ୧୫,୪୪,୬୨୫ ଟଙ୍କା ଜମା କରିସାରିଥିବାରୁ ବାକି ୩୦,୯୦,୮୯୮ଟଙ୍କାକୁ ବାର୍ଷିକ ୧୨ପ୍ରତିଶତ ସୁଧ ସହ ମୃତ କର୍ମଚାରୀଙ୍କ ପରିବାରକୁ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ କିମ୍ବା ରେଳବାଇ ସ୍ୱେଚ୍ଛାକୃତ ଭାବେ ଦେଇଥିବା ଅନୁକମ୍ପାମୂଳକ ସହାୟତା କେବେ ବି ଆଇନଗତ କ୍ଷତିପୂରଣର ବିକଳ୍ପ ହୋଇପାରିବ ନାହିଁ। ଏହା ଏକ ସାମାଜିକ କଲ୍ୟାଣକାରୀ ଆଇନ ହୋଇଥିବାରୁ ଏହାକୁ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାର ଭାବେ ବ୍ୟାଖ୍ୟା କରାଯିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ତାଳଚେରସ୍ଥିତ ପୂର୍ବତଟ ରେଳବାଇର ମୁଖ୍ୟକୁ କଣ୍ଟ୍ରୋଲରଙ୍କ ଅଧୀନରେ ସହକାରୀ ଲୋକୋ-ପାଇଲଟ୍ (ଇଲେକ୍ଟ୍ରିକାଲ୍) ଭାବେ କାର୍ଯ୍ୟରତ ଥିବା ନିଶାନ୍ତ କୁମାରଙ୍କର ୨୦୨୩ ମାର୍ଚ୍ଚ ୬ ତାରିଖରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କାର୍ଯ୍ୟରତ ସମୟରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରଲୋକେ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ଦାବି କରିଥିଲେ। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିଶନର ମୃତ ନିଶାନ୍ତଙ୍କର ପ୍ରକୃତ ଦରମା (ପାଖାପାଖି ୪୫,୦୧୬ ଟଙ୍କା) ଆଧାରରେ ୪୬,୩୫,୫୨୩ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଥିଲେ। କିନ୍ତୁ ରେଳବାଇ ଏହାକୁ ବିରୋଧ କରି ହାଇକୋର୍ଟରେ ଅପିଲ୍ କରିଥିଲା। ରେଳବାଇର ଯୁକ୍ତି ଥିଲା ଯେ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ପାଇଁ ସର୍ବାଧିକ ମାସିକ ଦରମା ସୀମା ୧୫,୦୦୦ ଟଙ୍କା ହେବା ଉଚିତ୍। ଏଥିସହିତ, ରେଳବାଇ ପୂର୍ବରୁ ଦେଇଥିବା ୨୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତାକୁ ଏହି କ୍ଷତିପୂରଣ ରାଶିରୁ ବାଦ୍ ଦିଆଯିବା ଉଚିତ ବୋଲି ଯୁକ୍ତି ଦର୍ଶାଇଥିଲା।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

■ ୫ ଅଟକ; ଜଣେ ପୁରୀରୁ ଗିରଫ
■ ନାଳରୁ ମିଳିଥିଲା ହାତଗୋଡ଼ ବନ୍ଧା ଶବ

ଟିକିରି,୨୪।୧(ସମିସ): କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରାଙ୍କ ନିଖୋଜ ଘଟଣାର ପର୍ଦ୍ଦାଫାସ କରିଛି ଦୋରାଗୁଡ଼ା ଥାନା ପୁଲିସ। ଗୁଣି ସନ୍ଦେହରେ ଗୋପାଳଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି। ହତ୍ୟା ଅଭିଯୋଗରେ ପୁଲିସ ୫ ଜଣକୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାକୁ ପୁରୀରୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରା ନିଖୋଜ ଥିବା ନେଇ ପରିବାରଲୋକେ ଚଳିତ ମାସ ୯ତାରିଖରେ ଦୋରା ଗୁଡ଼ା ଥାନାରେ ଏତଲା ଦେଇଥିଲେ। ଗୁରୁବାର ଗୋପାଳଙ୍କ ହାତଗୋଡ଼ ବନ୍ଧା ଅବସ୍ଥାରେ ଥିବା ମୃତଦେହକୁ ଗାଁ ପାଖ ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ପୁଲିସ, ଦୋରାଗୁଡ଼ା ଗ୍ରାମର କିଛି ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗୁଣି ସନ୍ଦେହରେ ବୃଦ୍ଧ ଗୋପାଳଙ୍କୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ହତ୍ୟା ଅଭିଯୋଗରେ ପୁଲିସ ୫ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାକୁ ପୁରୀରୁ ଗିରଫ କରିଛି। ତୀର୍ଥ ଯିବା ବାହାନାରେ ଅଭିଯୁକ୍ତଜଣଙ୍କ ଖସି ପଳାଇବାକୁ ଉଦ୍ୟମ କରିଥିଲା। ପୁରୀର କୁମ୍ଭାରପଡ଼ା ଥାନା ସହାୟତାରେ ଦୋରାଗୁଡ଼ା ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିବା ପୁଲିସ କହିଛି।

# ଦୁର୍ଘଟଣାରେ ଅବକାରୀ କର୍ମଚାରୀ ସହ ୨ ମୃତ

କୋକସରା, ୨୪।୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଳ-ଭାଲୁପଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେନ୍ଦୁଡଙ୍ଗରୀ ଗ୍ରାମର ଅବକାରୀ କର୍ମଚାରୀ ଅମରେନ୍ଦ୍ର ମାଝି (୨୯) ଓ ସୁବାସ ନାଏକ(୨୫)। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଦୁହେଁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ସୁନାମାଳ ଗ୍ରାମରୁ ବାଇକ୍‌ରେ





କେନ୍ଦୁଡଙ୍ଗରୀକୁ ଫେରୁଥିଲେ। ଭାଲୁପଡ଼ା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍‌ଟି ଭାଙ୍ଗି ରୁଜି ଚୂରମାର୍ ହୋଇଯାଇଥିଲା ଏବଂ ସେମାନେ ନିକଟସ୍ଥ ଏକ ଚାଷଜମିରେ ସେମାନେ ଗୁରୁତର ଅବସ୍ଥାରେ ରାତି ସାରା ପଡ଼ି ରହିଥିଲେ। ବିଳମ୍ବିତ ରାତି ଯୋଗୁଁ ଦୁର୍ଘଟଣା ବାବଦରେ କେହି ସୂଚନା ପାଇନଥିଲେ। ଶନିବାର ସକାଳୁ କିଛି ସ୍ଥାନୀୟ ଲୋକେ ସେମାନଙ୍କୁ ଦେଖି କୋକସରା ପୁଲିସକୁ ଖବର ଦେଇଥିଲେ। କିନ୍ତୁ ସେତେବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା। ପ୍ରାଥମିକ ତଦନ୍ତ ପରେ ପରିବାରଲୋକଙ୍କ ଉପସ୍ଥିତିରେ ପୁଲିସ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ସେମାନଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଶେଷ ସମ୍ମାନ ପୂର୍ବକ ଗାର୍ଡ ଅଫ୍-ଅନର୍ ପ୍ରଦାନ କରିଥିଲେ।

## ଅନୁଦାନ ପ୍ରସଙ୍ଗରେ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କୁ ଆଶ୍ୱସ୍ତି

# ରାଜ୍ୟ ସରକାରଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

କଟକ, ୨୪।୧ (ସମିସ): ଓଡ଼ିଶାର ବିଭିନ୍ନ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକମାନେ ଆଶ୍ୱସ୍ତି ଲାଭ କରିଛନ୍ତି। ୧୯୯୪ ମସିହାର ଗ୍ରାଣ୍ଟ-ଇନ୍-ଏଡ୍ (ଜିଆଇଏ) ନିୟମ ଅନୁଯାୟୀ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ସରକାର ଦାୟର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ୧୯୯୪ ମସିହାର ଗ୍ରାଣ୍ଟ-ଇନ୍-ଏଡ୍ ନିୟମ ଉଚ୍ଛେଦ ହେବା ପରେ ୨୦୦୪ ମସିହାରେ ବ୍ଲକ୍ ଗ୍ରାଣ୍ଟ ବ୍ୟବସ୍ଥା ଲାଗୁ ହୋଇଥିଲା। ଅନେକ ଶିକ୍ଷକ ଅଭିଯୋଗ କରିଥିଲେ ଯେ ସେମାନେ ୨୦୦୪ ପୂର୍ବରୁ ଯୋଗ୍ୟ ଥାଇ ମଧ୍ୟ ସେମାନଙ୍କୁ ୧୯୯୪ ନିୟମ ଅନୁଯାୟୀ ଅନୁଦାନ ଦିଆଯାଇ ନଥିଲା। ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ୍ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ୧୯୯୪ ମସିହାର ଗ୍ରାଣ୍ଟ-ଇନ୍-ଏଡ୍ ନିୟମ ଅନୁସାରେ ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସରକାର ପ୍ରଥମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଉଚ୍ଛେଦ ହେବା ପୂର୍ବରୁ ଅର୍ଥାତ୍ ୫.୨.୨୦୦୪ ପୂର୍ବରୁ ଯେଉଁ ଶିକ୍ଷକ କିମ୍ବା ଶିକ୍ଷାନୁଷ୍ଠାନଗୁଡ଼ିକର ନାମ ସମ୍ପୃକ୍ତ ନିର୍ଦ୍ଦେଶାଳୟ ଦ୍ୱାରା ସୁପାରିଶ କରାଯାଇଥିଲା, ସେମାନଙ୍କୁ ଏହି ନିୟମ ଅନୁଯାୟୀ ସୁବିଧା ପ୍ରଦାନ କରାଯିବ। ଏହି ସମସ୍ତ ପ୍ରକ୍ରିୟା ଏବଂ ଯାଞ୍ଚ କାର୍ଯ୍ୟକୁ ଆସନ୍ତା ୬ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ହାଇକୋର୍ଟଙ୍କ ଆଦେଶ ବିରୋଧରେ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଏସ୍‌ଏଲ୍‌ପି ରୁଜୁ ହୋଇଥିଲେ ମଧ୍ୟ ଏହା ଖାରଜ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାହ ଉତ୍ସବରେ...

ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ୭ଟି ଆମ୍ବୁଲାନ୍ସ, ଏକ ଅଗ୍ନିଶମ ଗାଡ଼ି ଓ ଏକ ବିପର୍ଯ୍ୟୟ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଛି। ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ବିସ୍ଫୋରଣ ଘଟିଥିବା ଅଞ୍ଚଳକୁ ଘେରାବନ୍ଦୀ କରି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି। ଖାଇବର ପଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦୀ ବିସ୍ଫୋରଣକୁ ଦୃଢ଼ ନିନ୍ଦା କରିଛନ୍ତି ଓ ପୁଲିସ ମହାନିର୍ଦ୍ଦେଶକଙ୍କଠାରୁ ରିପୋର୍ଟ ମାଗିଛନ୍ତି।

### ପାକିସ୍ତାନରେ ହିମସ୍ଖଳନ...

ରେ ଜୀବନଯାତ୍ରା ଠପ୍ ହୋଇଛି। ରାସ୍ତାଗୁଡ଼ିକ ଅବରୋଧ ହୋଇଛି। ଯାତ୍ରୀମାନେ ଫସି ରହିଛନ୍ତି ଓ ଥଣ୍ଡାରେ ବିଦ୍ୟୁତ ଓ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାକିସ୍ତାନର ଉତ୍ତର ଭାଗରେ ବର୍ଷା ଓ ତୁଷାରପାତ ସୃଷ୍ଟି କରୁଥିବା ପ୍ରଣାଳୀ ସକ୍ରିୟ ଅଛି। ଆଗକୁ ଏହା ଜାରି ରହିବ ଓ ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବା, ଅନାବଶ୍ୟକ ଯାତ୍ରା ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି।

### ଜଳ ସଙ୍କଟରେ...

ଜଳ ହରାଇବାରେ ଲାଗିଛି। ଭୂତଳ ଜଳଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପରଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ଜଳ ସଙ୍କଟ ଆସିବା ଆଗରୁ ସବୁ ଦେଶ, ସଂଗଠନ ଓ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

### ବାଂଲାଦେଶ ବିଦା...

ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ପାକିସ୍ତାନ ସରକାରଙ୍କୁ ଏଥିରେ କ୍ରିକେଟ ବୋର୍ଡ ସାମିଲ କରିଛି।

ବାଂଲାଦେଶ ବିଶ୍ୱକପ୍‌ରେ ଖେଳିବାକୁ ରାଜି, କିନ୍ତୁ ଭାରତରେ ଖେଳିବ ନାହିଁ। ଆଇସିସି ନିକଟରେ ଏଭଳି ଦାବି ରଖିଥିଲା ବାଂଲା କ୍ରିକେଟ ବୋର୍ଡ। ଭେନ୍ୟୁ ପରିବର୍ତ୍ତନ କରା ନ ଯାଇ ବାଂଲାକୁ ବାଦ୍ ଦେବା ଆଇସିସିର ଦୋ ମୁହାଁ ନୀତିକୁ ସ୍ପଷ୍ଟ କରୁଛି ବୋଲି ଉଭୟ ଦେଶର ବୋର୍ଡ କହିଛନ୍ତି। ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଓ ପରେ ଏସିଆ କପ୍‌ରେ ଆୟୋଜକ ପାକିସ୍ତାନରେ ଖେଳିବାକୁ ନ ଯିବା ଲାଗି ଭାରତ ଦାବି କରିଥିଲା। ଭାରତର ଦାବିକୁ ଆଇସିସି ଗ୍ରହଣ କରିବା ସହ ଦୁବାଇରେ ସମସ୍ତ ମ୍ୟାଚ୍ ଆୟୋଜନ କରିଥିଲା। ଏବେ କିନ୍ତୁ ବାଂଲାଦେଶ ସମାନ ଦାବି କରିବାରୁ ଭାରତୀୟଙ୍କ ନିୟନ୍ତ୍ରଣରେ ଥିବା ଆଇସିସି ଭିନ୍ନ ନିଷ୍ପତ୍ତି ନେଇଛି। ଏବେ ଆଇସିସି ସଭାପତି ଭାବେ ଭାରତର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ଓ ସିଇଓ ଭାବେ ଜାଣ ଭାରତୀୟ ସଂଯୋଗ ଗୁପ୍ତା ଦାୟିତ୍ୱରେ ଅଛନ୍ତି। ଭାରତରେ ବାଂଲାଖେଳାଳିଙ୍କ ଜୀବନ ପ୍ରତି ବିପଦ ଜାନୁଆରୀ ୩ରେ ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରିବା ପରେ ସୃଷ୍ଟି ହୋଇଥିଲା। କିନ୍ତୁ ପାକିସ୍ତାନରେ ଭାରତୀୟ ଦଳ ୨୦୦୮ରୁ ଖେଳି ନାହିଁ। ବାଂଲାଦେଶକୁ ସମର୍ଥନ କଲାବେଳେ କିମ୍ବା ଦୋ ମୁହାଁ ନୀତି ଅବଲମ୍ବନ କରିବା ସମ୍ପର୍କରେ ମୁହଁ ଖୋଲିଲାବେଳେ ୨୦୦୯ରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରେ ସନ୍ତ୍ରାସବାଦୀ ଆକ୍ରମଣ, ବିଭିନ୍ନ ଟିମ୍ ହୋଟେଲ ଆଗରେ ବୋମା ବିସ୍ଫୋରଣ, ବାରମ୍ବାର ସନ୍ତ୍ରାସବାଦୀ ଆକ୍ରମଣରେ ଶିଶୁ, ଛାତ୍ରଛାତ୍ରୀ ଓ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ନକ୍‌ଭୀ କାହିଁକି କିଛି କହୁନାହାନ୍ତି ବୋଲି ପ୍ରଶ୍ନ କରାଯାଉଛି। ଏହା ତାଙ୍କର କେଉଁ ମୁହାଁ ନୀତି ବୋଲି ଲୋକେ କହୁଛନ୍ତି। ସେ ୧୭ ବର୍ଷର ଖରାପ ସମ୍ପର୍କ ସହ ୧୭ ଦିନର ଘଟଣାବଳୀକୁ ତୁଳନା କରୁଛନ୍ତି। ସବୁଠାରୁ ଦୁଃଖର କଥା ହେଲା କ୍ରିକେଟ ଖେଳ ସମ୍ପର୍କରେ ଏଭଳି ନିଷ୍ପତ୍ତି ନେଇଛନ୍ତି ଦୁଇ ଦେଶର ଦୁଇଜଣ ମୌଳବାଦୀ ରାଜନେତା। ଏମାନଙ୍କ ଯୋଗୁଁ କ୍ରିକେଟ ଓ ଖେଳାଳି ଯେ କ୍ଷତିଗ୍ରସ୍ତ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

### ୨୭ରେ ସର୍ବଦଳୀୟ...

ଅଧିବେଶନ ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗାନ୍ଧୀଙ୍କ ନାମ ବଦଳାଇବା ପାଇଁ ଖାଲି ଏହି ବିଲ ଅଣାଯାଇଛି। ସେହିପରି ବିଜେପି ଏହାକୁ ସୁଧାରବାଦୀ ଦର୍ଶାଇ ପୂର୍ବ ଆଇନର ଦୁର୍ବଳତାକୁ ଦୂର କରିବାର ଆବଶ୍ୟକତା ଥିବା ଦର୍ଶାଉଛି। ତେଣୁ ଏହି ପ୍ରସଙ୍ଗରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇପାରନ୍ତି। ସେହିପରି ଏସଆଇଆରକୁ ନେଇ ମଧ୍ୟ ହଙ୍ଗାମା ହୋଇପାରେ। ସୂଚନାଯୋଗ୍ୟ ଯେ ୨୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହାର ଦିନକ ପରେ ରବିବାର ବଜେଟ ଆଗତ ହେବ। ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ କରାଯିବ।

### ଖାଇବା ସ୍ଥିର...

ପ୍ରତିକ୍ରିୟା ପ୍ରକାଶ ପାଇ ନ ଥା'ନ୍ତା। ମାତ୍ର ପୂରା ଦିନସାରା ଜିଲ୍ଲାସାରା ଆମିଷ ଖାଦ୍ୟ ବିକ୍ରି ଉପରେ ନିଷେଧାଦେଶ ପଛରେ ଯଥାର୍ଥତା କ'ଣ, ତାହା ଜିଲ୍ଲାପାଳ ବୁଝେଇ ଦେବେକି ବୋଲି ସୋସିଆଲ ମିଡିଆ ୟୁଜର୍ସ ପ୍ରଶ୍ନ କରିଛନ୍ତି।

ଏନେଇ କ୍ଷୋଭ ପ୍ରକାଶ କରି ବରିଷ୍ଠ ସାହିତ୍ୟିକ କେଦାର ମିଶ୍ର ଫେସ୍‌ବୁକରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଜିଲ୍ଲାପାଳ ସାଧାରଣତନ୍ତ୍ର ଦିବସରେ ତାଙ୍କ ଜିଲ୍ଲାର ଲୋକମାନେ କ'ଣ ଖାଇବେ, ତାହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏ କେଉଁ ପ୍ରକାର ପାଗଳାମୀ। କେଉଁ ଆଇନଗତ ଅଧିକାରରେ ସେ ଏପରି କ୍ଷମତା ପ୍ରୟୋଗ କରୁଛନ୍ତି। ଆମ ଦେଶରେ ଗଣତନ୍ତ୍ର ଶେଷ ହୋଇଗଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁଦିନ ଆମେ ଗଣତନ୍ତ୍ର ଦିବସ ପାଳନ କରୁଛୁ, ରାଜନୈତିକ ବରିଷ୍ଠମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କ ଆଗ୍ରହରେ ଅତ୍ୟଧିକ ଉତ୍ସାହୀ ଅମଲାତନ୍ତ୍ରୀମାନେ ଗଣତନ୍ତ୍ରର ସାରକୁ ଦୁର୍ବଳ କରୁଛନ୍ତି ବୋଲି କହି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ମଧ୍ୟ ଜିଲ୍ଲାପାଳଙ୍କ ଏପରି ନିଷ୍ପତ୍ତି ବେଆଇନ, ଦୁର୍ଭାଗ୍ୟଜନକ ତଥା ମନୋମୁଖୀ ଶାସନର ନମୁନା ବୋଲି ମତବ୍ୟକ୍ତ କରିଛନ୍ତି।

### ବାଘ ସହ...

ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ହାବୁଡ଼ରେ ପଡ଼ିଥିଲେ ଶୁଭ୍ରାଂଶୁ। ସେ ନରସିଂହପୁର ଅନନ୍ତପ୍ରସାଦ ଗ୍ରାମରେ ଥିବା ତାଙ୍କର ଫାର୍ମରେ ରାତିରେ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବାଘଟି ବାହାରେ ବୁଲୁଥିବା ତାଙ୍କ କୁକୁରକୁ ଆକ୍ରମଣ କରିଥିଲା। କୁକୁରର ବିକଳ ରଡ଼ି ଶୁଣି ଶୁଭ୍ରାଂଶୁ କବାଟ ଖୋଲି ବାହାରକୁ ଆସିବା ମାତ୍ରେ ବାଘଟି ତାଙ୍କ ଉପରକୁ ଝାମ୍ପ ମାରିଥିଲା। ଶୁଭ୍ରାଂଶୁ ଜୀବନ ବିକଳରେ ଘର ଭିତରକୁ ପଶି ଯାଇଥିଲେ ହେଁ ବାଘଟି ବି ତାଙ୍କ ପଛେପଛେ ଘର ଭିତରକୁ ପଶି ଯାଇଥିଲା। ବାଘ କବଳରୁ ଖସିବାର ଆଉ କିଛି ଉପାୟ ନଥିବାରୁ ଶୁଭ୍ରାଂଶୁ ତା' ସହ ସାହସିକତାର ସହ ଲଢ଼େଇ କରିଥିଲେ। ସେଠାରେ ପଡ଼ିଥିବା ଏକ ଧାରୁଆ ଛୁରୀରେ ସେ ବାଘକୁ ପ୍ରତି ଆକ୍ରମଣ କରିଥିଲେ। କିନ୍ତୁ ଘାଇଲା ବାଘଟି ତାଙ୍କୁ ଛାଡ଼ିନଥିଲା। ବାଘ କାମୁଡ଼ାରେ କ୍ଷତବିକ୍ଷତ ଶୁଭ୍ରାଂଶୁ ପାଖାପାଖି ୧୦ ମିନିଟ୍ ଧରି ଲଢ଼େଇ କରିବା ପରେ ତାକୁ ଚିରନିଦ୍ରାରେ ଶୁଆଇ ଦେଇଥିଲେ। ଛୁରାମାଡ଼ରେ ବାଘର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ ବାଘର ବୟସ ପ୍ରାୟ ପାଞ୍ଚବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ ରେଞ୍ଜର ପ୍ରଦୀପ କୁମାର ନାୟକ ପହଞ୍ଚି ମୃତ ବାଘକୁ ଘର ଭିତରୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ଶୁଭ୍ରାଂଶୁଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ରେଞ୍ଜର ଶ୍ରୀ ନାୟକ କହିଛନ୍ତି।

ଶନିବାର ଘଟଣାସ୍ଥଳରେ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ, ଏସିଏଫ ମନୋଜ କୁମାର ପାତ୍ର ପହଞ୍ଚି ବାଘର ଶବକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ଛୁରୀଟିକୁ ବନ ବିଭାଗ ଜବତ କରିଛି।

### ୨୭ରୁ ବ୍ୟାଙ୍କ...

ଜବାବରେ ମୁଖ୍ୟ ଶ୍ରମ କମିଶନର ବୁଧବାର ଏବଂ ଗୁରୁବାର ଏହାର ସମାଧାନ ପାଇଁ ବୈଠକ କରିଥିଲେ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ବୈଠକରେ ଆଇବିଏ ଏବଂ ବିଭିନ୍ନ ବ୍ୟାଙ୍କ, ଡିଏଫଏସର ପ୍ରତିନିଧିମାନଙ୍କ ସହ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ, ୟୁଏଫବିୟୁର ସମସ୍ତ ୯ଟି ୟୁନିଅନ ଉପସ୍ଥିତ ଥିଲେ। ବିସ୍ତୃତ ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ପନ୍ଥା ବାହାରି ପାରି ନ ଥିଲା ବୋଲି କୁହାଯାଇଛି। ତେଣୁ ୨୭ ତାରିଖରେ ଧର୍ମଘଟ ହୋଇପାରେ। ସୂଚନାଯୋଗ୍ୟ ଯେ ଏବେ ବ୍ୟାଙ୍କ କର୍ମଚାରୀଙ୍କୁ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ଛୁଟି ମିଳୁଛି। କିନ୍ତୁ ସେମାନେ ପ୍ରତି ଶନିବାର ଏବଂ ରବିବାର ଛୁଟି ଚାହୁଁଛନ୍ତି।

### ଆର୍ଥିକ ପରିଚାଳନା...

କରିଥିବା ବେଳେ ଏ କ୍ଷେତ୍ରରେ ସରକାର ପ୍ରାୟ ୧୧ ପ୍ରତିଶତ ପଛରେ ରହିଛନ୍ତି। ତେବେ ରାଜ୍ୟ ସରକାର କାର୍ଯ୍ୟକ୍ରମ ବ୍ୟୟ କ୍ଷେତ୍ରରେ ବିଗତ ଆର୍ଥିକ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି। ଗତ ଆର୍ଥିକ ବର୍ଷ ଡିସେମ୍ବରରେ ୪୪ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଚଳିତ ବର୍ଷ ୪୬ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ତେବେ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ପାଇଁ ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଡିସେମ୍ବର ଶେଷ ସୁଦ୍ଧା ପୁଞ୍ଜି ବ୍ୟୟ ମାତ୍ର ୨୨୨୮୩୫ କୋଟି ଟଙ୍କା ହୋଇଛି, ଯାହା ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସଡିପି)ର ମାତ୍ର ୨.୯ ପ୍ରତିଶତ। ପୁଞ୍ଜି ବ୍ୟୟକୁ ଜିଏସ୍‌ଡିପିର ୬.୧ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହା ନିଶ୍ଚିତ ଚିନ୍ତାର ବିଷୟ ହୋଇଥିବା ବେଳେ ସରକାର ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଖଣି ଓ ଇସ୍ପାତ, ଶିଳ୍ପ, କୃଷି, ସମବାୟ ପରି ବିଭାଗଗୁଡ଼ିକ ଅଧିକ ବଜେଟ ଅର୍ଥ ଖର୍ଚ୍ଚ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।


**ସୂଚନା**

ଏହି ବିଜ୍ଞାପନ ମାଧ୍ୟମରେ HDFC ବ୍ୟାଙ୍କ ଲିଃ କର୍ତ୍ତୃପକ୍ଷ ସୂଚାଇ ଦେବାକୁ ଚାହୁଁଛନ୍ତି ଯେ, ଛତ୍ରପୁର ସହର ସ୍ଥିତ HDFC ବ୍ୟାଙ୍କ ଶାଖା ଆଗାମୀ ଫେବୃୟାରୀ ୨୦୨୬ ପ୍ରଥମ ସପ୍ତାହରେ ଛତ୍ରପୁର ସହରର ଜାତୀୟ ରାଜପଥ ନିକଟସ୍ଥ TVS SHOWROOM ସାମ୍ନାକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି।

ଶାଖା ପରିଚାଳକ
HDFC ବ୍ୟାଙ୍କ ଶାଖା, ଛତ୍ରପୁର



C-2144

e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

e-procurement Notice for Bid Identification No. SEPH-DIVISION, CTC- 57 of 2025-26

| | | |
|---|---|---|
| 1. | Name of the work | :- 02 Nos of P.H. work |
| 2. | Estimated cost | :-Rs 6.76 lakhs to Rs. 8.41 Lakhs |
| 3. | Period of completion | :- 15 days to 3 months |
| 4. | Date & time of availability of bid document in the portal | :- 27.01.2026 from 11.00 A.M to 05.02.2026 upto 5.00 P.M |
| 5. | Last date & time of seeking clarification | :- 30.01.2026 upto 5.00 P.M |
| 6. | Last date / time of receipt of bids in the portal | :- 05.02.2026 upto 5.00 P.M |
| 7. | Date & time of opening of bids | :- 06.02.2026 at 11.00 A.M |
| 8. | Name and address of the officer inviting bid | :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

I/C Superintending Engineer
P.H. Division, Cuttack

OIPR-



**AFFIDAVIT**

By virtue of an Affidavit before Notary Public, Malkangiri, I **ANANDA MADI**, aged about 29 Years, S/o: Ganga Madi, resident of village: Palakonda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 201/2026, Dated: 22/01/2026 that I have changed my name from ARMA MADI to **ANANDA MADI**. Henceforth I shall be known as **ANANDA MADI** for all future purposes.

**AFFIDAVIT**

By virtue of an affidavit sworn before Notary Public, Jajpur Road, Date: 21/01/2026, I, RAIMUNI GAGARAI, At- Gadapur, Po- Khurunti, Ps- Kalinganagar, Jajpur - 755026 declare that I have changed the name of my daughter from MINI GAGARAI to NANDITA HEMBRAM. Henceforth, she shall be known as **NANDITA HEMBRAM** for all purposes.

**Sd/- Raimuni Gagarai**

**NOTICE**

By virtue of an affidavit sworn before Notary Public, Junagarh, dated 24.01.2026, I, Sangita Panda, address At/Po/Ps- Junagarh, Dist- Kalahandi, Odisha-766014, declare that I have changed my name from Sangita Mishra to Sangita Panda. Henceforth, I shall be known as **Sangita Panda** for all purposes.

**Sangita Panda**

**AFFIDAVIT**

I Mami Giri, W/o Hara Prasad Mahapatro, Resident At- Laxmi Nursingha Nagar 1st lane, Medical Collage, Berhampur, Pin-760004, Ps- Berhampur Sadar Thana, Dist-Ganjam, Odisha Declare by this Affidavit No-740, dt 21.01.2026. That now onwards I shall be known as **RIDDHI MAHAPATRO** for all features purposes

**AFFIDAVIT**

I Syed Intiaz, S/o Syed Mumtaz, Resident At- Khaja Street 4th line, Berhampur, Pin-760001, Ps-Town Thana, Dist- Ganjam, Odisha Declare by this Affidavit No-746, dt 21.01.2026. That now onwards I shall be known as **SYED IMTIAZ** for all features purposes

**AFFIDAVIT**

By virtue of an affidavit (SL No. 4573, dtd- 19.11.2025) before the Executive Magistrate, Jajpur Road. I, **Sangitapriyadarshini Sahoo,** W/o- Sujit Kumar Sahoo, resident of Village: Panasia (Ward No.2), Po- Ferrochrome Project, Ps- Jajpur Road, Dist- Jajpur, Odisha declare that I have changed my name from **Sangitapriyadarshini** to **Sangitapriyadarshini Sahoo** in my PAN Card (vide No. CCGPP5469Q).

**Sangitapriyadarshini Sahoo**

ସକାଳ THE SAKALA



# ପୋଖରୀରେ ପଡ଼ି ଶିଶୁ ମୃତ

**ରାଜନଗର, ୨୪।୧(ସମିସ):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗ୍ରାମର ଅନନ୍ତ ଦେବନାଥଙ୍କ ୩ ବର୍ଷର ଶିଶୁ ପୁତ୍ର ଅଭିଜିତ ପୋଖରୀରେ ପଡି ମୃତ୍ୟୁବରଣ କରିଛି। ଶନିବାର ସକାଳେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ନିକଟ ପୋଖରୀରେ ପଡିଯାଇଥିଲା। ଅଭିଜିତକୁ ଖୋଜାଖୋଜି କରି ନ ପାଇବାରୁ ସନ୍ଦେହରେ ପୋଖରୀରେ ଖୋଜି ପାଇ ସଙ୍ଗେ ସଙ୍ଗେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ତାଲା ଝୁଲୁଥିବା ଦେଖି ପରିବାର ଲୋକ ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମଧ୍ୟ ତାଳଚୁଆ ଭଳି ତାଲା ପଡିଥିଲା। ଫଳରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଶ୍ରୀରାମ କଲେଜ ଅଫ୍ ନର୍ସିଂର ସ୍ୱାଗତ ଉତ୍ସବ



**କେନ୍ଦ୍ରାପଡ଼ା,୨୪।୧(ସମିସ):** ଦୁହୁରିଆ ନିକଟସ୍ଥ କସୋଟିଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀରାମ କଲେଜ ଅଫ୍ ନର୍ସିଂର ପ୍ରଥମ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶୁଭେନ୍ଦୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡଃ ଅଜୟ ସାହୁ ମୁଖ୍ୟଅତିଥି, ମହାକାଳପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ବିପିଓ ପ୍ୟାରୀମୋହନ ନନ୍ଦ ସମ୍ମାନିତ ଅତିଥି ଓ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହାଣୀ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କଲେଜର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ସହିତ ସଚେତନତାଧର୍ମୀ ନାଟକ 'ଝରା ଫୁଲ' ଅଜୟ ଚୌଧୁରୀଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାଟକ ମାଧ୍ୟମରେ ନାରୀ ପୁରୁଷ ସମାନତା, ଝିଅଙ୍କ ଶିକ୍ଷା ଓ ସଶକ୍ତିକରଣ ଉପରେ ଗଭୀର ସନ୍ଦେଶ ପ୍ରଦାନ କରାଯାଇଥିଲା। ଶେଷରେ କୃତକାର୍ଯ୍ୟ ଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର "ମିସ୍ ଫ୍ରେସର' ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ ଚୟନ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ।

# ଗୀତିକାର ଶ୍ରୀଧର ପଣ୍ଡାଙ୍କ ପରଲୋକ



**ଗୋବିନ୍ଦପୁର,୨୪।୧(ସମିସ):** ପାଳିମି ଗ୍ରାମର ଗୀତିକାର ତଥା ଧର୍ମପରାୟଣ ବ୍ୟକ୍ତି ଶ୍ରୀଧର ପଣ୍ଡାଙ୍କ ଶୁକ୍ରବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଜ୍ଞାନୀନ୍ଦ୍ର ସାମଲ, ସରୋଜ ସାହୁ, ଅମୀୟ ସାମଲ, ବାବାଜୀ ସାମଲ, ମାଧବାନନ୍ଦ ବେହେରା ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଯୁବକ ଗୁରୁତର

**ଡେରାବିଶ, ୨୪।୧(ସମିସ):** ବସପୁର ପଞ୍ଚାୟତ ଅନ୍ତର୍ଗତ ଅଟାବୁହା ଗ୍ରାମର ପ୍ରଭାତୀ ନାୟକ ତାଙ୍କ ପୁଅକୁ ପ୍ରମୋଦକୁ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ପ୍ରଭାତୀଙ୍କ ଅଭିଯୋଗ ମୁତାବକ, ଅଟାବୁହା ଗ୍ରାମର ମଳୟ ସାହୁ ତାଙ୍କ ପରିବାରବର୍ଗଙ୍କ ଚରିତ୍ର ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ଭାଇରାଲ କରିଥିଲେ। ଏହି କାରଣରୁ ପାଟିତୁଣ୍ଡ ହୋଇ ସପ୍ତାହକ ପୂର୍ବରୁ ମଳୟ ପ୍ରଭାତୀଙ୍କ ପରିବାର ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ କିଛି ଅଚିହ୍ନା ଯୁବକଙ୍କୁ ନେଇ ଗ୍ରାମରେ ବୁଲୁଥିଲା। ୨୨ ତାରିଖ ରାତିରେ ସରସ୍ୱତୀ ପୂଜା ପାଇଁ ମଣ୍ଡପ ସଜ୍ଜା ଚାଲିଥିବାବେଳେ ମଳୟ ଏକ ଷ୍ଟିଲ ବାଡ଼ିରେ ପ୍ରମୋଦଙ୍କ ମୁଣ୍ଡକୁ ଶକ୍ତ ପାହାର ଦେବା ସହ ଛାତି ଓ ମୁହଁକୁ ମୁଥ ମାରିଥିଲା, ଷ୍ଟିଲ ପାଇପ୍‌ରେ ବାଡ଼େଇବା ଫଳରେ ପ୍ରମୋଦର ଗୋଡ଼ ଭାଙ୍ଗିଯାଇଥିଲା। ଗ୍ରାମର ଲୋକମାନେ ଆସିବା ପରେ ମଳୟ ସେ ସ୍ଥାନ ଛାଡ଼ି ପଳାଇଯାଇଥିଲା। ଗଲାବେଳେ ପ୍ରମୋଦଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ନେଇ ପ୍ରଭାତୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏବେ ପ୍ରମୋଦ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନାରେ ୩୧/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# ଅଳପୁଆରେ ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ,୨୪।୧(ସମିସ):** ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡାଙ୍କ ନିର୍ଦ୍ଦେଶରେ ସେବକ ରବୀନ୍ଦ୍ର ପରିଡା, ଗଗନ ମହାଲିକ, ପ୍ରକାଶ ଦାସ, ସୁକାନ୍ତି ନାଥ ଶର୍ମାଙ୍କ ତତ୍ତ୍ୱାବଧାନରେ କୈବଲ୍ୟ ପରିଡା, ଅନୁପ୍ରିୟା ପରିଡାଙ୍କ ପୌରାହିତ୍ୟରେ ଧାନେଶ୍ୱରୀଙ୍କ ପୀଠରୁ ଆଜ୍ଞାମାଳ ଆଣି ଗ୍ରାମରେ ସହସ୍ର ଶ୍ରଦ୍ଧାଳୁ ପ୍ରତ୍ୟେକ ଦେବାଦେବୀ ମନ୍ଦିର ପରିକ୍ରମା କରି ରାମେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ପହଞ୍ଚି ଥିଲେ। ୧୫ନଂ ଜୋନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସରୋଜିନୀ ଦାସ, ନାରଦ ବିଶ୍ୱାଳ, ଅଳପୁଆ ପୂର୍ବତନ ସରପଞ୍ଚ କିଶୋର ବେହେରା, ରମେଶ ଦାସ, ସମିତି ସଭ୍ୟ ଚନ୍ଦନ ସାହୁ, ଶିକ୍ଷାବିତ ଅଶୋକ ନାୟକ, ବିଚିତ୍ରାନନ୍ଦ ବେହେରା, ହରପ୍ରିୟା ମିଶ୍ର, ସୌଭାଗ୍ୟ ପରିଡା, ସୌମ୍ୟରଞ୍ଜନ ପରିଡା, ଦିଲ୍ଲୀପ ବିଶ୍ୱାଳ, କିଶୋର ରାଉତ, ପଦ୍ମନାଭ ନାୟକ, ମଧୁସୂଦନ ଦାସ, କମଳାକାନ୍ତ ସାହୁ, ବୈଲୋଚନ ପରିଡା, ସୁନୀଲ ପରିଡା, ଅନନ୍ତ ପରିଡ଼ା, ହିମାଂଶୁ ଦାସ, ବାସନ୍ତୀ ପରିଡା ପ୍ରମୁଖ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, କମଳାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ପୂଜା ସମ୍ପନ୍ନ ହୋଇଥିଲା। କୈବଲ୍ୟ ପରିଡ଼ା, ଅନୁପ୍ରିୟା ପରିଡା ଆହୂତି ପ୍ରଦାନ କରିଥିଲେ।

# ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ନୂତନ ଗୃହ ପ୍ରବେଶ

**ପଟ୍ଟାମୁଣ୍ଡାଇ,୨୩।୧(ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାର୍ଯ୍ୟକାରୀ ହେବା ଦିନରୁ ଅସ୍ଥାୟୀ ଭାବେ ସଂସାରଫଳ ରାଜୀବ ସେବା କେନ୍ଦ୍ରରେ ଚାଲିଆସୁଥିଲା। ନୂତନ ଥାନା ଗୃହ ନିର୍ମାଣ ସରିବା ପରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ପୌରୋହିତ୍ୟରେ ବୈଦିକ ରୀତିରେ ନୂତନ ଥାନା ଗୃହରେ ପୂଜା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବିଜେପି ନେତା ଲଳିତ ବେହେରା, ପୂର୍ବତନ ବିଧାୟକ ଅଲେଖ ଜେନା ପ୍ରମୁଖ ଯୋଗ ଦେଇଥିଲେ।

**ଶୋଇଛି ବନ ବିଭାଗ**

# ଦିନକୁ ଦିନ ବଢୁଛି କାଠ ମାଫିଆଙ୍କ ରାଜୁତି

**ପଞ୍ଚୁପାଣ୍ଡବ,୨୪।୧(ସମିସ):**



କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବନ ବିଭାଗ ଶୋଇ ରହିଥିବାରୁ ଦିନକୁ ଦିନ କାଠ ମାଫିଆଙ୍କ ରାଜୁତି ବଢ଼ିବାରେ ଲାଗିଛି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବନାଞ୍ଚଳ ଅଧିକାରୀ ସୁକାନ୍ତ ବେହେରା ମାସ ମାସ ଧରି କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଅନେକ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଖୁଲମଖୁଲା ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ନେଉଛନ୍ତି କାଠ ମାଫିଆ। ବନ ବିଭାଗ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ କାଠ ମାଫିଆ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି।

ଅନେକ ସ୍ଥାନରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷରୋପଣ କରୁଥିଲେ ହେଁ ରକ୍ଷଣାବେକ୍ଷଣ ଓ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଗଛ ମରିବାକୁ ବସିଲାଣି। ଅନେକ ସମୟରେ କିଏ ନିଜ ଝିଅ ବାହାଘର ପାଇଁ ବାଡ଼ିରେ ଥିବା ଗଛ କାଟିବା ପାଇଁ ଅନୁମତି ପାଇଁ ଫେରୁଛି ତ ଆଉ କିଏ ସରକାରୀ ଜାଗାରୁ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ତେବେ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଗୋଟିଏ ପଟେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରୁଥିବାବେଳେ ଏଭଳି କିଛି ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ଏବେ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ଏହି ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ ଫୋନ ଲାଗୁ ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଶୋଇ ରହିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ରାସ୍ତା ଉପରେ ନର୍ଦ୍ଦମା ପାଣି**

# ଅଭିଯୋଗ ପରେ ବିଭାଗୀୟ ତତ୍ପରତା



**ମହାକାଳପଡ଼ା,୨୪।୧(ସମିସ):** ଦେଉଳପଡ଼ା ପଞ୍ଚାୟତ ଓଳିହା ଗ୍ରାମର ପୁରୁଣା ବିଦ୍ୟାଳୟ ନିକଟ ଆର ଆଣ୍ଡ ବି ଡଳେଇ ରାସ୍ତା ଉପରେ ଲହଡ଼ି ମାରୁଥିଲା ନର୍ଦ୍ଦମା ବର୍ଷା ପାଣି। ଜଳନିଷ୍କାସନ ହୋଇ ନ ପାରିବାରୁ ପାଣି ଭିତରେ ଯାତାୟାତ କରି ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଥିଲେ ଯାତ୍ରୀ ଓ ଗ୍ରାମବାସୀ। ଏ ନେଇ ବାରମ୍ବାର ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଯୁବ ସାମ୍ବାଦିକ ତଥା ସମାଜସେବୀ ପ୍ରଭାତ ଜେନା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସମେତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟକୁ ସମାଧାନ ପାଇଁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ନୂତନ ଆର୍ଥିକ ବର୍ଷର ୫ମ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ଆର୍ଥିକ ଅନୁମୋଦନ ହେବା ପରେ ପ୍ରସ୍ତାବିତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପ୍ରଭାତଙ୍କୁ ସୂଚନା ଦେଇଛି ମହାକାଳପଡ଼ା ପଞ୍ଚାୟତ ସମିତି। ଏ ନେଇ ଅଞ୍ଚଳବାସୀ ପ୍ରଭାତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନାଗାନାରାୟଣ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ

**ରାଜନଗର,୨୪।୧(ସମିସ):** ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମାନସ ମିଶ୍ରଙ୍କ ପୌରୋହିତ୍ୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସୁସ୍ଥ ସମାଜ ଗଠନ ନିମନ୍ତେ ବାଳିକାଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ସହିତ ସେମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଖମାରସାହି ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଛାତ୍ରୀ ତୃପ୍ତି ପ୍ରିୟଦର୍ଶିନୀ ବାରିକ, ଉଷଶ୍ରୀ ରାଉତ ଓ ପ୍ରିୟାଂଶ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।




# ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମହାକାଳପଡ଼ା,୨୪।୧(ସମିସ):** ରାଜ୍ୟ ଶିଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମହାକାଳପଡ଼ା ବ୍ଲକ୍ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରୋତ୍ସାହିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅତି କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ବୈଧିକରଣ ଯୋଜନା ମାଧ୍ୟମରେ ଜଣେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତି/ମହିଳା ସମସ୍ତ ପ୍ରକାର ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ସହାୟତା ପାଇପାରିବେ ବୋଲି ଆଲୋଚନା କରାଯାଇଥିଲା। ପୁଞ୍ଜି ନିବେଶ କରି ୩୫ ପ୍ରତିଶତ ରିହାତି ପାଇବା, ବ୍ୟବସାୟ ପରିଚାଳନା ପାଇଁ ତାଲିମ ଓ ପ୍ରମାଣପତ୍ର, ବଜାରୀକରଣ ଆଦି ସୁବିଧା ମଧ୍ୟ ଜଣେ ଉଦ୍ୟୋଗୀ ଲାଭ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ ସାହୁ, ସହକାରୀ ଶିଳ୍ପ ଅଧିକାରୀ ଦେବାଶିଷ ଜେନା, ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ପିଏନବି ବ୍ୟାଙ୍କ ପରିଚାଳକ ସନ୍ତୋଷ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

**ଆଳି,୨୪।୧(ସମିସ):** ଆଳିର ବେସରକାରୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୁରୀର ମାନସରତ୍ନ ପଣ୍ଡିତ ରବିନାରାୟଣ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅମର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ ଦାଶ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରବଚକ



ରବିନାରାୟଣ ହୋତା ବିଭିନ୍ନ ପୌରାଣିକ କଥାବସ୍ତୁ ମାଧ୍ୟମରେ ଆଜିର ଅତ୍ୟାଧୁନିକ ଯୁଗରେ ସଂସ୍କାର, ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ନେଇ ଶିଶୁଙ୍କୁ ସଂସ୍କାରୀ, ଉତ୍ତମ ଚରିତ୍ର ଗଠନ କରିବା ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା ପରିଷଦ ଓ ବିଦ୍ୟୁତ୍ ପରିଷଦର କର୍ମକର୍ତ୍ତାଙ୍କ ସହିତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟା ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର, ୨୪।୧(ସମିସ):** ଖମାରସାହି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ନଳିନୀ ଗିରିଙ୍କ ପୁଅ ସୁବ୍ରତ ଗିରି (୧୯) ତାମିଲନାଡୁରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୁବ୍ରତ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲା ମେଡ଼ାଭକ୍କାମ ଥାନା ଅନ୍ତର୍ଗତ ଏସ କୋଲଥୁରରେ ଆରବ ରିଡ୍ରସ କମ୍ପାନୀରେ କାମ କରୁଥିଲେ। ସେଠାରେ ସେ ମାଲ ପରିବହନ କରୁଥିବା



କ୍ରେନରେ କମ୍ପ୍ୟୁଟର ଅପରେଟର ଭାବେ କାମ କରୁଥିଲେ। ଗତକାଲ କ୍ରେନ ଜାମ ହୋଇଯିବାରୁ କ୍ରେନରୁ ଓହ୍ଲାଇ ଅନ୍ୟ ଦୁଇଜଣଙ୍କ ସହ ଜାମ ହୋଇଥିବା ସ୍ଥାନକୁ ଯାଇଥିଲେ। ସେଠାରୁ ସେ ପ୍ରାୟ ୫୦ ଫୁଟ ତଳକୁ ଖସି ପଡ଼ି ମୃତ୍ୟୁବରଣ କରିଥିବା କୁହାଯାଉଛି। ତେବେ ଏ ନେଇ କୌଣସି ସଠିକ୍ ଖବର ଜଣାପଡ଼ିନି। ସୁବ୍ରତଙ୍କ ସମ୍ପର୍କୀୟ ଘଟଣା ସ୍ଥଳକୁ ଯାଇଥିବା ସୂଚନା ମିଳିଛି।

**● ଅବଦୁଲ କରିମ ଖାନ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

# ରାଉରକେଲା ରେଡ୍ ୟୁନିଟ୍ ସେମିକୁ ଉନ୍ନୀତ



**କେନ୍ଦ୍ରାପଡ଼ା,୨୪।୧(ସମିସ):** ସ୍ଥାନୀୟ ସରକାରୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରର ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ରାଉରାକେଲା ରେଡ୍ ୟୁନିଟ୍ ୧୧-୧୦ ଗୋଲ୍‌ରେ ଝାଡ଼ଖଣ୍ଡର ଡିଏମଏସଏଫ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ରାଉରକେଲା ଦଳର ସେକ ଅନିସଙ୍କୁ ଉନ୍ନତ ଖେଳ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପରିଚାଳନା କରିଥିଲେ।

ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଆଜି ମ୍ୟାଚ୍‌ରେ ସଭାପତି ମହମ୍ମଦ ସଲିମ ଖାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, କାଉନସିଲର ପ୍ରଦୀପ୍ତ ଜେନା, ସୁକୁମାର ଦାସ, ଉମେଶ ନାୟକ, ରମେଶ ଦାସ, ସେକ ଅସଲମ, ପ୍ରଦୀପ କୁମାର ନାୟକ ଓ ସେକ ନସ୍ମୁଦ୍ଦିନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ, ସମିଉଲ୍ଲା ଖାନ, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର, କଲିମ ଖାନ, ମୀର ଅବୁସମା ପ୍ରମୁଖ ଉପସ୍ଥିତ ଥିଲେ।

# ଲାଲବାହାଦୂର ଶାସ୍ତ୍ରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ଡେରାବିଶ,୨୪।୧(ସମିସ):** ଗଣେଶପୁରସ୍ଥ ଲାଲବାହାଦୂର ଶାସ୍ତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅବନୀ ବରାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମାଜସେବୀ ବିଷ୍ଣୁ ଚରଣ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଞ୍ଚାନନ ଶତପଥୀ ଯୋଗଦେଇଥିଲେ। ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସଭାପତି ଶ୍ରୀ ବରାଳ ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦକ ସନ୍ତୋଷ ସିହ୍ନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ଅତିଥିମାନେ ସଂସଦର ମୁଖପତ୍ର 'ଦିପ୍ତିକା'କୁ ଲୋକାର୍ପଣ କରିଥିଲେ। ସଂସଦ ପକ୍ଷରୁ ରାଜକିଶୋର ଶତପଥିଙ୍କ ସ୍ମୃତିରେ ପ୍ରତିବର୍ଷ କୃତୀ ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ପୁରସ୍କାର ରାଶି ଦେବା ପାଇଁ ସ୍ଥିର କରିବା ସହ ଚଳିତ ବର୍ଷ କୃତୀ ଛାତ୍ରୀ ନିରୂପମା ବେହେରାଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଶ୍ରୀ ପତି ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରଥମ ବ୍ୟାଚ୍‌ର ଛାତ୍ର ଡାକ୍ତର ରାଜକିଶୋର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ବରାଳ, ଜୟନ୍ତ ଶତପଥୀ, ଅଦ୍ୱୈତାନନ୍ଦ ବରାଳ, ଦେବାଶିଷ ଶତପଥୀ, ସୁନାକର ବିହାରୀ, ପ୍ରସନ୍ନ ବେହେରା, ସମୀର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ସାଇବର ସୁରକ୍ଷା ସଚେତନତା କର୍ମଶାଳା

**ପଟ୍ଟାମୁଣ୍ଡାଇ,୨୪।୧(ସମିସ):** ଗ୍ରାମାଞ୍ଚଳ ଥାନା ପକ୍ଷରୁ ବନ୍ତ ଆଦର୍ଶ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ମୋବାଇଲ, ଇଣ୍ଟରନେଟ ଦ୍ୱାରା ହେଉଥିବା ଠକାମି ଓ ସେଥିରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ କରିବାକୁ ଆଲୋଚନା କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସାଇବର ସଚେତନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**■ ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ୍‌ଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା**

# ଓଡ଼ିଶା ବନ ସେବା ସଂଘକୁ ଲିଖିତ ଭାବେ ଜଣାଇଲେ ଏସିଏଫ୍

**ରାଜନଗର, ୨୪।୧(ସମିସ):**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସିଙ୍କ ଅଡୁଆ ବଢିବାରେ ଲାଗିଛି। ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଗତକାଲି ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଡିଏଫଓଙ୍କୁ ଦାବିପତ୍ର ଦେଇଥିଲେ। ଆଜି ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଗଗନ ବିହାରୀ ମଲ୍ଲିକ ଓଡ଼ିଶା ବନ ସେବା ସଂଘ ସଭାପତି ଓ ସମ୍ପାଦକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ବନ୍ୟଜନ୍ତୁ ଡିଭିଜନର ଏସିଏଫ ଗଗନ ବିହାରୀ ମଲିକ ୨୧ ତାରିଖ ଦିନ ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ଘଟିଥିବା ଘଟଣା ସମ୍ପର୍କରେ ଓଡ଼ିଶା ବନ ସେବା ସଂଘ ସଭାପତି ଓ ସମ୍ପାଦକଙ୍କୁ ଜଣାଇଛନ୍ତି।

୨୧ ତାରିଖ ଦିନ ନିର୍ଭରଯୋଗ୍ୟ ଗୁପ୍ତ ସୂଚନା ଆଧାରରେ ଓ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶରେ ମୋ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ଏକ ସଫଳ ଅପରେସନ୍ କରିଥିଲା। ପଟ୍ଟାମୁଣ୍ଡାଇର ଷଣ୍ଢପଲ୍ଲୀ କେନାଲ ରୋଡରେ ସିଡ୍ୟୁଲ ୱାନ ପ୍ରଜାତିର ବଜ୍ରକାପ୍ତା କାତି ୧୪ଟି ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଥିଲୁ। ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ରାଜନଗରରେ ଥିବା ରେଞ୍ଜ ଅଧିକାରୀଙ୍କ ଚାମ୍ବରକୁ ଅଣାଯାଇଥିଲା। ଆଇନଗତ ପ୍ରକ୍ରିୟା ଚାଲିଥିବା ସମୟରେ ଅପରାହ୍ନ ପ୍ରାୟ ୪:୧୫ ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ପୁଲିସ ଷ୍ଟେସନର ଆଇଆଇସି ଜବରଦସ୍ତ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଓ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀଙ୍କୁ ଚିତ୍କାର କରିଥିଲେ। ଏସିଏଫ ଓ କର୍ମଚାରୀଙ୍କୁ ମିଥ୍ୟା ମାଓବାଦୀ ଅଭିଯୋଗରେ ଫସାଇବାକୁ ଧମକ ଦେଇଥିଲେ। ଯାହା ଆଇନଗତ ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଥିଲା ଓ ଆମ ବିଭାଗର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଥିଲା। ଏହି ଘଟଣା କେବଳ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧ ତଦନ୍ତରେ ବାଧା ସୃଷ୍ଟି କରିଛି ତାହା ନୁହେଁ, ବରଂ ବନ ସେବାର ମନୋବଳ ଓ ମର୍ଯ୍ୟାଦାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି ବୋଲି ଏସିଏଫ ଜଣାଇଛନ୍ତି। ଏଥିସହ ରାଜ୍ୟର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା, ନିଜ ଜୀବନକୁ ବାଜି ଲଗାଉଥିବା କ୍ଷେତ୍ର ଅଧିକାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୁଁ ଆସୋସିଏସନର ସମର୍ଥନ ଆଶା କରୁଛି ବୋଲି ଏସିଏଫ ଶ୍ରୀ ମଲ୍ଲିକ କହିଛନ୍ତି। ଏ ନେଇ ଏସିଏଫ୍ ସଂଘ ବୈଠକ ବସିଥିବା ଜଣାପଡିଛି।

### ଢେଙ୍କାନାଳ ମହୋତ୍ସବ ଉଦଯାପିତ

# ‘ସ୍ୱାଧୀନତା ଆନ୍ଦୋଳନରେ ଏ ମାଟି ବଳିଦାନ ଦେଇଛି’

ଢେଙ୍କାନାଳ,୨୪ ।୧(ସମିସ)







ସ୍ଥାନୀୟ ମହିଷାପାଟଠାରେ ଚାଲିଥିବା ୧୮ ତମ ଢେଙ୍କାନାଳ ମହୋତ୍ସବ ଉଦଯାପିତ ହୋଇଛି । ଏହି ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅଥିଭାବେ ଯୋଗଦେଇ ଶ୍ରୀ ସ୍ୱାଇଁ କହିଥିଲେ, ଏ ମହୋତ୍ସବ ଏକତ୍ୱ, ସଦଭାବନା ବଢାଇବ । ଜିଲ୍ଲାର ପ୍ରକୃତିକ ପରିବେଶ ଓ ଐତିହ୍ୟ ଜିଲ୍ଲାର ପର୍ଯ୍ୟଟନକୁ ସମୃଦ୍ଧ କରେ । କପିଳାସ ପିଠର ଉନ୍ନତି ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ମହିମା ଗାଦିର ବିକାଶ କାମ ଆରମ୍ଭ ହୋଇଛି । ସ୍ୱାଧୀନତା ଆନ୍ଦୋଳନରେ ଏ ମାଟି ବଳିଦାନ ଦେଇଛି । ବାଜିରାଉତଙ୍କ ସାହସ ବିଶ୍ୱକୁ ବୀରତ୍ୱର ବାର୍ତ୍ତା ଦିଏ । ନାରୀ ସଶକ୍ତିକରଣ କ୍ଷେତ୍ରରେ ଢେଙ୍କାନାଳର ଗୌରବ ରହିଛି । ୩୩ ହଜାର ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ଶିଳ୍ପ ସମୃଦ୍ଧ ଜିଲ୍ଲା ପାଇଁ ଅନେକ ଶିଳ୍ପର ଶିଳାନ୍ୟାସ ଓ ଚୁକ୍ତି କରାଯାଇଛି । ଜିଲ୍ଲାରେ ନିବେଶ ବଢିଲେ ନିଯୁକ୍ତି ବଢିବ ଓ ଅର୍ଥନୀତି ବଢିବ । ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ମାଳିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଅନ୍ୟତମ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଏ ମେଳା ଆମ ଭିତରେ ସ୍ୱଦେଶୀ ଭବନା ଆଣୁ। ସ୍ୱଦେଶୀ ସାମଗ୍ରୀ ବ୍ୟବହାର କଲେ ଦେଶର ଅର୍ଥନୀତି ବଢିଥାଏ । ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇ ସାରିଛି । ଶିଳ୍ପ ବିକାଶ ଜିଲ୍ଲାକୁ ସମୃଦ୍ଧିଶାଳୀ କରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଅନ୍ୟତମ ଅତିଥିଭାବେ ସାଂସଦ ରୁଦ୍ରନାରାୟଣ ପାଣି କହିଥିଲେ, ଯାହାତୁମେ କରିବ ସମାଲୋଚନାର ସରବ୍ୟ ବହେବ । ପ୍ରଶଂସା ମଧ ମିଳିବ । ଏଣୁ ଏହାକୁ ନଦେଖି କାର୍ଯ୍ୟ କରିବା ଉଚିତ । ଜିଲ୍ଲାରେ ରେଳ ପଥର ବିକାଶ ପାଇଁ କାର୍ଯ୍ୟ କରାଯିବ । ବନ୍ଦ ପଡିଥିବା ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ । ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ଅଶୋକ କୁମାର ମହାନ୍ତି ୧୦ ବର୍ଷପରେ ମହୋତ୍ସବ ହୋଇଥିବାରୁ ଏହାକୁ ଜାରି ରଖିବାକୁ କହିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ମାଟିର ଗୌରବ ଗାଥା କହିଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ । ମହୋତ୍ସବର ‘ସ୍ମରଣୀକା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପଲ୍ଲିଶ୍ରୀ ମେଳାରେ ଅଂଶଗ୍ରହଣ କରି ଭଲ ବିକ୍ରି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ ।

## ତ୍ରିନାଥ ପ୍ରଭୁଙ୍କ ବାର୍ଷିକ ମେଳା ମହୋତ୍ସବ



ଢେଙ୍କାନାଳ,୨୪ ।୧(ସମିସ): ସ୍ଥାନୀୟ ରଥଗଡ଼ାସ୍ଥିତ ଦୈନିକ ଫଳ ଓ ପରିବା ମାର୍କେଟରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ୯ମ ବାର୍ଷିକ ଉତ୍ସବ ମେଳା ପାଳିତ ହୋଇଛି । ପ୍ରାତଃରୁ ତ୍ରିନାଥଙ୍କ ମଙ୍ଗଳ ଆଳତି, ସ୍ନାନ, ନୂତନ ବସ୍ତ୍ର ପରିଧାନ, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମ ଓ ଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ଏଥିରେ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ମଧ୍ୟାହ୍ନରେ ପ୍ରାୟ ୫ ହଜାର ଭକ୍ତ ପ୍ରସାଦସେବନ କରିଥିଲେ । ନରଣପୁର ଓ ମହାପଦା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ବାଦୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସଭାପତି ଦେବନ ଭାଇ, ସମ୍ପାଦକ ଅଭୟ ଭାଇ, ଅଲେଖ ଭାଇ, ବାଙ୍କ ଭାଇ, ଖଡ଼ିକ ଭାଇ, ବ୍ରଜବନ୍ଧୁ ଭାଇ, ସୁରିଆ ଭାଇ, ରମେଶ ଭାଇ, ଶିଖର ଭାଇ, ବିଷ୍ଣୁ ଭାଇ, କେଦାର ଭାଇ, ହାଡ଼ିଆ ଭାଇ, ବିଷ୍ଣୁ ଭାଇ, ପ୍ରକାଶ ଭାଇ, ବଳିଆ ଭାଇଙ୍କ ସମେତ ପରିବା ମାର୍କେଟର ଫଳ ବ୍ୟବସାୟୀମାନେ ସହଯୋଗ କରିଥିଲେ ।

## ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଜାତୀୟ ଶିଶୁକନ୍ୟା ଦିବସ

ଢେଙ୍କାନାଳ,୨୪ ।୧(ସମିସ): ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ପ୍ରଫେସର ଡା. ତୁଷାରକାନ୍ତି ନାୟକଙ୍କ ସଭାପତିତ୍ୱରେ ୧୮ ତମ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ସଦସ୍ୟା ଗୀତା ସାମଲ, ପୁଷ୍ପାଞ୍ଜଳି ପାଢ଼ୀ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନର ଉପାୟ ବିଷୟରେ ଆଲୋଚନା କରିଥିଲେ । ଭାରତରେ ଶିଶୁକନ୍ୟା ଗର୍ଭାବସ୍ଥାରେ ଥିବା ସମୟରୁ ଜନ୍ମ ପରେ ମଧ ପରିବାରରେ ଅଲୋଡ଼ା ଓ ଅବହେଳିତ ତଥା ସମାଜରେ ଲିଙ୍ଗଭେଦ, ଅସମାନତା, ନିର୍ଯାତନା ତଥା ଯୌନ ଶୋଷଣର ଶିକାର ହୋଇ ଅସୁରକ୍ଷିତ ହୋଇରହିଛି । ଏକବିଂଶ ଶତାବ୍ଦୀର ଏକ ଚତୁର୍ଥାଂଶ ବିତିଯାଇଥିଲେ ମଧ ଆମ ସମାଜରେ ପୁତ୍ର ସନ୍ତାନ ପ୍ରାପ୍ତିକୁ ପ୍ରାଧାନ୍ୟ ଦିଆଯାଉଛି ଓ କନ୍ୟା ଭ୍ରୂଣହତ୍ୟା, ଜନ୍ମିତ ଶିଶୁ କନ୍ୟାକୁ ଡାକ୍ତରଖାନାରେ ଛାଡ଼ି ଚାଲିଯିବା, ତଣ୍ଟିଚିପି ହତ୍ୟା, ପରିତ୍ୟକ୍ତ କରି ଚାଲିଯିବା, ବିକ୍ରି କରିଦେବା ଆଦି ଘଟଣା ବହୁଳ ଭାବେ ଘଟୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଏହା ବ୍ୟତୀତ ଶିଶୁକନ୍ୟାକୁ ଶିକ୍ଷାରୁ ବଞ୍ଚିତ କରିବା ଅବା ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ନ ଦେବା ଅନେକ ନିମ୍ନ ମଧ୍ୟବିତ ପରିବାରରେ ବିଶେଷ କରି ଦଳିତ ଓ ଆଦିବାସୀ ସମାଜରେ ଦେଖାଯାଉଛି । ଅନେକ ଶିକ୍ଷାନୁଷ୍ଠାନରେ ଝିଅମାନଙ୍କ ନିମନ୍ତେ ଅଲଗା ଶୌଚାଳୟ ନାହିଁ । ମାସିକ ଋତୁସ୍ରାବ ସମୟରେ କିଶୋରୀମାନଙ୍କୁ ସାନିଟାରୀ ନାପକିନ ମିଳୁନାହିଁ । ପରିବାରରେ ଶିଶୁକନ୍ୟାକୁ ପୁଷ୍ଟିକର ଆହାର ମିଳେନାହିଁ । ଅପ୍ରାପ୍ତ ବୟସରେ କନ୍ୟା ବିବାହ ବହୁଳ ପରିମାଣରେ ଦେଖାଯାଉଛି । ଯୌତୁକ ଜନିତ ନିର୍ଯାତନା, ବଧୂହତ୍ୟା ଆଦି ଘଟଣା ଘଟି ଚାଲିଛି । ସରକାର, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଗଣମାଧ୍ୟମ, ପରିବାର ଏପରିକି ଧର୍ମାନୁଷ୍ଠାନ ସହଯୋଗରେ ଏ ସମ୍ପର୍କରେ ସଚେତନତାକୁ ବ୍ୟାପକ କରାଯିବା ସହ ସମାଧାନକୁ ବାସ୍ତବ ରୂପରେଖ ଦେବା ନିମନ୍ତେ ସହଯୋଗ କରିବା ନିମନ୍ତେ ସଂଗଠନ ତରଫରୁ ଆହ୍ୱାନ ଦିଆଯାଇଛି । ଏ ବିଷୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ତରଫରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ଦାବିପତ୍ର ପ୍ରଦାନ କରାଯାଇଛି ।

## ଜାତୀୟ ବାଳିକା ଦିବସ ପାଳିତ

ଓଡ଼ାପଡ଼ା,୨୪ ।୧(ସମିସ): ଓଡ଼ାପଡ଼ା ବ୍ଲକ ସିମିନଇ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମିଳିତ ଉଦ୍ୟମରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି । ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଙ୍ଗନବାଡ଼ି କର୍ମୀ, ୱାର୍ଡମେମ୍ବର ଓ କିଶୋରୀମାନେ ଉପସ୍ଥିତ ଥିଲେ । ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମଆରମ୍ଭକରିଥିଲେ । ଶିଶୁମାନଙ୍କର ୪ଟି ଅଧିକାର ବିଷୟରେ ସଚେତନ କରାଯାଇଥିଲା । ସମାଜରେ ଭ୍ରୂଣହତ୍ୟା, ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା ଭଳି ସମସ୍ୟା ଦେଖିବାକୁ ମିଳୁଛି । ଭାରତ ସରକାର ୨୦୦୮ ରୁ ଏହି ଦିବସ ପାଳନ ଆରମ୍ଭ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ଝିଅମାନଙ୍କୁ ସମାନ ଅଧିକାର ଦେବା ଉଚିତ । ସେମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ଆବଶ୍ୟକ । ସରକାରଙ୍କ ବେଟି ବଚାଓ ବେଟି ପଢାଓ ଅଭିଯାନକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା ।

## ରଞ୍ଜାଗୋଳରେ ବିଶାଳ ହିନ୍ଦୁ ସମ୍ମିଳନୀ



ଖଜୁରିଆକଟା,୨୪ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସର୍ବ ପ୍ରାଚୀନ ଧୂନୀଘର ମଠ ପ୍ରାଙ୍ଗଣରେ ମଣ୍ଡଳ ସଭାପତି ବାସୁଦେବ ପ୍ରଧାନଙ୍କ ପୌରୋହିତ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ଖଣ୍ଡ, ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ଜାଗରଣ ନୂତନ ଶକ୍ତି ସହିତ ଚେତନା ପ୍ରଦାନ କରିବା ପାଇଁ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ଧର୍ମ ଓ ସାମାଜିକ ଏକତାକୁ ଗୋଟିଏ ସୂତ୍ରରେ ବାନ୍ଧିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ସମ୍ମାନିତ ଅତିଥି ତଥା ମଠ ମହନ୍ତ ମାଧବାନନ୍ଦ ଦାସ ମହାରାଜ ମାର୍ଗଦର୍ଶନ କରିଥିଲେ । ସ୍ଥାନୀୟ ସିଦ୍ଧ ପୀଠର ମହନ୍ତ ରାମ ଦାସ ତାଙ୍କ ବକ୍ତବ୍ୟରେ ହିନ୍ଦୁ ଧର୍ମରେ ପ୍ରଚଳିତ ସାମାଜିକ ବ୍ୟବସ୍ଥାରେ ଈଶ୍ୱରୀୟ ଚିନ୍ତାଧାରାକୁ ପାଥେୟ କରି ଜୀବନକୁ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ଦିବାକର ନନ୍ଦ ଯୋଗଦେଇ ଗୀତା ପାଠ କରିବା ସହ ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ କରି ଭାଗବତ କଥାମୃତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ପୁରୁଷୋତ୍ତମ ପାତ୍ର, ହିନ୍ଦୋଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରଚାରକ ପବିତ୍ର ମୋହନ ଦାସ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଶ୍ୱିନୀ କୁମାର ପତି, ରଞ୍ଜାଗୋଳ ମୌଜା ସଭାପତି ଲିଙ୍ଗରାଜ ସାହୁ, ମଣ୍ଡଳ ସଦସ୍ୟ ବିରଞ୍ଚି ନାରାୟଣ ତ୍ରିପାଠୀ, ଜଗଦୀଶ ପ୍ରଧାନ, ନଗେନ୍ଦ୍ର ନାୟକ, ଅକ୍ଷୟ କୁମାର ପାଳ, ମାନସ ମହାରଣା, କୈଳାସ ଚନ୍ଦ୍ର ସାହୁ, ମନୋଜ ପ୍ରଧାନ, ଶଶିଭୂଷଣ ବେହେରା, ପ୍ରସନ୍ନ ସାହୁ, ବିଭୂତି ଭୂଷଣ ସାହୁ, ବିମ୍ବାଧର ମାଝୀ, ଶ୍ରୀପତି ପ୍ରଧାନ, ବିନୋଦ କୁମାର ସାହୁ, ମୁରଲୀଧର ପ୍ରଧାନ, ବନମାଳୀ ଦେହୁରୀ, ସନାତନ ସାହୁ, ଶୁକଦେବ ବେହେରା, ଗୁଣଧର ପ୍ରଧାନ, ଗଣେଶ୍ୱର ବିଶ୍ୱାଳ, ଶ୍ରୀରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସେବା ପ୍ରମୁଖ ତପନ କୁମାର ସାମଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ




କଙ୍କଡ଼ାହାଡ଼,୨୪ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତରେ ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଛି । ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ କୃଷି ଅଧିକାରିଣୀ ମଧୁସ୍ମିତା ଶତପଥୀ, ଜିଲ୍ଲାପରିଷଦ ସଭ୍ୟ ନବକିଶୋର ସାହୁ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପଡ଼ାତିରା ସରପଞ୍ଚ କରୁଣାକର ସାହୁ ଯୋଗଦେଇଥିଲେ । ଏହି ଅବସରରେ ପଡ଼ାତିରା ପଞ୍ଚାୟତର ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜଳବିଭାଜିକାର କର୍ମଚାରୀ ରିତେଶ ଜେନା, ଦୁଃଶାସନ ନାୟକ, ପ୍ରକାଶ ଚନ୍ଦ୍ର ଘଡ଼େଇ, ମୁନା ସାହୁ, ସୌରଭ ପରିଡ଼ା, ଦିବ୍ୟରଞ୍ଜନ ସାହୁ, ହରେକୃଷ୍ଣ ରାଉତ, ରୋଜାଲିନ ସାହୁ, ଅନିତା ସାହୁ ସହଯୋଗ କରିଥିଲେ । କର୍ମଚାରୀ ସୁରେଶ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ । କଙ୍କଡ଼ାହାଡ଼ ବ୍ଲକ ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବାନନ୍ଦ ତପୋଭୂମିର ୨୬ତମ ବାର୍ଷିକ ମହୋତ୍ସବ

ପରଜଙ୍ଗ,୨୪ ।୧(ସମିସ): ପରଜଙ୍ଗ ବ୍ଲକ ମାଣିକମରା ଗ୍ରାମରେ ଥିବା ଶିବାନନ୍ଦ ତପୋଭୂମି ଆଶ୍ରମରେ ସ୍ୱାଧ୍ୟାୟ ସାଧନା ଶିବିର ତଥା ୨୬ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ଆଶ୍ରମ ସଭାପତି



ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ଦେହାବସାନ ପରେ ଚଳିତ ବର୍ଷ ୩ ଦିନ ଧରି ଅନୁଷ୍ଠିତ ନ ହୋଇ ଗୋଟିଏ ଦିନ ବସନ୍ତ ପଞ୍ଚମୀ ଅବସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର କୋଣ ଅନୁକୋଣରୁ ବ୍ରହ୍ମଚାରୀମାନେ ଯୋଗଦେଇଥିଲେ । ଆଶ୍ରମ ଅନ୍ତେବାସୀ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ, ଶ୍ରୁତିପ୍ରିୟ ବାନପ୍ରସ୍ଥି ଜୀ, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ସ୍ୱାମୀ ଶ୍ରୀ ସତ୍ୟଜୀ, ଦୀନମଣି ଜି ବାରିକ, ଆଚାର୍ଯ୍ୟ ବେଦନିଷ୍ଠ ଜୀ ଏବଂ ସ୍ୱାମୀ ସ୍ୱତନ୍ତ୍ରାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଦିନରାତି ବେଦ ବ୍ୟାଖାନ, ଦାର୍ଶନିକ ଚିନ୍ତନ, ସ୍ୱାଧ୍ୟାୟ ଓ ସାଧନା ଉପରେ ଆଲୋଚନା ଚକ୍ରରେ ଭାଗ ନେଇଛନ୍ତି । ବ୍ରହ୍ମଚାରୀ ନୃସିଂହ ଜୀ ଏବଂ ଜ୍ଞାନ ପ୍ରକାଶ ଜୀ ଯଜ୍ଞ ପରିଚାଳନା କରିଥିଲେ । ବ୍ରହ୍ମଚାରୀ କବୀନ୍ଦ୍ର ଜୀ ଏବଂ ଶ୍ରୀକାନ୍ତ ଜୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ସଭାପତି ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ସ୍ୱାଧ୍ୟାୟସାଧନା ଶିବିର ଅନୁଷ୍ଠିତ ହୋଇଥିଲା ।

## ୩ ବଖରା ଘର ଜଳିଗଲା

କଙ୍କଡ଼ାହାଡ଼,୨୪ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଡ଼ାତିରା ପଞ୍ଚାୟତ ବ୍ରାହ୍ମଣଧରା ଗ୍ରାମ ଫେଟେଇସିଙ୍ଗି ସାହିର ନୀଳମଣି ପଧାନଙ୍କ ୩ ବଖରା ଚାଳଘର ପୋଡ଼ିଯାଇଛି । ଘରର ସମସ୍ତ ଆସବାବପତ୍ର ମଧ ପୋଡ଼ି ପାଉଁଶ ହୋଇଛି । ନୀଳମଣି ଦିନମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି । ତାଙ୍କ ସ୍ତ୍ରୀ ଶଶି ଏବେ ୯ ମାସର ଗର୍ଭବତୀ ଅଛନ୍ତି । ପରିବାର ଖୋଲା ଆକାଶ ତଳେ ପଡ଼ିରହିଛନ୍ତି । ଖାଇବା ପାଇଁ ଚାଉଳ ମୁଠାଏ ବି ନାହିଁ । ଖବର ପାଇ ବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ପିହୁ ଦେବ ରଞ୍ଜନ ସାମଲ, ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ, ସାମ୍ବାଦିକ ପ୍ରବୀଣ ନାଏକ ଓ ଜଶୋବନ୍ତ ପରିଡ଼ା । ନୀଳମଣିଙ୍କ ପରିବାରକୁ ରାସନ ସାମଗ୍ରୀ ସହ ପୋଷାକ, ଓ ଆର୍ôଥକ ସହାୟତା ଯୋଗାଇ ଦେଇଛନ୍ତି ।

### ● ଜୟଗୋପୀନାଥ ଶ୍ରୀକାନ୍ତ ପ୍ରଧାନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

## ନୟାଗଡ଼ ଇଟାମାଟି ଦଳ ଚାମ୍ପିଅନ



ଗଁଦିଆ,୨୪ ।୧(ସମିସ): ଗଁଦିଆ ବ୍ଲକ ବରଦାଠାରେ ଆୟୋଜିତ ୨୫ତମ ଜୟ ଗୋପୀନାଥ ଶ୍ରୀକାନ୍ତ ପ୍ରଧାନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଏପି ସିକ୍ସରକୁ ହରାଇ ନୟାଗଡ଼ ଇଟାମାଟି ଦଳ ଚାମ୍ପିଅନ ହୋଇଛି । ଭୁବନର ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲାପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ସୋରିଶିଆପଦା ସରପଞ୍ଚ ପ୍ରଦୀପ ରାଉତ, ସମାଜସେବୀ ନବ ସାମଲ ଏବଂ ପୂର୍ବତନ ପରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ବରଦା ଭଲିବଲ୍ ଟିମର ସଭାପତି ସୁବ୍ରତ କୁମାର ପ୍ରଧାନ, ମ୍ୟାନେଜର ରଜତକାନ୍ତ ପ୍ରଧାନ ଏବଂ ଟିମ ପରିଚାଳକ ବିଶ୍ୱଜିତ ରାଉତଙ୍କ ନେତୃତ୍ୱ ତଥା ଗ୍ରାମବାସୀଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ରେଫରୀ ଅନନ୍ତ ଚରଣ ଜେନା, ଅନିଲ ପ୍ରସାଦ ନନ୍ଦ ଓ ସୁବ୍ରତ ନନ୍ଦ ମ୍ୟାଚଗୁଡ଼ିକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପରେଶ ଏବଂ ଲାଇନ୍ସମ୍ୟାନ୍ ଭାବେ ବାଦଲ, ରାଜେନ୍ଦ୍ର ଓ ଦୀପ୍ତି ସହଯୋଗ କରିଥିଲେ ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍

ପରଜଙ୍ଗ,୨୪ ।୧(ସମିସ): ପରଜଙ୍ଗ ଥାନା କନ୍ତୋର ପଞ୍ଚାୟତ ଚାନ୍ଦପୁର ଗାଁ ଶିବ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ ହୋଇଛି । ଦୁର୍ବୃତ୍ତମାନେ ମନ୍ଦିର କବାଟ ତାଲା ଭାଙ୍ଗି ପିତ୍ତଳ ସାମଗ୍ରୀ, ମାଆଙ୍କ ମୁକୁଟ, ରୁପା ସାମଗ୍ରୀ ଆଦି ଲୁଟି ନେଇଛନ୍ତି । ଏଥିସହ ମନ୍ଦିର ନିକଟରେ ଥିବା ପାଣି ପମ୍ପ ହାଉସ ତାଲା ମଧ ଭାଙ୍ଗି ଦେଇଛନ୍ତି । ତେବେ ସେଠାରୁ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି । ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଯୁବ ବ୍ୟବସାୟୀଙ୍କ ପରଲୋକ

ଯୋରନ୍ଦା,୨୪ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହାବୀର ସାହି ବାସିନ୍ଦା ଯୁବ ବ୍ୟବସାୟୀ ରବିନାରାୟଣ ପ୍ରଧାନ(୪୯)ଙ୍କର ଆଜି ହୃଦଘାତରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ସେ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ।



ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସେ ଯୋରନ୍ଦା ତାରିଣୀ ବଜାର କମିଟିର ସଭାପତି ଭାବେ କିଛି ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ । ବଜାର କମିଟି ସଭାପତି ସତ୍ୟଜିତ୍ ନାୟକ, ବରିଷ୍ଠ ସଭ୍ୟ ଜୀତେନ୍ଦ୍ର ରାଉତ,ଲକ୍ଷ୍ମଣ ରାଉତ, ପ୍ରସନ୍ନ ବେହେରା, ବ୍ରହ୍ମାନନ୍ଦ ସାହୁ,ଚିତ୍ରକର ସାହୁ ପ୍ରମୁଖ ନେତୃତ୍ୱରେ ଶୋକ ପାଳନ କରାଯାଇଛି ।

### ● ୪ ଶ୍ରମ କୋଡ୍ ବାତିଲ ଦାବି

## ଧର୍ମଘଟ ସଫଳ କରିବାକୁ ଏଆଇଟିୟୁସିର ଆହ୍ୱାନ



ଢେଙ୍କାନାଳ,୨୪ ।୧(ସମିସ): ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସିର ଜିଲ୍ଲା ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ରାଜ୍ୟ ସଭ୍ୟ ହରପ୍ରିୟା ସ୍ୱାଇଁ, ଅଙ୍ଗନବାଡ଼ି କର୍ମୀ ସଂଘ ଜିଲ୍ଲା ସମ୍ପାଦିକା ମଳୟ ମଞ୍ଜରୀ ଜେନା, ସଦର ବ୍ଲକ ସଭାପତି ସୁଜାତା ନାୟକ, ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଆସନ୍ତା ଫେବୃଆରୀ ୧୨ ତାରିଖ ଦେଶର ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟ ସଫଳ କରିବା ପାଇଁ ଅନୁରୋଧ କରିଥିଲେ । ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ, ସ୍କିମ ୱାର୍କରଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରି ପ୍ରଦାନ, ଖାଲି ପଡ଼ିଥିବା ପଦବୀ ପୂରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, କୃଷି ଶ୍ରମିକଙ୍କୁ ବର୍ଷସାରା କାମ ଯୋଗାଣ, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି ନେଇ ଏହି ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ । ଧର୍ମଘଟରେ ଜିଲ୍ଲା ଅଣସଂଗଠିତ ଶ୍ରମିକମାନେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

## ବିଦ୍ୟାଳୟରେ ବାଳିକା ଦିବସ ପାଳିତ

ଢେଙ୍କାନାଳ,୨୪ ।୧(ସମିସ): ପିଏମଶ୍ରୀ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାନୁଆରୀ ୨୪ ତାରିଖ ଜାତୀୟ ବାଳିକା ଦିବସ ପାଳନ ହୋଇଛି । ଏଥିରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଅଧ୍ୟକ୍ଷତା କରି କହିଥିଲେ ଯେ, ବାଳିକା ଦିବସର ଲକ୍ଷ୍ୟ ହେଲା ବାଳିକାମାନଙ୍କୁ ସୁରକ୍ଷା ଓ ଅଧିକାରୀ ବିଷୟରେ ସଚେତନ କରାଇବା । ବହୁତ ବାଳିକା ଅଛନ୍ତି ଯାହାକି ତାଙ୍କର ଅଧିକାର ବିଷୟରେ ଜାଣିପାରନ୍ତି ନାହିଁ । ତେଣୁ ବାଳିକାମାନଙ୍କୁ ତାଙ୍କର ଅଧିକାର ବିଷୟରେ ସଚେତନ କରାଗଲେ ସେମାନେ ଆଗକୁ ବଢିପାରିବେ ଓ ଦେଶ ଏବଂ ରାଜ୍ୟକୁ ଆଗକୁ ନେଇପାରିବେ । ଏହି ଦିବସ ଉପଲକ୍ଷେ ବିଦ୍ୟାଳୟରେ ଡିବେଟ୍, କୁଇଜ୍ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ଏକ ସଚେତନତା ରାଲି ଆୟୋଜନ କରାଯାଇ ସହର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୪ ।୧(ସମିସ)




ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ପ୍ରେରଣା’ ଉଦଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ସେ ଯୋରନ୍ଦା ପବିତ୍ର ମାଟିରେ ଜନ୍ମ ନେଇଥିବା ମହିମା ଧର୍ମର ବାଣୀ ବିଶ୍ୱବାସୀଙ୍କୁ ପ୍ରେରଣା ଦେଉଛି ବୋଲି କହିଥିଲେ । ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ଜଜ ଭୀକାରୀ ଚରଣ ରାଉତ ଯୋଗଦେଇ ଶିକ୍ଷାରେ ଆଧ୍ୟାତ୍ମିକ ଶିକ୍ଷା ରହିବା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ପୂର୍ବତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ, ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ସଭାପତି ମନୋଜ ମଞ୍ଜରୀ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ବିତ ରାଉତ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ଭାନୁମତୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ବନଜା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପୁରାତନ ଛାତ୍ର କମିଟି ସଭ୍ୟ ନୀହାରବାଳା ରାଉତ, ମଙ୍ଗୁଳି ଚରଣ ବିଶ୍ୱାଳ, ପୀତବାସ ରାଉତ, ପ୍ରଦୀପ ଭଞ୍ଜ, ଆନନ୍ଦ ମହାନ୍ତି, ରଞ୍ଜନ ନାୟକ, ସୁଧୀର ନାଥ ପ୍ରମୁଖ ସହଯୋଗ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ବର୍ଗରେ ସତ୍ୟନାରାୟଣ ଦାସ, ସୋନାଲୀ ପ୍ରଧାନ, କନିଷ୍ଠ ବର୍ଗରେ ସୌମ୍ୟରଞ୍ଜନ ପରିଡ଼ା ଓ ପ୍ରିୟା ପ୍ରଧାନ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି । ଶିକ୍ଷୟିତ୍ରୀ ଭାରତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

**ମାଘ ସପ୍ତମୀ ସାଗର ବୁଡ଼**

# ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ, ୨୪ା୧(ସମିସ): ରବିବାର ପବିତ୍ର ମାଘ ଶୁକ୍ଲ ସପ୍ତମୀ ବୁଡ଼। ଭୋର୍ ୪ଟା ୪୧ ଅମୃତ ବେଳାରେ ଅର୍କକ୍ଷେତ୍ରର ବାବା ତ୍ରିବେଣୀଶ୍ୱର, ଈଶାଣେଶ୍ୱର ଓ ଦକ୍ଷିଣେଶ୍ୱର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମହାସ୍ନାନ କରିବା ପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ତୀର୍ଥଜଳରେ ବୁଡ଼ ପକାଇ ସୂର୍ଯ୍ୟୋଦୟ ଦର୍ଶନ ଓ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବେ। ଆଜି ଅପରାହ୍ନରୁ ଚନ୍ଦ୍ରଭାଗା ମେଳା ପଡ଼ିଆ ଓ ବେଳାଭୂମିରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମେଳା ପଡ଼ିଆରେ ବାଉଁଶ କଣି ଓ ପାଲ ପକାଇ ଛୋଟଛୋଟ କୁଡ଼ିଆରେ ବିଶ୍ରାମ ନେଉଛନ୍ତି। ମାଟି ହାଣ୍ଡିରେ ଭାତ, ଡାଲମା ରୋଷେଇ ଚାଲିଛି। ଶହଶହ ଚୁଲିରୁ ଉଠୁଥିବା ଧୂଆଁ ମେଳା ପଡ଼ିଆକୁ ଧୂଆଁମୟ କରିଛି। ମେଳା ପଡ଼ିଆ ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ ହୋଇଥିବାରୁ ଶ୍ରଦ୍ଧାଳୁମାନେ ନିରାଶ ହୋଇଥିଲେ। ସନ୍ଧ୍ୟାରେ ତୀର୍ଥ ପୁଷ୍କରିଣୀଠାରୁ ୩ କି.ମି ଦୂରରେ ପୁରୀ ଓ ଭୁବନେଶ୍ୱର ଆଡୁ ଆସୁଥିବା ସମସ୍ତ ଯାନବାହନ ପାର୍କିଂ ଫଳରେ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଏନ୍ଏସି ପ୍ରଶାସନ ପକ୍ଷରୁ ମେଳା ପଡ଼ିଆରେ ସ୍ୱାସ୍ଥ୍ୟସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା ହୋଇଛି।

■ ରାତି ୪ଟା ୪୧ରେ ତିନି ଠାକୁରଙ୍କ ମହାସ୍ନାନ
■ ମାଘମେଳା ପାଇଁ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼

ସୂଚନା ପ୍ରସାରଣ ବିଭାଗ ପକ୍ଷରୁ ଶନିବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶାନ୍ତିଶୃଙ୍ଖଳା ନିମନ୍ତେ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୪ ପ୍ଲାଟୁନ୍ ଫୋର୍ସ ଏବଂ ୩ଶହ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ମାଘମେଳା ଅବସରରେ ଏଏସ୍ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି।

# ଆଜିଠାରୁ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭମେଳା

ଭୁବନେଶ୍ୱର,୨୪ା୧(ସମିସ):ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତା କାଲି ଅର୍ଥାତ୍ ୨୫ତାରିଖ ରବିବାର ଠାରୁ ଆରମ୍ଭ ହେବ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେବ ସାରା ଅଞ୍ଚଳ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଭୋରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘ ମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଲେଣି। କଳିଙ୍ଗ ସମ୍ରାଟ

■ ଆରମ୍ଭ ହେବ ହୋମ ଯଜ୍ଞ
■ ରାଜ୍ୟ ତଥା ରାଜ୍ୟ ବାହାର ସାଧୁସନ୍ଥଙ୍କ ସମାଗମ

ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜଳାଞ୍ଜଳି ଦେଇ ସାଧନା କରନ୍ତି। ସାଧୁସନ୍ଥମାନଙ୍କ ହୋମଯଜ୍ଞ ସାଙ୍ଗକୁ ଜମିବ ମୀନାବଜାର ବ୍ୟବସାୟ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ଚଳିତ ବର୍ଷ ମେଳାକୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସନାତନ ବୈଦିକ ଧର୍ମ ପରିନେଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଛନ୍ତି।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ତପସ୍ୟାରତ ରହିବେ। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। ସେହିପରି ଓଡ଼ିଶା, ହରିଦ୍ୱାର, ଗୁଜୁରାଟ ଏବଂ ଝାନ୍ସୀରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ନାଗା ବାବାଙ୍କ ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, ବ୍ରହ୍ମପୁର ଆଦି ସ୍ଥାନରୁ ବାବାମାନେ ଆସିଥିବା ଜଣାପଡ଼ିଛି। ଆସନ୍ତା କାଲି ୨୫ ତାରିଖ ମାଘ ସପ୍ତମୀ ଏବଂ ଚନ୍ଦ୍ରଭାଗା ବୁଡ଼। ଏହାପରେ ଆରମ୍ଭ ହେବ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭ ମେଳା। ମାଘ ସପ୍ତମୀରେ ଠାକୁର ଶ୍ରୀଶ୍ରୀ ଅନନ୍ତ କେଶରୀ ଦେବଙ୍କୁ ଜାଗମରା ନାଗା ମଠରୁ ଶୋଭା ଯାତ୍ରାରେ ଉଦୟଗିରି ମୁଣ୍ଡିଆରେ ଥିବା ରାଣୀହଂସପୁରକୁ ନିଆଯିବ। ସେଠାରେ ଠାକୁରଙ୍କ ମାଘସ୍ନାନ ପରେ ସେହି ରାତିରେ ପୁଣି ଠାକୁରଙ୍କୁ ନାଗା ମଠକୁ ଫେରାଇ ଅଣାଯିବ। ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ସହ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞ ଆରମ୍ଭ ହେବ। ମାଘ ପୂର୍ଣ୍ଣିମାରେ ଯଜ୍ଞରେ ପୂର୍ଣ୍ଣାହୁତି ସହ ମେଳା ସମାପ୍ତ ହେବ। ବାରଭୁଜାଙ୍କ ପୀଠରେ ନବରାତ୍ର କୁମ୍ଭମେଳା ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ, ସାଧୁ ସମ୍ମେଳନ ଓ ବିଶ୍ୱଶାନ୍ତି ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳାର ଯଜ୍ଞସ୍ଥଳକୁ ଆହୁରି ସରସ ସୁନ୍ଦର ଓ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ନିମନ୍ତେ ହରିଓଁ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଯଜ୍ଞସ୍ଥଳରେ ଶ୍ରଦ୍ଧାଳୁମାନେ ବିଷ୍ଣୁଙ୍କ ବିଶ୍ୱରୂପ ମୂର୍ତ୍ତି ଓ କାଞ୍ଚି ଅଭିଯାନ ସମୟର କଳା ଘୋଡ଼ା ଓ ଧଳା ଘୋଡ଼ାରେ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଚଢିଥିବା ମୂର୍ତ୍ତି ଦର୍ଶନ କରିବେ ଶ୍ରଦ୍ଧାଳୁ। ମେଳା ପାଇଁ ପୂର୍ବଦିନରୁ ଝଲସିଲାଣି ଖଣ୍ଡଗିରି ପାଦଦେଶ। ସାଧୁସନ୍ଥ ବସିବା ସ୍ଥାନକୁ ସଫା କରାଯିବା ସହ



ସେମାନଙ୍କର ରହିବା, ଖାଇବା, ଶୌଚାଳୟ ଆଦି ସହ ହୋମ, ଯଜ୍ଞ ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବିଏମସି ପକ୍ଷରୁ କରାଯାଇଛି।

ତେବେ କଟକ ବାଲିଯାତ୍ରାରେ ଘଟିଥିବା ଅଘଟଣର ପୁନରାବୃତ୍ତି ନହେବା ପାଇଁ ଚଳିତ ବର୍ଷ ମେଳାରେ ବଡ଼ ଦୋଳିକୁ ଅନୁମତି ଦିଆଯାଇ ନଥିବା ସୂଚନା ରହିଛି। ତେବେ ଏହି ଦୁଇଟିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋଳିର ଭରପୁର ମଜା ନେବେ ଦର୍ଶକ। ଏହାସହ ବିଭିନ୍ନ ମୀନାବଜାର ଓ ଚଟପଟା ଖାଦ୍ୟ ପାଇଁ ଆଜିଠାରୁ ଦୋକାନ ଗୁଡ଼ିକ ଖୋଲାଯାଇଥିବା ଦେଖିବାକୁ ମିଳିଛି।

# ଦେବୀ ମୁହାଣରୁ ତିମିର ମୃତଦେହ ଉଦ୍ଧାର



ବାଲିକୁଦା/ଅସ୍ତରଙ୍ଗ, ୨୪ା୧ (ସମିସ): ବଙ୍ଗୋପସାଗର ଦେବୀନଦୀ ମୁହାଣ ନଡ଼ିଆଖିଆ ନିକଟରୁ ଏକ ବିଶାଳ ତିମିମାଛର ମୃତଦେହ ଉଦ୍ଧାର ହୋଇଛି। ମାଛର ଲମ୍ବ ୩୦ ଫୁଟ୍‌ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ମତ୍ସ୍ୟଜୀବୀମାନେ ତିମିକୁ ଦେଖି ବନ୍ଦର ସାମୁଦ୍ରିକ ଥାନା ଓ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗର ୨ ଜଣିଆ ସଦସ୍ୟ ଏକ ବୋଟ୍ ଯୋଗେ ଘଟଣାସ୍ଥଳକୁ ଯାଇ ତିମିକୁ ଜଗି ରହିଥିଲେ। ଏ ସଂପର୍କରେ ଫରେଷ୍ଟର୍ ପ୍ରିୟବ୍ରତ ଚୌଧୁରୀ ତୁରନ୍ତ କୁଜଙ୍ଗ ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ତିମିର ବ୍ୟବଚ୍ଛେଦ ପାଇଁ ଏକ ଡାକ୍ତରୀ ଦଳ ସହ ନନ୍ଦନକାନନର ଏକ ଟିମ୍‌ର ସହାୟତା ନିଆଯାଇଛି। ଦେବୀନଦୀରେ ପାଣି ଛାଡ଼ି ଯାଇଥିବା କାରଣରୁ ଜୁଆର ଆସିବା ପର୍ଯ୍ୟନ୍ତ ଉକ୍ତ ସ୍ଥାନକୁ ଯିବା କଷ୍ଟସାଧ୍ୟ। ଯଦି ଆବଶ୍ୟକ ପଡ଼େ, ମାଂସ ବାହାର କରାଯାଇ କଙ୍କାଳକୁ ନନ୍ଦନକାନନ ନେବାର ବ୍ୟବସ୍ଥା ଗ୍ରହଣ କରାଯିବ। ତେବେ ସନ୍ଧ୍ୟା ୭ଟା ପରେ ଜୁଆର ଆସିବା ପରେ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇ ତିମିର ବ୍ୟବଚ୍ଛେଦ କରିବ ବୋଲି ଫରେଷ୍ଟର୍ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି। ତିମିଟିର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ନା ଆଘାତ କାରଣରୁ ହୋଇଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

**ନନ୍ଦନକାନନ ଯିବ କଙ୍କାଳ**



ପୁରୀ ବେଳାଭୂମିରେ ଲାଗିଛି ବିଶାଳ ମଲା କଇଁଛ (ଫଟୋ-ଅନିଲ)

# ଶ୍ରୀମନ୍ଦିରରେ ପୁଲିସ ମାଡ଼ରେ ନାବାଳକ ସଂଜ୍ଞାହୀନ

ପୁରୀ, ୨୪ା୧ (ସମିସ): ଶ୍ରୀମନ୍ଦିର ଭିତରେ ଜଣେ ନାବାଳକଙ୍କୁ ପୁଲିସ ମାଡ଼ ମାରିଛି। ତାଙ୍କ କାନମୁଣ୍ଡାକୁ ମାଡ଼ ମାରିବା ଯୋଗୁଁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତ ନାବାଳକ ହେଉଛନ୍ତି, ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଅଞ୍ଚଳର ଦଶମ ଶ୍ରେଣୀ ଛାତ୍ର ସ୍ୱର୍ଣ୍ଣାଂଶୁ ବିଶ୍ୱାଳ(୧୬)। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶୃଙ୍ଖଳିତ ଦର୍ଶନ ପାଇଁ ନିୟୋଜିତ ସୁରକ୍ଷା କର୍ମଚାରୀ ଭକ୍ତଙ୍କୁ ମାଡ଼ ମାରିବାକୁ ସାହସ ପାଇଲେ କେମିତି? ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ନାବାଳକଙ୍କୁ ମନ୍ଦିର ଭିତରେ ଏଭଳି ମାଡ଼ ମରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ଶୁକ୍ରବାର ଥିଲା ସରସ୍ୱତୀ ପୂଜା। ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ଥିଲା। ଭଦ୍ରକ ଭଣ୍ଡାରୀପୋଖରୀ ଅଞ୍ଚଳର ଅଚ୍ୟୁତାନନ୍ଦ ବିଶ୍ୱାଳ ତାଙ୍କ ପତ୍ନୀ, ପୁଅଙ୍କ ସହ ଦର୍ଶନ ପାଇଁ ଆସିଥିଲେ। ସନ୍ଧ୍ୟାରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡା ହେବା ପରେ ମନ୍ଦିର ଭିତରକୁ ଯାଇଥିଲେ। ବାହାର କାଠରେ ଗହଳି ଭିତରେ ଦର୍ଶନ କରିବାକୁ ଯାଉଥିବା ବେଳେ ତାଙ୍କ ପୁଅ ସ୍ୱର୍ଣ୍ଣାଂଶୁଙ୍କୁ ଆଗକୁ ଯିବାକୁ କହି ଜଣେ ସୁରକ୍ଷା କର୍ମଚାରୀ ତାଙ୍କୁ ମାଡ଼ ମାରିଥିଲେ। ତାଙ୍କ କାନରେ ଆଘାତ ଲାଗିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ପରିବାରଲୋକେ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କର ସିଟି ସ୍କାନ କରିବା ସହ ଆବଶ୍ୟକ ଚିକିତ୍ସା ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ସ୍ୱର୍ଣ୍ଣାଂଶୁଙ୍କ ବାପା ଅଚ୍ୟୁତାନନ୍ଦ ଅଭିଯୋଗ କରିଛନ୍ତି ଯେ ଶୁକ୍ରବାର ରାତିରେ ବାହାର କାଠରେ ଦର୍ଶନ ପାଇଁ ଭିଡ଼ ଭିତରେ ଠିଆ ହୋଇଥିଲୁ। ମୁଁ ଆଗରେ ଥିଲି, ମୋ ପଛରେ ପୁଅ ଥିଲା। ଏହି ସମୟରେ ଜଣେ ପୁଲିସ ପୁଅକୁ ଆଗକୁ ଯିବାକୁ କହି ମାଡ଼ ମାରିଥିଲେ। ତା' କାନମୁଣ୍ଡାରେ ବାଜିଥିଲା। କାନ କ'ଣ ହୋଇଯାଉଛି ବୋଲି ପୁଅ କହିବା ପରେ ପୁଣି ସେ ମାରିଥିଲେ। ସେହିଠାରେ ପୁଅ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲା। ସଙ୍ଗେ ସଙ୍ଗେ ମନ୍ଦିର ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା।

ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଏହାର ତଦନ୍ତ କରାଯାଇଥିଲା। ଏ ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପରିବାର ପକ୍ଷରୁ ଯେଉଁ ମାଡ଼ମରା ଅଭିଯୋଗ କରାଯାଇଛି, ତାହାର ତଦନ୍ତ ଚାଲିଛି। ନାଟମଣ୍ଡପ ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ହସ୍ପିଟାଲରେ ସିଟି ସ୍କାନ୍ ପରେ ଡାକ୍ତର ଆବଶ୍ୟକ ଚିକିତ୍ସା ଯୋଗାଇଦେବା ସହ ଅବ୍‌ଜରଭେସନ୍‌ରେ ରଖିଥିଲେ। ସେ ସୁସ୍ଥ ହେବା ପରେ ଶନିବାର ତାଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଛି। ତେବେ ନାବାଳକକୁ ପୁଲିସ ନା ଜେଟିପି, କିଏ ମାଡ଼ ମାରିଛନ୍ତି, ତାହା ସ୍ପଷ୍ଟ ଜଣାପଡ଼ିନାହିଁ। କାରଣ ଶ୍ରୀମନ୍ଦିରରେ ଉଭୟ ଓଡ଼ିଶା ପୁଲିସ ଏବଂ ଜେଟିପି ମାଟିଆ ପୋଷାକ ପରିଧାନ କରୁଛନ୍ତି। ଫଳରେ ଯଦି କୌଣସି ସୁରକ୍ଷା କର୍ମୀ ତ୍ରୁଟି କିମ୍ବା ଭକ୍ତଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ତାହା ଜାଣିବା କଷ୍ଟକର ହୋଇପଡୁଛି।

# ସାମାନ୍ୟ କଥାରୁ ଯୁବକଙ୍କୁ ଛୁରି ଭୁସି ହତ୍ୟା

ପୁରୀ, ୨୪ା୧ (ସମିସ): ସାମାନ୍ୟ କଥାରୁ ଯୁବକଙ୍କୁ ଛୁରି ଭୁସି ହତ୍ୟା। ମୃତ ଯୁବକ ହେଉଛନ୍ତି, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ସ୍ମାରକ ସି (୪୧)। ସେ ନିକଟସ୍ଥ ଏକ ହୋଟେଲରେ କାମ କରୁଥିଲେ। ଟାଉନ୍ ଥାନା ପୁଲିସ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ବାଲେଶ୍ୱର ନୀଳଗିରି ଅଞ୍ଚଳର ଅଜିତ୍ ପାତ୍ର(୪୭)ଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଶନିବାର ସକାଳୁ ଏସ୍‌ସିଏସ୍ କଲେଜ ସମ୍ମୁଖରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କ ଡାହାଣ ପାର୍ଶ୍ୱ ପେଟ ଓ ଛାତିରେ ଆଘାତ ଲାଗିଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଅନୁଧାନ କରିଥିଲା। ଅଭିଯୁକ୍ତକୁ ଧରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୁଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଅଜିତ୍ ୮/୧୦ ବର୍ଷ ହେବ ପୁରୀରେ ରହି ପୂଜାରୀ କାମ କରୁଥିଲେ। ସେ କଲେଜ ଛକ ଅଞ୍ଚଳରେ ବିଭିନ୍ନ ଦୋକାନରେ ପୂଜା କରିବା ସହ ବେଳେ ବେଳେ କ୍ୟାଟରିଂରେ ରୋଷେୟା ଭାବେ ଯାଇଥାନ୍ତି। କଲେଜ ଛକ ନିକଟସ୍ଥ ଏକ ହୋଟେଲର ରୋଷେୟା ଗାଁକୁ ପଳାଇଥିଲା। ତେଣୁ ଅଭିଯୁକ୍ତ ସେହି ହୋଟେଲରେ ରୋଷେୟା ଭାବେ କାମ କରିବା ପାଇଁ ପ୍ରାୟ ଦେଢ଼ମାସ ହେବ ଯୋଗ ଦେଇଥିଲେ। ହେଲେ ତାଙ୍କର ସମୟ ଠିକ୍‌ଠାକ ରହୁନଥିବାରୁ ମାଲିକ ତାଙ୍କୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଭଦ୍ରକ ଅଞ୍ଚଳରୁ ଜଣେ ରୋଷେୟା ଆସି ସେହି ହୋଟେଲରେ ରହିଥିଲେ। ତାଙ୍କର ସହଯୋଗୀ ଭାବେ ସ୍ମାରକଙ୍କୁ ଆଣି ପ୍ରାୟ ମାସେ ପୂର୍ବରୁ ରଖିଥିଲେ। ସ୍ମାରକ ସେହି ହୋଟେଲରେ ଖାଇବା ପିଇବା ସହ ରହିଥାନ୍ତି। କାମ ସରିଲେ ନିକଟସ୍ଥ ଏକ ଫୁଲ ଦୋକାନକୁ ଉଭୟ ସ୍ମାରକ ଏବଂ ଅଜିତ୍ ଯାଇ ବସାଉଠା କରନ୍ତି। ସେଠାରେ ଉଭୟଙ୍କ ପରିଚୟ ହୋଇଥିଲା। ସ୍ମାରକ ଅଭିଯୁକ୍ତ ଅଜିତ୍‌ଙ୍କୁ ଥରେ ପଚାରିଥିଲେ 'ନନା ଏବେ କେମିତି କ'ଣ ଚଳୁଛନ୍ତି?' ଏହି କଥାକୁ ଅନ୍ୟ ଅର୍ଥରେ ନେଇଥିଲେ ଅଭିଯୁକ୍ତ। ଯେହେତୁ ସମ୍ପୃକ୍ତ ହୋଟେଲରୁ ସେ ବାହାରିଛନ୍ତି ଏବଂ ସ୍ମାରକ ସେହିଠାରେ କାମ କରୁଛନ୍ତି, ତାଙ୍କୁ ବୋଧହୁଏ ପରିହାସ ଛଳରେ କହୁଥିବା ଭାବିଥିଲେ ଅଭିଯୁକ୍ତ। ଏହାକୁ ନେଇ ମନ ଭିତରେ ରାଗ ଥିଲା।

ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ, ଶନିବାର ରାତିରେ ଉଭୟ ସେହି ଫୁଲ ଦୋକାନ ପାଖକୁ ଆସିଥିଲେ। ଉଭୟେ ନିଶାସକ୍ତ ଥିଲେ। ସେଠାରେ ବସି ଦୁହେଁ କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଜିତ୍ ବିଭିନ୍ନ ଦୋକାନରୁ ବାସୀଫୁଲ ଖୋଲିବା ପାଇଁ ପାଖରେ ରଖୁଥିବା ଏକ ଛୁରିରେ ସ୍ମାରକଙ୍କ ଡାହାଣ ପେଟ ଏବଂ ଛାତିକୁ ଭୁସି ଦେଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକ ପ୍ରଥମେ ତାଙ୍କୁ ଗୋଇଠା ମାରିବାରୁ ସେ ରାଗିଯାଇ ଛୁରିରେ ଆକ୍ରମଣ କରିଥିବା ଅଭିଯୁକ୍ତ ଜେରା ବେଳେ ପୁଲିସକୁ କହିଥିବା ସୂଚନା ମିଳିଛି। ଏନେଇ ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ କହିଛନ୍ତି।

# ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ବିକାଶ ପାଇଁ 'ନିତି' ଆୟୋଗର ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪ା୧(ସମିସ): ରାଜ୍ୟର ଅଭିବୃଦ୍ଧି ଏବଂ ଦ୍ରୁତ ସହରୀକରଣର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିକଳ୍ପିତ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର)ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ନିତି' ଆୟୋଗର ସହଯୋଗ ଓ ସମର୍ଥନ ଲୋଡ଼ିଛନ୍ତି। 'ନିତି' ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ, ସଦସ୍ୟ ଡ. ଅରବିନ୍ଦ ଭିର୍‌ମାନୀ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ହୋଇଥିବା ଆଲୋଚନା କାଳରେ ଓଡ଼ିଶାରେ ବିକାଶକୁ ପ୍ରାଥମିକତା, ରାଜ୍ୟ ସରକାର ଓ ନୀତି ଆୟୋଗଙ୍କ ମଧ୍ୟରେ ଭବିଷ୍ୟତର ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରସ୍ତାବିତ ଅର୍ଥନୈତିକ କ୍ଷେତ୍ରରେ ପ୍ରାୟ ୯୦ଟି ପ୍ରକଳ୍ପକୁ ପ୍ରାଥମିକତା ଦିଆଯାଉଥିବା ବେଳେ ଏହା ଓଡ଼ିଶାର ସହରାଞ୍ଚଳ ଏବଂ ଶିଳ୍ପ ପରିଦୃଶ୍ୟକୁ ପରିବର୍ତ୍ତନ କରିବାର କ୍ଷମତା ରହିଛି। ଏଥିପାଇଁ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ(ୟୁସିଏଫ) ମାଧ୍ୟମରେ ପାଣ୍ଠି ଯୋଗାଣ ସହ 'ନିତି' ଆୟୋଗଙ୍କ ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିବା ଜଣାପଡ଼ିଛି।

'ନିତି' ଆୟୋଗ ସହିତ ସହଭାଗିତା ଓଡ଼ିଶାର ସମାବେଶୀ ଅଭିବୃଦ୍ଧି, ଶିଳ୍ପ ବିକାଶ ଏବଂ ଏହାର



ନାଗରିକମାନଙ୍କ ପାଇଁ ଉନ୍ନତ ମାନର ଜୀବନଶୈଳୀ ଦିଗରେ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ରାଜ୍ୟର ବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରି 'ନିତି' ଆୟୋଗ ଉପାଧ୍ୟକ୍ଷ ଶ୍ରୀ ବେରୀ କହିଥିଲେ ଯେ ଆର୍ଥିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଓଡ଼ିଶା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରାଜ୍ୟ ଭାବେ ଉଭା ହୋଇଛି। ଶିଳ୍ପ ବିକାଶ ଓ ନିବେଶ ପାଇଁ ଓଡ଼ିଶା ଏକ ଅନୁକୂଳ, ସୁଦୃଢ଼ ଓ ସ୍ଥିର ବ୍ୟାବସାୟିକ ବାତାବରଣ ସୃଷ୍ଟି କରିଛି। ସେହିପରି ସବୁଜ ଶକ୍ତି ରୂପାନ୍ତରଣ, ଡାଟା ପରିଚାଳିତ ଶାସନ, ଦକ୍ଷତା ଇକୋସିଷ୍ଟମ୍ ସଂସ୍କାର, ଭ୍ୟାଲୁ ଚେନ୍ ଡେଭଲପ୍‌ମେଣ୍ଟ ମାଧ୍ୟମରେ ଆଦିବାସୀ ସଶକ୍ତିକରଣ ଏବଂ ଫ୍ରଣ୍ଟିୟର ଟେକ୍ ଲ୍ୟାବ୍ ଅଧୀନରେ ଲିଭିଂ ଲ୍ୟାବ୍ ପରି ଅଭିନବ ପଦକ୍ଷେପ ଭଳି କ୍ଷେତ୍ରରେ ନୀତି ଆୟୋଗ ସହିତ ଓଡ଼ିଶାର ସକ୍ରିୟ ସହଯୋଗକୁ ସେ ପ୍ରଶଂସା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ବାଂଲାଦେଶୀ ସନ୍ଦେହ**

# ପ.ବଙ୍ଗ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼

ବାଲେଶ୍ୱର(ଉତ୍ତର),୨୪ା୧(ସମିସ): ବାଂଲାଦେଶୀ ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱର ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଜିତପୁର ମହାନ୍ତି ଛକଠାରେ ଏହି ଅଘଟଣ ଘଟିଛି। ଯୁବକଜଣଙ୍କ ଜୀବନ ବିକଳରେ ବାରମ୍ବାର କାକୁତିମିନତି ହୋଇଥିଲେ ହେଁ କେହି ତାଙ୍କ କଥା ଶୁଣିନଥିଲେ। ଆକ୍ରମଣରେ ଯୁବକଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଯୁବକଜଣଙ୍କ ଆଜି କୌଣସି କାମରେ ଚନ୍ଦନେଶ୍ୱର ଅଞ୍ଚଳକୁ ଆସିଥିଲେ। ସେ ବଙ୍ଗଳାରେ କଥାବର୍ତ୍ତା କରୁଥିବାରୁ ସ୍ଥାନୀୟ କିଛି ଲୋକ ତାଙ୍କ ଉପରେ ସନ୍ଦେହ କରିଥିଲେ। ପରେ ସେମାନେ ଏକାଠି ହୋଇ ଯୁବକଙ୍କୁ ପଚରାଉଚରା କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଯୁବକମାନେ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇ ନିସ୍ତୁକ ପିଟି ଚାଲିଥିଲେ। ଯୁବକଜଣଙ୍କ ଯେତେ



କାକୁତିମିନତି ହୋଇଥିଲେ ହେଁ ସେମାନେ କିଛି ଶୁଣିନଥିଲେ। ନିର୍ଘାତ ମାଡ଼ ମାରି ଚାଲିଥିଲେ। ତେବେ ଯୁବକଜଣଙ୍କ ଗୁରୁତର ହୋଇପଡ଼ିବା ପରେ ସେମାନେ ତାଙ୍କୁ ଛାଡ଼ି ପଳାଇଥିଲେ। ଏହି ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ ପଶ୍ଚିମବଙ୍ଗର ଉକ୍ତ ଯୁବକକୁ ଯଦି ବାଂଲାଦେଶୀ ବୋଲି ସ୍ଥାନୀୟ ଯୁବକମାନଙ୍କ ସନ୍ଦେହ ହେଲା, ତେବେ ନିକଟସ୍ଥ ମେରାଇନ ଥାନା କିମ୍ବା ଚନ୍ଦନେଶ୍ୱର ଫାଣ୍ଡିର ପୁଲିସକୁ ଡାକି ତାର ପ୍ରକୃତ ପରିଚୟ ପରୀକ୍ଷା କରାଯାଇପାରିଥା'ନ୍ତା। ମାତ୍ର ତାହା ନ କରି ଆଇନ ନିଜ ହାତକୁ ନେଇ ଏଭଳି ନୃଶଂସ ଭାବେ ମାଡ଼ ମରାଯିବା ଦୁଇ ରାଜ୍ୟ (ଓଡ଼ିଶା-ପଶ୍ଚିମବଙ୍ଗ) ସଂପର୍କକୁ ତିକ୍ତ କରିବ। ଆଗକୁ ଏହା ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ହିଂସାକୁ ପ୍ରୋତ୍ସାହିତ କରିପାରେ ବୋଲି ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

## ରଜରେ 'ଶିକାର'

ମୁନ୍ ଟିଭି ମୁଭିଜ୍ ଏବଂ ପ୍ରକାଶ ଫିଲ୍ମ ପ୍ରସ୍ତୁତ ସିଦ୍ଧାର୍ଥ ମ୍ୟୁଜିକ୍ ସହଯୋଗରେ ନୂଆ ଓଡ଼ିଆ ଫିଲ୍ମ ନିର୍ମାଣ ହେବାକୁ ଯାଉଛି । ଏହାର ନାଁ ରହିଛି 'ଶିକାର ।' ପବିତ୍ର ରଜ ପର୍ବ ଅବସରରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ।




ସିନେମାର ମୁଖ୍ୟ ଚରିତ୍ରରେ ଅମ୍ଲାନ, ଏଲିନା, ସୁପ୍ରିୟା ଓ ଅଙ୍କିତଙ୍କୁ ଦେଖିବାକୁ ମିଳିବ । ଏଥି ସହିତ ଅନ୍ୟାନ୍ୟ ଭୂମିକାରେ ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ବିଜିତ୍ ବାରିକ, ଜ୍ଞାନ ହୋତା, ପ୍ରଶାନ୍ତ ପାତ୍ର ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜିତ ଏବଂ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରାନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ । କ୍ୟାମେରାମ୍ୟାନ୍ ଅଛନ୍ତି ପ୍ରତାପ ରାଉତ । ଚଳଚ୍ଚିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି । ■

## ଭାଲେଣ୍ଟାଇନ୍ ଡେ'ରେ ବର-ବଧୂ

ଫେବୃଆରୀ ୧୩ ଅର୍ଥାତ୍ ପ୍ରେମ ଦିବସରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ବରବଧୂ' । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଏଥିରେ ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି । ଦୁହିଁଙ୍କ ଯୋଡ଼ିକୁ ଛିରେ ନନୀ ସିନେମାରେ ଦର୍ଶକୀୟ ଆଦୃତି ମିଳିଥିଲା । ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଆଶା କରାଯାଉଛି । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ । ସେହିପରି ସିନେମାର ଟିଜର ମଧ୍ୟ ରିଲିଜ୍ ହୋଇଯାଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଟିଜର୍‌କୁ ଦେଖି ଲାଗୁଛି ସିନେମାଟିକୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିବେ । ■





## ଫେବୃଆରୀ ୬ରେ ଅପେକ୍ଷା

'ଷ୍ଟୁଡିଓ ଥ୍ରୀ ସିକ୍ସଟି ଫାଇଭ୍' ବ୍ୟାନରରେ କେ. ତମନ୍ନାଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ ତାରିଖ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆନନ୍ଦ କୁମାର । ଚଳଚ୍ଚିତ୍ରରେ ଯୁବ କଳାକାର ସାର୍ଥକ-ଶୁଭାଙ୍ଗୀ ଏବଂ ସୌମ୍ୟ-ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ଅନ୍ୟାନ୍ୟ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା, ଗୁଡ୍ଡୁ ପ୍ରମୁଖ ନଜର ଆସିବେ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ । ଗୀତଗୁଡ଼ିକୁ ଲେଖିଛନ୍ତି ଡ. ନିର୍ମଳ ନାୟକ, ନିର୍ମଳ ପ୍ରିୟଶୀଷ ଏବଂ ଅରୁଣ ମନ୍ତ୍ରୀ । ଏଥିରେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ସଂଳାପ ଆଶୁତୋଷ ବାରିକ ଲେଖିଥିବା ବେଳେ ଚିତ୍ରୋତ୍ତୋଳନ ଅଜିତ ଦାଶ କରିଛନ୍ତି । ସମ୍ପାଦନା ଦାୟିତ୍ୱରେ ରଞ୍ଜନ ଖଟେଇ ଏବଂ ନୃତ୍ୟ ନିର୍ଦ୍ଦେଶନାରେ ବବି ଇସଲାମ ଅଛନ୍ତି । ଶୈଳେନ୍ଦ୍ର ପରିଡ଼ାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆକ୍ସନ ଦୃଶ୍ୟ ଏବଂ ସୃଜନ ଫିଲ୍ମସ୍ ପୋଷ୍ଟ ପ୍ରଡକ୍ସନ ଚଳଚ୍ଚିତ୍ରକୁ ଅଧିକ ଆକର୍ଷଣୀୟ କରିଛି । ଆସନ୍ତା ଫେବୃଆରୀ ୬ ତାରିଖ 'ଅପେକ୍ଷା' ମୁକ୍ତିଲାଭ କରିବ ବୋଲି ପ୍ରଚାର ବିଭାଗ କ୍ରିଏଟିଭ ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର ଜଣାଇଛନ୍ତି । ■



## 'ମିଲେଟ୍ ଡାଏରୀ'ର ଟିଜର୍ ରିଲିଜ୍

ନିକଟରେ ନୂଆ ଓଡ଼ିଆ ସିନେମା 'ମିଲେଟ୍ ଡାଏରୀ'ର ଟିଜର୍ ରିଲିଜ୍ ହୋଇଛି । ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସିନେମାରେ ମାଣ୍ଡିଆର ଗୌରବ ଗାଥା ସ୍ପଷ୍ଟ ଜଣାପଡୁଛି । ସିନେମାଟି ଜୁନ୍ ୧୨ ତାରିଖରେ ରଜ ଅବସରରେ ମୁକ୍ତିଲାଭ କରିବ । ସେହିପରି ସାମାଜିକ ଗଣମାଧ୍ୟମରେ ଏହାର ଟିଜର୍ ସେୟାର୍ ହେବା ପରେ ଖୁବ୍ ଚର୍ଚ୍ଚା ସାଉଁଟୁଛି । ସିନେମାଟିରେ ଅଭିଷେକ ପଣ୍ଡା, ସିଦ୍ଧାନ୍ତ, ଶିବାନୀ, କୁନା ତ୍ରିପାଠୀ, ଶ୍ରୀତମ, ରାଜ ରାଜେଶ, ଶକ୍ତି ବରାଳ ପ୍ରମୁଖ ଅଭିନୟ କରିଛନ୍ତି । ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଓ ପ୍ରଯୋଜନାରେ ଅଛନ୍ତି ଜେଆର୍‌ଏମ୍ । ଚିତ୍ରନାଟ୍ୟ ଏବଂ ସଂଳାପରେ ଦିଲୀପ ବିଶୋଇ ଓ ଉତ୍ତମ କୁମାର ଥିବା ବେଳେ ସଙ୍ଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, କୁଲଦୀପ, ଶଶାଙ୍କ ଶେଖର, ଆଶୁତୋଷ, ବିଶ୍ୱଜିତ ପ୍ରମୁଖ । ତେବେ ରଜରେ ଦର୍ଶକଙ୍କୁ ଏକ ସୁନ୍ଦର ହୃଦୟସ୍ପର୍ଶୀ କାହାଣୀ ଦେଖିବେ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି । ■

## ସାକ୍ଷାତକାର

'ଜୀବନ ଯମୁନାରେ ଜୁଆର ଉଠେରେ' ଧାରାବାହିକରେ ସେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ । ନିଜକୁ ଜଣେ ଅଭିନେତ୍ରୀ ଭାବେ ଗଢ଼ି ତୋଳିବାକୁ ସେ ଅନେକ ସଂଘର୍ଷ କରିଛନ୍ତି । ଦର୍ଶକଙ୍କ ମନ ଜିଣିଥିବାରେ ସଫଳ ହୋଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ଢେଙ୍କାନାଳର ଲୁମ୍ବ୍ରାଇନା ଶତପଥୀ । ସେ ଭୁବନେଶ୍ୱରରେ ରୁହନ୍ତି । ଲୁମ୍ବ୍ରାଇନା ୫ରୁ ଊର୍ଦ୍ଧ୍ୱ ମେଗା ଧାରାବାହିକ ଓ ଟେଲିଫିଲ୍ମରେ କାମ କରିଛନ୍ତି । ସେ କେବଳ ଭଲ ଅଭିନୟ କରନ୍ତି ତାହା ନୁହେଁ, ଜଣେ ବ୍ୟବସାୟୀ ମଧ୍ୟ । ଏଭଳି ଜଣେ ପ୍ରତିଭାମୟୀଙ୍କ ସହ ଏଥର ଅଳ୍ପ ଆଳାପ... ।

### "ଭଲ ଚରିତ୍ର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରେ"

**ଲୁମ୍ବ୍ରାଇନା ଶତପଥୀ, ଅଭିନେତ୍ରୀ**

**ଅଭିନୟ ଯାତ୍ରା କିପରି ଥିଲା?**

● ପିଲାଦିନରୁ ନୃତ୍ୟ, ଅଭିନୟ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା । ଏଥିପାଇଁ ପାଇଁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଉଥିଲି । 'ଜୀବନ ଯମୁନାରେ ଜୁଆର ଉଠେରେ' ଧାରାବାହିକରେ ଶିଶୁ କଳାକାର ଭାବେ ପ୍ରଥମେ ଅଭିନୟ କରିଥିଲି । ଅଭିନେତ୍ରୀ ହେବା ପାଇଁ ସଂଘର୍ଷ ଜାରି ରହିଥିଲା । 'ଶଙ୍ଖ ସିନ୍ଦୂର' ମୋର ପ୍ରଥମ ଧାରାବାହିକ । ଏହା ପରେ ପରେ 'ଜୀବନ ସାଥି', 'ମଙ୍ଗୁଳା କନ୍ୟା', 'ଆମ ଘର ଲକ୍ଷ୍ମୀ', 'କୁଆଁରୀ ବୋହୂ' ଆଦି ଧାରାବାହିକରେ ମୁଁ ଅଭିନୟ କରିଛି । 'କୁଆଁରୀ ବୋହୂ'ର ବର୍ଷା ଏବଂ 'ମଙ୍ଗୁଳା କନ୍ୟା'ର ଆରାଧ୍ୟା ଚରିତ୍ର ମୋତେ ଅଧିକ ଲୋକ ପରିଚିତି ଦେଇଥିଲା । ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**ଭଲ ଅଭିନୟ କରିବାକୁ କ'ଣ କରନ୍ତି?**

● ମେଗା ଧାରାବାହିକରେ ଜଣଙ୍କୁ ମିଳିଥିବା ଚରିତ୍ରରେ ଜଣେ କଳାକାର ଦିନ ରାତି ବୁଡ଼ି ରହିଥାନ୍ତି । ଏହାର ପ୍ରଭାବ ଆମ ନିଜ ଜୀବନ ଉପରେ ବି ପଡ଼େ । ତେଣୁ ଯେଉଁ ଚରିତ୍ର ମିଳେ ତାହାକୁ କରିବାକୁ ସମସ୍ୟା ହୁଏନି । ଅବଶ୍ୟ ଭଲ ଅଭିନୟ କରିବାକୁ ଅଭ୍ୟାସ ବି କରିବାକୁ ପଡ଼େ ।

**'ଦାସ ବାବୁଙ୍କ ସ୍ମାର୍ଟ ଝିଅ'ରେ ଲାଲି ଚରିତ୍ର କେମିତି ମିଳିଥିଲା?**

● ଅଭିନୟ ଜଗତରେ କାମ କଲେ, ଲୋକେ କିଏ କେଉଁ ଚରିତ୍ରକୁ ଫିଟ୍ ଆଉ କରିପାରିବ ତାହା ପରଖି ପାରନ୍ତି । ତେଣୁ 'ଦାସ ବାବୁଙ୍କ ସ୍ମାର୍ଟ ଝିଅ' ନିର୍ମାତା ଲାଲି ଚରିତ୍ରକୁ ମୁଁ ଫିଟ୍ ବୋଲି ଚିନ୍ତା କରି ଏହି ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ସମ୍ପୂର୍ଣ୍ଣ ନାରୀକୈନ୍ଦ୍ରିକ ଟେଲି ସିନେମା । ନିକଟରେ ରିଲିଜ୍ ହୋଇଛି । ଏଥିରୁ ସବୁକିଛି ଜଣେ ହିରୋଇନ୍ କରୁଛି । ଏହା ଏକ ଭିନ୍ନ ଧରଣର କାହାଣୀ । ଲାଲି ଚୁଲବୁଲି ଆଉ ସ୍ମାର୍ଟ ଝିଅ । ନାୟିକା ବି ହେଉଛି ପ୍ରତିଶୋଧ ବି ନେଉଛି । ଲାଲି ଚରିତ୍ର ବହୁତ ଚ୍ୟାଲେଞ୍ଜିଂ ଚରିତ୍ର ଥିଲା । ଏହି ଚରିତ୍ରକୁ ନିଭାଇବାକୁ ମୁଁ ଅନେକ ଚରିତ୍ରଗୁଡ଼ିକକୁ ଅନୁକରଣ କରିଛି ।

**କେଉଁ ଭଳି ଚରିତ୍ର କରିବାକୁ ଇଚ୍ଛା ଅଛି?**

● ଚରିତ୍ର ତ ବିଭିନ୍ନ ପ୍ରକାର ରହିଛି । ହେଲେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଚାହିଁବି । ଏମିତି ଗୋଟିଏ ଚରିତ୍ର ଯେମିତି ସମାଜରେ ପରିବର୍ତ୍ତନ ଆଣିବା ସହ ଦର୍ଶକଙ୍କ ହୃଦୟକୁ ବି ଛୁଇଁବ ।

**ଲୁମ୍ବ୍ରାଇନା ପ୍ରାୟତଃ ବିବାଦରେ ରୁହନ୍ତି କାହିଁକି?**

● ଜଣେ ଅଭିନେତା/ଅଭିନେତ୍ରୀଙ୍କ ବିଷୟରେ ସବୁବେଳେ ଚର୍ଚ୍ଚା । ପରଦା ପଛରେ ଆଉ ବାହାରେ ସେମାନଙ୍କ ବ୍ୟକ୍ତିଗତ କଥା ଜାଣିବାକୁ ଦର୍ଶକ ବହୁତ ଆଗ୍ରହ ରଖନ୍ତି । ହୁଏତ ସେଥିପାଇଁ ବିବାଦ ମୋ ପିଛା ଛାଡୁନି ।

**● ଆପଣଙ୍କ ନିଜସ୍ୱ ବ୍ୟବସାୟ ରହିଛି, ଅଭିନୟ ପାଇଁ କିପରି ସମୟ ଦିଅନ୍ତି?**

ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପରେ ଧାରାବାହିକ କରିବାକୁ ସମୟ ହେଉନି । ସେଥିପାଇଁ ଏବେ ମୁଁ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି । ସୁଟିଂ ଆଉ ବ୍ୟବସାୟ ଉଭୟକୁ ନେଇ ଆଗକୁ ବଢ଼ିବା ମୋର ଲକ୍ଷ୍ୟ ।

**ଆଗାମୀ ଯୋଜନା ?**

● ଯେତେ ଦିନ ଯାଏଁ ବଞ୍ଚିଛି ସେତେ ଯାଏଁ କେବଳ ଅଭିନୟ କରିବି । ମୋ ପାଇଁ ବଡ଼ କି ଛୋଟ ପରଦା ସେମିତି କିଛି ନାହିଁ ଭଲ କାହାଣୀ ମିଳିଲେ ନିଶ୍ଚୟ କରିବି । ■




## ୫୦୦ ଅଧ୍ୟାୟରେ 'ତୁମ ବିନା'



ଚର୍ଚ୍ଚିତ ଓଡ଼ିଆ ଧାରାବାହିକ 'ତୁମ ବିନା' ସଫଳତାର ସହ ଜୀ ସାର୍ଥକରେ ୫୦୦ ଅଧ୍ୟାୟ ପୂରଣ କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି । 'ତୁମ ବିନା'ର ବର୍ତ୍ତମାନର କାହାଣୀରେ ଅନୁରାଗ ଓ ରିଚାଙ୍କ ବିବାହ ଏବଂ ଆଦ୍ୟା ଦାୟିତ୍ୱ ନେବା ପରେ ଏକ ରୋମାଞ୍ଚକର ମୋଡ଼ ଆସିଛି । ରିଚା ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ଆଧିପତ୍ୟ ବିସ୍ତାର କରୁଥିବା ବେଳେ ଆଦ୍ୟା ଦୈବୀ ଶକ୍ତିର ପ୍ରତୀକ ସାଜି ଅଧର୍ମ ବିରୋଧରେ ଛିଡ଼ା ହୋଇଛି । ଅକ୍ଷୟଙ୍କୁ ନିଜର ନିଷ୍ଠୁର ସର୍ତ୍ତ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ କରୁଥିବା ରିଚାଙ୍କ ଛଳନା ଓ ବିଶ୍ୱାସଘାତକତା ଭିତରେ ବିଶ୍ୱାସର ପରୀକ୍ଷା ଚାଲିଛି । ଧାରାବାହିକର ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରେମ, ପାରିବାରିକ ସମ୍ପର୍କ ଓ ମାନବୀୟ ସଂଘର୍ଷକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଆଗାମୀ ଦିନରେ 'ତୁମ ବିନା'ର ଯାତ୍ରା ଅଧିକ ରୋମାଞ୍ଚକର, ଭାବପୂର୍ଣ୍ଣ ଏବଂ ପରିବର୍ତ୍ତନଶୀଳ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ୫୦୦ ଅଧ୍ୟାୟ ପରେ କାହାଣୀରେ ଆସୁଥିବା ନୂଆ ମୋଡ଼ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ଆଶା କରାଯାଉଛି । ■

## ପରଦା ପଛର କାହାଣୀ

ବଲିଉଡ୍‌ର ଅନେକ ଫିଲ୍ମ ନିଜର କାହାଣୀ, କାଷ୍ଟିଂ ଏବଂ ଗୀତ ପାଇଁ ବେଶ୍ ଲୋକପ୍ରିୟ ହୋଇଛି । ସେମିତି ଏକ ଫିଲ୍ମ ହେଉଛି 'ଧଡ଼କନ୍' । ୨୫ ବର୍ଷ ପୂର୍ବେ ମୁକ୍ତିଲାଭ କରିଥିବା



### ବିଦାୟୀ ଗୀତରେ ୧୫୦ ଥର କାନ୍ଦିଥିଲେ ଗାୟକ

ଏହି ଫିଲ୍ମର "ଦୁଲ୍‌ହେ କା ସେହରା ସୁହାନା ଲଗତା ହେଁ ..."ଗୀତକୁ ନେଇ ଏକ ସ୍ମରଣୀୟ ମୁହୂର୍ତ୍ତ ରହିଛି । ଗୀତକୁ ଗାଇବା ସମୟରେ କଣ୍ଠଶିଳ୍ପୀ ନୁସ୍‌ରତ୍ ଫତେହ ଅଲି ଖାନ୍ ୧୫୦ ଥର କାନ୍ଦି ଥିଲେ ବୋଲି ନିକଟ ଅତୀତରେ ଏକ ସାକ୍ଷାତକାରରେ ଗୀତିକାର ସୀମର ଅଞ୍ଜାମ୍ କହିଛନ୍ତି । ସାଧାରଣତଃ ଜଣେ ଝିଅ ପାଇଁ ବିବାହ ପରର ବିଦାୟ ମୁହୂର୍ତ୍ତ ଖୁବ୍ ଭାବବିହ୍ୱଳ ହୋଇଥାଏ । ଫିଲ୍ମ 'ଧଡ଼କନ୍'ରେ ମଧ୍ୟ ବିଦାୟ ଗୀତରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଫିଲ୍ମରେ ଅକ୍ଷୟ କୁମାର, ଶିଳ୍ପା ସେଟ୍ଟୀ, ସୁନିଲ୍ ସେଟ୍ଟୀ, ମହିମା ଚୌଧୁରୀ ମୁଖ୍ୟ ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । ଏହାର ସଂଳାପ ନସୀମ୍ ମୁକ୍‌ରୀ – ଧର୍ମେଶ୍ ଦର୍ଶନ ଲେଖିଥିଲେ । ସେହିପରି ଗୀତଗୁଡ଼ିକକୁ ସଂଗୀତରେ ସଜାଇ ଥିଲେ ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ନଦୀମ୍ – ଶ୍ରବଣଙ୍କ ଯୋଡ଼ି । ଏଥିରେ ଗୀତିକାର ହେଉଛନ୍ତି ସମୀର । ପ୍ରାୟ ୯.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଫିଲ୍ମ ବିଶ୍ୱସ୍ତରରେ ୨୬.୪୭ କୋଟି ଟଙ୍କା ଆୟ କରିଥିଲା । "ଦୁଲ୍‌ହେ କା ସେହରା ସୁହାନା ଲଗତା ହେଁ ...' ଗୀତକୁ ନୁସ୍‌ରତ୍ ଫତେହ ଅଲି ଖାନ୍ ଗାଇଥିଲେ । ଏହି ସୁନ୍ଦର ଗୀତରେ ଅକ୍ଷୟ କୁମାର ଏବଂ ଶିଳ୍ପା ସେଟ୍ଟୀଙ୍କ ବିବାହ ସମୟର ଦୃଶ୍ୟ ଦେଖାଯାଇଥିଲା । ଗୀତିକାର ସୀମର ଅଞ୍ଜାମ୍‌ଙ୍କ କହିବାନୁଯାୟୀ, ଏହି ଗୀତକୁ ଗାଉଥିବା ସମୟରେ ନୁସରତ ୧୫୦ ଥର କାନ୍ଦିଥିଲେ । ସେହିଦିନ ନୁସ୍‌ରତ୍ ମୁମ୍ବାଇ ଆସିଥିଲେ । 'ଦିଲ୍ ନେ ୟେ କହା ହେଁ ଦିଲ୍ ସେ...' ଭଳି ଅନେକ ଗୀତ ରେକର୍ଡ ହୋଇସାରିଥିଲା । ନୁସ୍‌ରତ୍‌ଙ୍କ ପ୍ରଶଂସକ ଚାହୁଁଥିଲେ ଏହି ଫିଲ୍ମରେ ସେ ଏକ ଗୀତ ଗାଆନ୍ତୁ ବୋଲି । କିନ୍ତୁ ସମସ୍ୟା ଥିଲା ନୁସ୍‌ରତ୍ ବାହାର ଗୀତ ଗାଉ ନ ଥିଲେ । ବହୁ ଅନୁରୋଧ କରିବା ପରେ ସେ ଗୀତ ଗାଇବା ପାଇଁ ରାଜି ହୋଇଥିଲେ । "ମୈ ତେରୀ ବାହୋ କେ ଝୁଲେ ମୈ ପଲି ବାବୁଲ...." ପଦ ଆସିବା ପରେ ସେ କାନ୍ଦି ପକାଇ ଥିଲେ । ପ୍ରାୟ ୧୫୦ ଥର ଏହି ଲାଇନ୍ ପାଖରେ ଗୀତ କଟ୍ ହୋଇଥିଲା । ପ୍ରତି ଥର ସେ ଧାଡ଼ିଟିକୁ ଗାଇବା ବେଳେ କାନ୍ଦି ପକାଉ ଥିଲେ । ଏହି ଗୀତଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ■

ସକାଳ
THE SAKALA
www.sakalaepaper.com

# କ୍ଷତିରେ ପଡ଼ିବ ବାଂଲାଦେଶ କ୍ରିକେଟ

## ଗ୍ରୁପ୍-ସି'ରେ ସ୍କଟଲାଣ୍ଡ ସାମିଲ ● ଭାରତରେ ଖେଳିବ ସମସ୍ତ ମ୍ୟାଚ୍ ● ବାଂଲାଦେଶ କ୍ରିକେଟ ଓ ଖେଳାଳି କ୍ଷତିଗ୍ରସ୍ତ

ଦୁବାଇ,୨୪।୧(ଏଜେନ୍ସି):

ଚଳିତ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ଯେଉଁ କଳ୍ପନା ଜଳ୍ପନା, ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଶନିବାର ଶେଷ ହୋଇଛି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି ବାଂଲାଦେଶ। ଭାରତରେ ଖେଳିବାକୁ ମନା କରିବାକୁ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ପରିଚାଳନା ସଂସ୍ଥା ବାଧ ହୋଇ ବାଂଲାଦେଶକୁ ଛାଡ଼ି ବିଶ୍ୱକପ୍ ଆୟୋଜନ କରିବାକୁ ସ୍ଥିର କରିଛି। ବାଂଲାଦେଶର ସ୍ଥାନ ପୂରଣ ଲାଗି ଆଇସିସି ସହଯୋଗୀ ରାଷ୍ଟ୍ର ମଧ୍ୟରେ



ଶ୍ରେଷ୍ଠ ଦଳ ତଥା ଆଇସିସି ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ସ୍କଟଲାଣ୍ଡକୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଆମନ୍ତ୍ରଣ କରିଛି। ସ୍କଟଲାଣ୍ଡ କ୍ରିକେଟ ପକ୍ଷରୁ ସୁଯୋଗ ପାଇଥିବାରୁ ଆଇସିସିକୁ କୃତଜ୍ଞତା ଜଣାଇଛି ଓ ଅଂଶଗ୍ରହଣ ପାଇଁ ପ୍ରସ୍ତୁତ ବୋଲି କହିଛି। ଏବେ ଆମ ଉପରେ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ପୂରଣ କରିବୁ ବୋଲି ବୋର୍ଡ ପକ୍ଷରୁ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ସ୍କଟଲାଣ୍ଡର ଅଂଶଗ୍ରହଣକୁ ବିଧିବଦ୍ଧ ଭାବେ ଆଇସିସି ଆଜି ଘୋଷଣା କରିଥିଲା। ଏହା ଫଳରେ କୋଟି କୋଟି ବାଂଲାଦେଶୀ ସମର୍ଥକ ଓ ଖେଳାଳିଙ୍କ ସ୍ୱପ୍ନ ଚୁରମାର ହୋଇଯାଇଛି। କାମଚଳା ସରକାର ବାଂଲାଦେଶରେ ଯେପରି ଅରାଜକତା ଲଗାଇଛନ୍ତି, ଠିକ୍ ସେହିପରି କ୍ରିକେଟକୁ ଧ୍ୱଂସ କରିବାକୁ ଚକ୍ରାନ୍ତ କରିଥିବା ସମର୍ଥକମାନେ ଅଭିଯୋଗ କରିଛନ୍ତି। ଏହି ନିଷ୍ପତ୍ତିରେ ବାଂଲାଦେଶ କ୍ରିକେଟ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି।

### ବେଖାତିର ଓ ଜିଦ୍

ବାଂଲାଦେଶ ସରକାରଙ୍କ ରାଜନୈତିକ ଜିଦ୍ ଓ ଖେଳାଳିମାନଙ୍କ ପ୍ରତି ବେଖାତିର ମନୋଭାବ ଲାଗି ଆଜି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ବାଂଲାଦେଶ ଖେଳାଳି ଓ କର୍ମକର୍ତ୍ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ତାହାର ସମସ୍ତ ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ଆଇସିସିର ନିରପେକ୍ଷ ସଂସ୍ଥା ପକ୍ଷରୁ ତଦନ୍ତ କରାଯାଇ ଭାରତରେ ବାଂଲା ଖେଳାଳିଙ୍କ ଜୀବନପ୍ରତି କିଛି ବିପଦ ନ ଥିବା ଦର୍ଶାଇଥିଲା। ଯାହା ଫଳରେ ଆଇସିସି ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା। ଜାନୁଆରୀ ୨୧ରେ ଆଇସିସିର ଶକ୍ତିଶାଳୀ ବୋର୍ଡ ବୈଠକରେ ବାଂଲା ବୋର୍ଡର ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଭେନ୍ୟୁ ପରିବର୍ତ୍ତନ ଦାବିକୁ ବାଂଲାଦେଶ ଓ ପାକିସ୍ତାନ କ୍ରିକେଟ ବୋର୍ଡ ବ୍ୟତୀତ ଅନ୍ୟ ସମସ୍ତେ ବିରୋଧ କରିଥିଲେ। ଏହା ପରେ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ଗୁରୁବାର ସୁଦ୍ଧା ଭାରତରେ ଖେଳିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବାଂଲା ବୋର୍ଡକୁ ଆଇସିସି ପକ୍ଷରୁ ଅନ୍ତିମ ଚେତାବନୀ ଦିଆଯାଇଥିଲା। ବାଂଲାଦେଶ ସରକାର ଭାରତରେ କ୍ରିକେଟ ଦଳ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ମଧ୍ୟ ଆଇସିସିକୁ ଏହା ଅବଗତି କରାଇ ନ ଥିଲା। ବରଂ ଏହାର ସମାଧାନ ଲାଗି ଆଉ ଏକ ନିରପେକ୍ଷ ସଂସ୍ଥାର ଦ୍ୱାରସ୍ଥ ହେବାକୁ କ୍ରିକେଟ ବୋର୍ଡକୁ କହିଥିଲା।

ଗୁରୁବାର ଦିନ ୨୪ ଘଣ୍ଟିଆ ଡେଡ୍‌ଲାଇନ ପୂରଣ ହେବା ପରେ ଆଇସିସି ସିଇଓ ସଂଯୋଗ ଗୁପ୍ତା କାର୍ଯ୍ୟନିର୍ବାହୀ କମିଟିରେ ଥିବା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଶେଷ ମୁହୂର୍ତ୍ତରେ ଏକ ସଦସ୍ୟ ରାଷ୍ଟ୍ରର ଦାବି ଅନୁଯାୟୀ ଭେନ୍ୟୁ ପରିବର୍ତ୍ତନ କରାଗଲେ ଏକ ଖରାପ ପରମ୍ପରା ସୃଷ୍ଟି ହେବ ବୋଲି ଗୁପ୍ତା ସଦସ୍ୟମାନଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ। ବିଶ୍ୱକପ୍‌ର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ଆଞ୍ଚ ଆସିବ। ଏଣୁ ବାଂଲାର ଦାବି ଗ୍ରହଣ କରାଯାଇପାରିବ ନାହିଁ। ଆଇସିସି ନିୟମ ଅନୁଯାୟୀ ବାଂଲାଦେଶ ସ୍ଥାନରେ ଆଉ ଏକ ଦେଶକୁ ଖେଳିବା ଲାଗି ଆମନ୍ତ୍ରଣ କରାଯିବା ଜରୁରୀ ବୋଲି ଆଇସିସି ସିଇଓ ସଂଯୋଗ ଗୁପ୍ତା ଏହି ଚିଠିରେ ମଧ୍ୟ ଉଲ୍ଲେଖ କରିଥିଲେ। କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟଥିବା ବାଂଲାଦେଶର ଅମିନୁଲ ଇସ୍‌ଲାମ୍‌ଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଏହି ଚିଠି ଦିଆଯାଇଥିଲା। ସଦସ୍ୟରାଷ୍ଟ୍ରଙ୍କଠାରୁ ସ୍ୱୀକୃତି ପାଇବା ପରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଆଶା ଶେଷ ହୋଇଯାଇଥିଲା।

### କାହିଁକି ସ୍କଟଲାଣ୍ଡ

ବାଂଲାଦେଶ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଟି-୨୦ ବିଶ୍ୱକପ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇଛି। ଗତ ବିଶ୍ୱକପ୍ ଗୁଡିକରେ ଉନ୍ନତ ପ୍ରଦର୍ଶନ ଓ ଯୋଗ୍ୟତା ଅର୍ଜନ କରି ନ ଥିବା ଦଳ ଗୁଡିକ ମଧ୍ୟରେ ସର୍ବୋଚ୍ଚ ମାନ୍ୟତା ୧୪ ନମ୍ବରରେ ଥିବାରୁ ସ୍କଟଲାଣ୍ଡକୁ ବାଂଲାଦେଶ ସ୍ଥାନରେ ବିଶ୍ୱକପ୍ ଖେଳିବାକୁ ସୁଯୋଗ ଦିଆଯାଇଛି। ୨୦୨୪ ବିଶ୍ୱକପ୍‌ରେ ଗ୍ରୁପ-ବି'ରେ ସ୍ଥାନ ପାଇଥିବା ସ୍କଟଲାଣ୍ଡ ପଡୋଶୀ ରାଷ୍ଟ୍ର ଇଂଲଣ୍ଡ ସହ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍‌ରନ୍‌ରେଟ୍ ଯୋଗୁ ତୃତୀୟ ସ୍ଥାନରେ ରହିଥିଲା। ୨୦୨୨ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲେ ମଧ୍ୟ ଦଳ ତୃତୀୟ ସ୍ଥାନରେ ଗ୍ରୁପ୍ ଲିଗ୍ ଶେଷ କରିଥିଲା। ଯାହା ଫଳରେ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ଦଳ ସୁପର-୧୨'କୁ ଉନ୍ନୀତ ହୋଇ ପାରି ନ ଥିଲା। ୨୦୨୧ରେ ବାଂଲାଦେଶକୁ ହରାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରି ସୁପର-୧୨ରେ ପ୍ରବେଶ କରିଥିଲା। କିନ୍ତୁ ଏଥିରେ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲା।

ଏବେ ବାଂଲାଦେଶ ବଦଳରେ ଖେଳିବାକୁ ସୁଯୋଗ ପାଇଥିବା ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସାମିଲ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୱେଷ୍ଟଇଣ୍ଡିଜ୍ ସହ ଫେବୃଆରୀ ୭ରେ, ଇଟାଲୀ ସହ ଫେବୃଆରୀ ୯ରେ ଓ ଇଂଲଣ୍ଡ ସହ ଫେବୃଆରୀ ୧୪ରେ ଖେଳିବ। ଏହି ୩ଟି ମ୍ୟାଚ୍ କୋଲ୍‌କାତାରେ ଖେଳାଯିବ। ଏହା ପରେ ମୁମ୍ବଇରେ ନେପାଳ ସହ ଶେଷ ଲିଗ୍ ମ୍ୟାଚ୍ ଫେବୃଆରୀ ୧୭ରେ ଖେଳିବ।

## ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍
# ଭାରତ-ପାକିସ୍ତାନ ସୁପର ସିକ୍ସ ମୁକାବିଲା ୧ରେ



ବୁଲାୱାୟୋ,୨୪।୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ହାସଲ କରିବା ସହ ସୁପର ସିକ୍ସରେ ପ୍ରବେଶ କରିଛି। ଏଠାରେ ଭାରତ ଖେଳିଥିବା କ୍ରମାଗତ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ୪ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଖେଳିଥିବା ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୩୬.୨ ଓଭରରେ ୧୩୫ ରନ୍ କରିଥିଲା। ଭାରତର ଆର୍‌ଏସ୍ ଅମ୍ବରିଶଙ୍କୁ ୪ଟି ଓ ହେନିଲ ପଟେଲ୍‌ଙ୍କୁ ୩ଟି ୱିକେଟ ମିଳିଥିଲା। ବର୍ଷା ଯୋଗୁଁ ଭାରତ ଆଗରେ ୩୭ ଓଭରରେ ୧୨୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଦଳ ପକ୍ଷରୁ ଆୟୁଷ ମାହତ୍ରେ ୨୭ ବଲ୍‌ରେ ୫୩ ଓ ବୈଭବ ସୂର୍ଯ୍ୟବଂଶୀ ୨୩ ବଲ୍‌ରେ ୪୦ ରନ୍ କରିଥିଲେ। ଏହି ବିଜୟ ସହ ଭାରତ ଉନ୍ନତ ରନ୍ ହାର ଓ ବୋନସ ପଏଣ୍ଟ ସହ ସୁପର ସିକ୍ସରେ ପ୍ରବେଶ କରିଛି। ସୁପର ସିକ୍ସରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଜିମ୍ବାୱେ ସହ ଜନୁଆରୀ ୨୭ରେ ଓ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ଫେବୃଆରୀ ୧ରେ ଖେଳିବ। ଫେବୃଆରୀ ୩ ଓ ୪ ରେ ସେମିଫାଇନାଲ, ଫେବୃଆରୀ ୬ରେ ଫାଇନାଲ ମୁକାବିଲା ଖେଳାଯିବ।

## ■ ସିକେ ନାଇଡୁ ଟ୍ରଫି
# ଶ୍ରେୟାଂଶ, ସୂଜଲଙ୍କ ଶତକରେ ଓଡ଼ିଶାର ସ୍ଥିତି ଦୃଢ଼

ଭୁବନେଶ୍ୱର, ୨୪।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ଜାତୀୟ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି। ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୮ ଓଭରରେ ୪ ୱିକେଟ୍‌ରେ ୪୩୯ ରନ ସଂଗ୍ରହ କରିଛି। ଫଳରେ ୬ ୱିକେଟ୍ ବଳକା ଥାଇ ଓଡ଼ିଶା ୧୬୩ ରନରେ ଅଗ୍ରଣୀ ରହିଛି। ଘରୋଇ ଦଳ ପକ୍ଷରୁ ଦୁଇ ମଧ୍ୟକ୍ରମ ବ୍ୟାଟର୍ ସୂଜଲ ସିଂ ଓ ଶ୍ରେୟାଂଶ ଭରଦ୍ୱାଜ ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି। ସୁଜଲ ସର୍ବାଧିକ ୧୫୬ ରନ କରିଥିଲେ। ୧୬୩ ବଲର ଏହି ପାଳିରେ ସେ ୨୧ଟି ଚୌକା ମାରିଥିଲେ।



ସୂଜଲ ସିଂ



ଶ୍ରେୟାଂଶ ଭରଦ୍ୱାଜ

ସେହିଭଳି ୧୪ଟି ଚୌକା ସହ ୧୯୮ ବଲରୁ ଶ୍ରେୟାଂଶ ୧୨୧ ରନ କରି ଆଉଟ୍ ହୋଇଥିଲେ। ତୃତୀୟ ୱିକେଟ ଭାଗୀଦାରିରେ ସୂଜଲ ଓ ଶ୍ରେୟାଂଶ ୨୬୫ ରନ ଉଠାଇବା ଓଡ଼ିଶାର ସ୍ଥିତିକୁ ଦୃଢ଼ କରିଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଓମ୍ ଟି ମୁଣ୍ଡେ ୬୭, ଦୀନେଶ ମାଝି ୪୪ ରନ କରି ଆଉଟ୍ ହୋଇଛନ୍ତି। ଖେଳ ଶେଷବେଳକୁ ଆଶୀର୍ବାଦ ସ୍ୱାଇଁ ୨୦ ଓ ସାଇଦୀପ ମହାପାତ୍ର ୫ ରନ କରି ଖେଳୁଛନ୍ତି। ହରିୟାଣାର ପରମ ଚାଣ୍ଡିଲାଙ୍କୁ ୨ଟି ୱିକେଟ୍ ମିଳିଥିଲା। ମ୍ୟାଚ ଆହୁରି ୨ ଦିନ ବାକି ରହିଥିବାରୁ ଓଡ଼ିଶା ଭଲସ୍ଥିତିରେ ରହିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

## ଗୌହାଟୀରେ ତୃତୀୟ ଟି-୨୦ ଆଜି
# ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ

ଗୌହାଟୀ,୨୪।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୭ ୱିକେଟରେ ଜିତି ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଦଳର ଶକ୍ତିଶାଳୀ ବ୍ୟାଟିଂ ଆଉଥରେ କ୍ଲିକ୍ କଲେ ଏଠାରେ ସିରିଜ୍ କବ୍‌ଜା କରିବା ଭାରତ ଲାଗି ବିଶେଷ ଅସୁବିଧା ହେବ ନାହିଁ। ଭ୍ରମଣକାରୀ ଦଳ ସହ ଭାରତରେ ୪ଟି ସିରିଜ୍ ଖେଳାଯାଇଥିଲାବେଳେ ସବୁଥିରେ ଘରୋଇ ଦଳ ବିଜୟୀ ହୋଇଛି। ଏଣୁ ଆଉ ଏକ ସିରିଜ୍ ଜିତିବା ଦ୍ୱାରଦେଶରେ ପହଞ୍ଚିଛି। ଦଳର ଅସୁବିଧା ହେଉଛି ବୋଲରଙ୍କର ଶୃଙ୍ଖଳାହୀନ ବୋଲିଂ ଓ ଫିଲ୍ଡିଂ। ଏହି ଦୁଇଟି କାଟାଗୋରୀରେ ଭାରତଠାରୁ ଆଗରେ ରହିଛି ନ୍ୟୁଜିଲାଣ୍ଡ। ଓପନର ସଞ୍ଜୁ ସାମସନଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଟପ୍ ଅର୍ଡର ଭାରତୀୟ ବ୍ୟାଟର ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ଦଳ ଭାରତରେ କିଭଳି ଖେଳିବାକୁ ହେବ ତାହାର ସୂତ୍ର ଆମକୁ ଜଣାଅଛି ବୋଲି କହିଛନ୍ତି ଅଧିନାୟକ ମିଚେଲ ସାଣ୍ଟନର। କିନ୍ତୁ ଭାରତୀୟ ବ୍ୟାଟରଙ୍କୁ ସେମାନେ କିପରି ଅଟକାଇବେ ତାହାର ସୂତ୍ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଜଣାପଡ଼ିନାହିଁ। ଭାରତକୁ ହରାଇବା କଷ୍ଟକର କିନ୍ତୁ ଅସମ୍ଭବ ନୁହେଁ ବୋଲି ସାଣ୍ଟନର କହିଛନ୍ତି।

### ବିପଦରେ ସାମସନ୍

ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ସଞ୍ଜୁ ସାମସନଙ୍କ କ୍ରମାଗତ ବିଫଳତା ତାଙ୍କୁ ବିପଦ ମଧ୍ୟକୁ ଠେଲିଦେଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ସର୍ଟବଲ୍ ଖେଳିବାକୁ ଯାଇ ମିଡ୍‌ୱିକେଟ ଓ ମିଡ୍‌ଅନ୍‌ରେ କ୍ୟାଚ୍ ଆଉଟ ହୋଇଛନ୍ତି। ଏପରିକି ସେ ୨୦୨୫ ପରଠାରୁ ସେ ୮ ଥର ଇନିଂସ ଓପନ କରିଥିବା ବେଳେ ୭ଥର ପାୱାର ପ୍ଲେ'ରେ ଆଉଟ ହୋଇଛନ୍ତି। ଇଶାନ କିସାନ ବ୍ୟାଟିଂ ଫର୍ମକୁ ଫେରିବା ପରେ ସାମସନଙ୍କ ସ୍ଥାନ ୱିକେଟରକ୍ଷକ ଭାବେ ସୁରକ୍ଷିତ ନୁହେଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୨୪ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତ ବିପକ୍ଷରେ ୮ଟି ମ୍ୟାଚ୍ ଖେଳି ୫ଟିରେ ପରାଜିତ ହୋଇଛି। ଅନ୍ୟ ୩ଟି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇନାହିଁ। ଉଭୟ ସାମସନ ଓ ନ୍ୟୁଜିଲାଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିବେ କି ନାହିଁ ତାହା ତୃତୀୟ ମ୍ୟାଚ୍ ପରେ ସ୍ପଷ୍ଟ ହେବ।

# ଡବ୍ଲ୍ୟୁପିଏଲ୍: ଆର୍‌ସିବିର ବିଜୟରେ ବ୍ରେକ୍

ଭଦୋଦରା, ୨୪।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବିଜୟ ରଥରେ ବ୍ରେକ୍ ଲାଗିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟରେ ଆର୍‌ସିବିକୁ ପରାସ୍ତ କରିଛି। ଫଳରେ କ୍ରମାଗତ ୫ ମ୍ୟାଚ୍ ଜିତିଥିବା ଆରସିବି ପ୍ରଥମ ପରାଜୟବରଣ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ଇନିଂସର ଶେଷ ବଲରେ ୧୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ସ୍ମୃତି ମନ୍ଧାନା କେବଳ ୩୮ ରନର ଉପଯୋଗୀ ପାଳି ଖେଳିଥିଲେ। ବୋଲିଂରେ ନନ୍ଦନୀ ଶର୍ମା ୩ ୱିକେଟ୍ ନେଇଥିଲେ। ଜବାବରେ ଦିଲ୍ଲୀ ୧୫.୪ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଓଡ଼ିଶା-ସର୍ଭିସେସ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୧ (ସମିସ): ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ପ୍ରଥମ ପଏଣ୍ଟ ହାସଲ କରିଛି। ଶନିବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ସର୍ଭିସେସ ବିପକ୍ଷରେ ଓଡ଼ିଶା ଗୋଲଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ। ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଥିଲା। ପରବର୍ତ୍ତୀ ଗ୍ରୁପ୍ ମ୍ୟାଚରେ ଓଡ଼ିଶା ମଙ୍ଗଳବାର କେରଳ ବିପକ୍ଷରେ ଖେଳିବ।

## ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ
# ଏ'ରେ ଅଭିଜିତ, ସି'ରେ ବୈଭବ ଚାମ୍ପିଅନ

ଭୁବନେଶ୍ୱର,୨୪।୧(ସମିସ): ୫ଥରର ରାଜ୍ୟଗୋଷ୍ଠୀ ଚାମ୍ପିଅନ ତଥା ଭାରତର ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ, ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୧୩୭୬ ଜଣ ଖେଳାଳିଙ୍କୁ ନେଇ ଆୟୋଜିତ ୪ଟି କାଟାଗୋରୀରେ ୪୫ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏହି ମହୋତ୍ସବ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ଆୟୋଜିତ ହୋଇଥିଲା। ଶନିବାର ଶେଷ ହୋଇଥିବା ମୁଖ୍ୟ ବା କାଟେଗୋରୀ-ଏ'ରେ ଚାମ୍ପିଅନ ହୋଇ ଅଭିଜିତ ଟ୍ରଫି ସହ ୫.୫ ଲକ୍ଷ, ଭିଏତନାମର ଦୁଇ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ୍ ଡକ୍ ହୋଆ ଓ ଏନ୍‌ଗୁଏନ ଭାନ ହୁଏ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଡକ୍ ହୋଆଙ୍କୁ ଟ୍ରଫି ସହ ୩.୫ ଓ ଭାନ ହୁଏଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ଦିଆଯାଇଛି। ତାଙ୍କ ପଛକୁ ରୁଷିଆର ଦୁଇ ଗ୍ରାଣ୍ଡମାଷ୍ଟର ବୋରିସ ସେଭାଚେଙ୍କୋ ଚତୁର୍ଥ ଓ ଡେଭିଡ୍ ଜି. ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ରଖିଥିଲେ ମଧ୍ୟ ବୁକୋଲଜ୍‌ରେ ୧୬ଶ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ରାଜ୍ୟ ମହିଳା ଚାମ୍ପିଅନ ୟଶିତା ରାଉତ ୯୧ତମ ସ୍ଥାନରେ ରହିଥିଲେ। ପୂର୍ବରୁ କାଟାଗୋରୀ-ବି'ରେ ସୌମାଲ୍ୟ ମଣ୍ଡଳ ଚାମ୍ପିଅନ ହୋଇଥିଲେ।



କାଟାଗୋରୀ-ସି'ରେ ବୈଭବ ଅପରାଜିତ ରହି ଚାମ୍ପିଅନ ହୋଇ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ଓଡ଼ିଶାର ସୁରଜ ମହାରଣା ରନର୍ସଅପ୍ ହେବା ସହ ୭୦,୦୦୦ ଟଙ୍କା ଓ ଟ୍ରଫି ପାଇଥିଲେ। ଦେବୀପ୍ରସାଦ ବିଶ୍ୱାଳ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ୯ମ ଓ ଶ୍ରେୟସ ବେହୁରିଆ ୧୧ଶ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ପ୍ରମୁଖ ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ କୁମାର ସାହୁ, କାଳନ୍ଦି ସାମଲ, ଶ୍ରୀମତୀ ପଲୀ ପଟ୍ଟନାୟକ, ଦେବବ୍ରତ ଭଟ୍ଟ, ଯୁଗ୍ମ ଆୟୋଜକ ଇଏସ୍‌ପିଏଓ ସମ୍ପାଦକ ଅଭିଷେକ ମିତ୍ର, ରୋଟାରିଆନ ରାକେଶ ଦଳାଇ, ଗୋପକୁମାର ଏମ୍‌ଏସ୍, କରୁଣାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ତାମିଲନାଡୁ ବିପକ୍ଷ ରଣଜୀ ଲଢ଼େଇ
# ଟାର୍ଗେଟ୍ ୪୫୫; ଓଡ଼ିଶା ୪୭/୨

ଭୁବନେଶ୍ୱର, ୨୪।୧ (ସମିସ): ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ତାମିଲନାଡୁ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପରାଜୟ ଦ୍ୱାରରେ



ରହିଛି। ତାମିଲନାଡୁ ପକ୍ଷରୁ ଧାର୍ଯ୍ୟ ୪୫୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଓଡ଼ିଶା ଶନିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୪୭ ରନ ସଂଗ୍ରହ କରିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ଟି ଚୌକା ସହାୟତାରେ ୩୪ ବଲରୁ ୩୬ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର୍ ସ୍ୱସ୍ତିକ ସାମଲ ୧୦ ରନ ଓ ଶାନ୍ତନୁ ମିଶ୍ର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଭ୍ରମଣକାରୀ ଅଧିନାୟକ ସାଇ କିଶୋର ଓ ସୋନୁ ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ବିଜୟ ଲାଗି ଓଡ଼ିଶାକୁ ଦିବସରେ ଖେଳାଯିବାକୁ ଥିବା ୯୦ ଓଭରରେ ଆହୁରି ୪୦୮ ରନ ଆବଶ୍ୟକ ହେଉଛି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୁପରଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ରହିଥିଲେ ମଧ୍ୟ ଓଡ଼ିଶା ପାଇଁ ଏହି ଲକ୍ଷ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ହେବ। ସେହିଭଳି ଓଡ଼ିଶାର ବଳକା ୮ ୱିକେଟ୍ ନେଇ ତାମିଲନାଡୁ ମ୍ୟାଚରୁ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

ପୂର୍ବରୁ ତାମିଲନାଡୁ ପ୍ରଥମ ପାଳିରେ ୨୮୬ ରନ ଜବାବରେ ଓଡ଼ିଶା ୧୪୮ ରନରେ ସୀମିତ ରହିଥିଲା। ୧୩୮ ରନରେ ଆଗୁଆ ରହିଥିବା ତାମିଲନାଡୁ ଦ୍ୱିତୀୟ ପାଳିରେ ୩୧୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ୫ ୱିକେଟ୍ ସଫଳତା ପାଇଥିବା ସୋନୁ ୭୪ ଓ ଅତିଶ ଏସଆର ୮୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୩ଟି ଏବଂ ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଅଷ୍ଟ୍ରେଲିଆନ୍ ଓପନ୍
# ଜୋକୋଭିଚ୍‌ଙ୍କ ରେକର୍ଡ ୪୦୦ ମ୍ୟାଚ୍ ବିଜୟ



ଆମଣ୍ଡା ଆନିସିମୋଭା

ମେଲବୋର୍ଣ୍ଣ, ୨୪।୧ (ଏଜେନ୍ସି):

୨୪ଥରର ରେକର୍ଡ ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡ ମ୍ୟାଚରେ ଜୋକୋଭିଚ୍ ୬-୩, ୬-୪, ୭-୬ ସେଟ୍‌ରେ ନେଦରଲାଣ୍ଡ୍‌ସର ବୋଟିକ ଭାନ ଜାଣ୍ଡସ୍କୁପଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ପ୍ରଥମ ପୁରୁଷ ଟେନିସ ଖେଳାଳି ଭାବେ ୩୮ ବର୍ଷୀୟ ଜୋକୋଭିଚ୍ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ମେଲବୋର୍ଣ୍ଣ ପାର୍କରେ ଜୋକୋଭିଚଙ୍କ ଏହା ୧୦୨ତମ ବିଜୟ ଥିଲା। ପୁରୁଷ ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୫ମ ସିଡ୍ ଲୋରେଞ୍ଜୋ ମୁସେଟ୍ଟି, ୮ମ ସିଡ୍ ଆମେରିକାର ବେନ୍ ସେଲଟନ୍, ୯ମ ସିଡ୍ ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ୍ ବିଜୟୀ ହୋଇ ରାଉଣ୍ଡ-୪ରେ ପହଞ୍ଚିଛନ୍ତି। ତେବେ ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନରେ ପରାଜୟ ସହ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର ମାଡିସନ କିଜ୍, ୬ଷ୍ଠ ସିଡ୍ ଜେସିକା ପେଗୁଲା, ୪ର୍ଥ ସିଡ୍ ଆମଣ୍ଡା ଆନିସିମୋଭା, ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ, ୫ମ ସିଡ୍ ଏଲିନା ରିବାକିନା ବିଜୟୀ ହୋଇ ପ୍ରି-କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଆହତ ସମସ୍ୟା ଲାଗି ଦୁଇଥରର ଚାମ୍ପିଅନ ନାଓମି ଓସାକା ୩ୟ ରାଉଣ୍ଡ ପୂର୍ବରୁ ଓହରିଯାଇଥିଲେ। ଫଳରେ ତାଙ୍କ ପ୍ରତିପକ୍ଷ ଅଷ୍ଟ୍ରେଲୀୟ ଖେଳାଳି ମାଡିସନ ଇଂଲିଶ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି।

### ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ୟୁକି ଭାମ୍ବ୍ରୀ

ଭାରତୀୟ ଟେନିସ ଖେଳାଳି ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ରାଉଣ୍ଡ-୩୨'ର ଏକ ମ୍ୟାଚରେ ଭାମ୍ବ୍ରୀ ଓ ତାଙ୍କ ସୁଇଜରଲାଣ୍ଡ ପାର୍ଟନର ଆନ୍ଦ୍ରେ ଗୋରାନସନ ଯୋଡ଼ି ୪-୬, ୭-୬ (୫), ୬-୩ ସେଟରେ ସାଣ୍ଟିଆଗୋ ଗୋଞ୍ଜାଲେ ଓ ଡେଭିଡ୍ ପିଲ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଭାମ୍ବ୍ରୀ-ଆନ୍ଦ୍ରେ ଯୋଡ଼ିଙ୍କୁ ୨ ଘଣ୍ଟା ୬ ମିନିଟ୍ ସମୟ ଲାଗିଥିଲା। ତେବେ ମିକ୍ସଡ ଡବଲ୍ସରେ ଭାରତର ଶ୍ରୀରାମ ବାଲାଜୀ ଓ ତାଙ୍କ ଅଷ୍ଟ୍ରିଆ ଯୋଡ଼ି ନେଲ ଓବେରଲେଇଟନର ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS